आଜି - ରବିବାର
ତାରିଖ - ୨୩ ଅଗଷ୍ଟ ୨୦୨୬
ମାସ - ସିଂହ, ଦିନ - ୦୭
ତିଥି - ଏକାଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ମୂଳା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୩ : ୦୦
ସୂର୍ଯ୍ୟାସ୍ତ - ୬ : ୦୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"କୌଣସି ଶିଶୁକୁ ତୁମର ଶିକ୍ଷା ଭିତରେ ସୀମିତ କରି ରଖ ନାହିଁ, କାରଣ ସେ ତୁମ ସମୟରେ ନୁହେଁ, ଅନ୍ୟ ଏକ ସମୟରେ ଜନ୍ମଲାଭ କରିଛି ।"
- ରବୀନ୍ଦ୍ର ନାଥ ଠାକୁର


E-News : www.Ajikali epaper.com

Vol.- 41 ISSUE- 130 R.N.I. REGD. No. 44026/86 ବାଲେଶ୍ୱର ୨୩ ଅଗଷ୍ଟ ୨୦୨୬ ରବିବାର BALASORE 23 AUGUST 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ସିଲିକନ ୟୁନିଭର୍ସିଟିର ତୃତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ରାଜ୍ୟପାଳ




ଭୁବନେଶ୍ୱର : ନିଜ ଧାରଣା ଓ ଜ୍ଞାନକୁ ଉଦ୍ୟୋଗରେ ପରିଣତ କରି ସମାଜର ବାସ୍ତବ ସମସ୍ୟାର ସମାଧାନ କରିବାକୁ ସିଲିକନ୍ ୟୁନିଭର୍ସିଟିର ସ୍ନାତକମାନଙ୍କୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଶନିବାର ଦିନ ଭୁବନେଶ୍ୱରସ୍ଥିତ ସିଲିକନ ୟୁନିଭର୍ସିଟିର ତୃତୀୟ ସମାବର୍ତ୍ତନ ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ସ୍ନାତକମାନଙ୍କୁ ବିକାଶଶୀଳ ପ୍ରଯୁକ୍ତିକୁ ଉପଯୋଗ କରି ସ୍ୱଚ୍ଛ ଶକ୍ତି ଓ ପରିବେଶ କ୍ଷେତ୍ରରେ ଜୀବିକା, ଗବେଷଣା ଓ ଉଦ୍ୟୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ରାଜ୍ୟପାଳ ପୁଣି କହିଥିଲେ ଯେ ଶକ୍ତି ସଂରକ୍ଷଣ, ସ୍ମାର୍ଟ ଗ୍ରିଡ୍, ଗ୍ରୀନ୍ ହାଇଡ୍ରୋଜେନ୍, ଇଲେକ୍ଟ୍ରିକ୍ ଗତିଶୀଳତା, ଶକ୍ତି ଦକ୍ଷତା ଓ ସ୍ଥାୟୀ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକ ଯୁବ ବର୍ତ୍ତୀଧାରୀଙ୍କ ପାଇଁ ବିଶେଷ ସୁଯୋଗ ସୃଷ୍ଟି କରିଛି । ନୂଆଦିଲ୍ଲୀ : ଜଳବାୟୁ ପରିବର୍ତ୍ତନ, ପରିବେଶ ଅବକ୍ଷୟ ଓ ବର୍ଦ୍ଧିତ ଶକ୍ତି ଚାହିଦା ମଧ୍ୟରେ ନବୀକରଣୀୟ ଶକ୍ତିର ଗୁରୁତ୍ୱ ବୃଦ୍ଧି ପାଇଥିବା କଥା ରାଜ୍ୟପାଳ ଉଲ୍ଲେଖ କରିବା ସହିତ ପଶ୍ଚିମ ଏସିଆର ଅସ୍ଥିରତା ଶକ୍ତି ସୁରକ୍ଷା, ଆର୍ଥିକ ସ୍ଥିରତା ଓ ବିଶ୍ୱ ଶାନ୍ତି ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ଉଜାଗର କରିଥିବା କଥା ମଧ୍ୟ କହିଥିଲେ । ରାଜ୍ୟପାଳ କହିଥିଲେ ଯେ ଭାରତ ଧୀରେ ଧୀରେ ସ୍ୱଚ୍ଛ ଶକ୍ତି ଉତ୍ସ ଆଡ଼କୁ ଆଗେଇ ଚାଲିଛି । ସୌର ଶକ୍ତି, ପବନ, ଜଳବିଦ୍ୟୁତ୍, ଜୈବ ଶକ୍ତି, ଭୂତାପ ଓ ସମୁଦ୍ର ଶକ୍ତି ଏକବିଂଶ ଶତାବ୍ଦୀକୁ ଆକାର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଛାତ୍ରଛାତ୍ରୀମାନଙ୍କୁ ଦ୍ରୁତ ପ୍ରଯୁକ୍ତିକ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେବାକୁ ରାଜ୍ୟପାଳ କହିବା ସହିତ କୃତ୍ରିମ ବୁଦ୍ଧିମତା, ମେସିନ୍ ଲର୍ଣ୍ଣିଙ୍ଗ, ସେମିକଣ୍ଡକ୍ଟର, ସାଇବର ସୁରକ୍ଷା, ରୋବୋଟିକ୍ସ, ଉନ୍ନତ ଇଲେକ୍ଟ୍ରୋନିକ୍ସ, ଡାଟା ସାଇନ୍ସ ଓ ଡିଜିଟାଲ୍ ସ୍ୱାସ୍ଥ୍ୟସେବା ନୂତନ ସୀମା ଖୋଲିଛି ବୋଲି ସୂଚାଇ ଦେଇଥିଲେ । ନିରନ୍ତର ଶିକ୍ଷା, ଉଦ୍ଭାବନ ଓ ବିଭିନ୍ନ ବିଷୟରେ କାମ କରିବାର କ୍ଷମତା ଆଗାମୀ ଦିନର ନେତୃତ୍ୱମାନଙ୍କୁ ଗଢ଼ିବ ବୋଲି ମଧ୍ୟ କହିଥିଲେ । କେବଳ ପରିବର୍ତ୍ତନକୁ ଖାପ ଖୁଆଇବା ନୁହଁ ବରଂ କୌତୂହଳ ସହିତ ଏହାକୁ ଗ୍ରହଣ କରିବା, ଉଦ୍ଭାବନ ସହିତ ଏହାକୁ ଆକାର ଦେବା ଏବଂ ବିଜ୍ଞତା ସହିତ ଏହାକୁ ବ୍ୟବହାର କରିବା ପାଇଁ ରାଜ୍ୟପାଳ ସ୍ନାତକମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ ସ୍ନାତକମାନଙ୍କୁ ସମାଜ ଓ ରାଷ୍ଟ୍ରର ଉନ୍ନତି ପାଇଁ ପ୍ରଯୁକ୍ତି ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସମାବର୍ତ୍ତନ ଉତ୍ସବକୁ ସଫଳତାରୁ ଦାୟିତ୍ୱ ଆଡ଼କୁ ଏକ ପରିବର୍ତ୍ତନ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଡିଗ୍ରୀ କେବଳ ଏକ ପ୍ରମାଣପତ୍ର ନୁହେଁ, ବରଂ ଜ୍ଞାନକୁ ବିଜ୍ଞତାର ସହିତ ବ୍ୟବହାର କରି ସମାଜର ସେବା କରିବାର ଏକ ସ୍ମାରକ । କେବଳ ପ୍ରଯୁକ୍ତି ମାନବ ଉନ୍ନତିକୁ ନିଶ୍ଚିତ କରିପାରିବ ନାହିଁ, ଏହା ସହିତ ସତ୍ୟନିଷ୍ଠା, ବିନମ୍ରତା ଓ ଦାୟିତ୍ୱ ରହିବା ଆବଶ୍ୟକ ବୋଲି ରାଜ୍ୟପାଳ ଅବତାରଣା କହିଥିଲେ । ସ୍ନାତକ, ସେମାନଙ୍କ ପରିବାର, ଅଧ୍ୟାପକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସିଲିକନ୍ ୟୁନିଭର୍ସିଟି ଏକାଡେମିକ୍ ଉତ୍କର୍ଷ, ଉଦ୍ଭାବନ ଓ ପ୍ରାଯୁକ୍ତିକ ଅଗ୍ରଗତି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ୨୦୨୬-୨୮ ପାଇଁ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ସଂଗଠନ ଭାବେ ଏହାର ମାନ୍ୟତା ଏବଂ ଏନଆଇଆରଏଫ ଇଞ୍ଜିନିୟରିଂ ରାଙ୍କିଙ୍ଗରେ ସ୍ଥାନ ପାଇବା ଏହାର ବଢୁଥିବା ଗବେଷଣା ସଂସ୍କୃତିର ପ୍ରମାଣ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ ।

## ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି । ଲୋକସେବା ଭବନ କନଭେନସନ୍ ସେଂଟର ଠାରେ ଗରିମା ଦିବସ ଅବସରରେ ଆଜି ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାର ବିଷୟବସ୍ତୁ ରହିଛି, Mission Zero-Ending Fatality in Sanitation Work ଅର୍ଥାତ୍, ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ । ଏହି କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଦିବସଟି ସଫେଇ କର୍ମୀଙ୍କୁ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ । ରୋବୋଟିକ୍ସ, ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢୁଛି । ତେବେ, ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ । ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଆଜି ସମୟ ଆସିଛି, ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଦଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ । ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସୁଦକ୍ଷ କରିବାକୁ ପଡ଼ିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ । କହିଥିଲେ କ୍ଷତି ପୂରଣ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି, ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା । ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ । ଆମେ ଚାହୁଁଛୁ, ବିପଦପୂର୍ଣ୍ଣ କାର୍ଯ୍ୟରତ ଆମର ଏହି କର୍ମଯୋଗୀ ମାନଙ୍କ ଜୀବନ ସୁରକ୍ଷିତ ରହୁ । ଏହା ହିଁ ହେଉଛି, ମିଶନ ଜିରୋର ଆଭିମୁଖ୍ୟ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଦୁଇ ଜଣ ସଫେଇ କର୍ମୀଙ୍କ ପରିବାରକୁ ବୀମା ରାଶି ପ୍ରଦାନ କରାଯାଇଛି ଏବଂ ସେମାନଙ୍କ ମୃତ୍ୟୁ ସଫେଇ ନୁହେଁ, ଅନ୍ୟ କାରଣରୁ ଘଟିଥିଲା । ଗରିମା ଦିବସ ଉପଲକ୍ଷେ ଆଧୁନିକ ଟେକ୍ନୋଲୋଜିଯୁକ୍ତ ମେସିନ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରି ବୁଲି ଦେଖିଥିଲେ । ସଫେଇ କର୍ମୀଙ୍କୁ ବାସଗୃହ ପାଇଁ ୱାର୍କ ଅର୍ଡର ପ୍ରଦାନ କରିଥିଲେ । କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ସଚିବ ସୁଧାଂଶ ପନ୍ତ କହିଥିଲେ ଯେ, ସଫେଇ କର୍ମୀଙ୍କ ସୁରକ୍ଷା, ଆର୍ଥିକ ଉନ୍ନତି ଓ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶରେ ଉଦାହରଣ ସୃଷ୍ଟି କରିଛି । ଓଡ଼ିଶା ସରକାର ଗରିମା ଯୋଜନାକୁ ହୋଲ୍ ଅଫ୍ ଆପ୍ରୋଚ୍ ଭାବେ ନେଇ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି ।

## ଅଳ୍ପରେ ଖବର

» ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ଶନିବାର ଲୋକଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟିଛନ୍ତି । ଉଭୟଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା ।

» ଜାତୀୟ ଶିକ୍ଷକ ପୁରସ୍କାର - ୨୦୨୬ ପାଇଁ ମନୋନୀତ ହୋଇଥିବା ଆଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମାନନୀୟ ଶିକ୍ଷକ ଶ୍ରୀ ପଦରାଜ ଉମାକାନ୍ତ ନାୟକଙ୍କୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭେଚ୍ଛା ଜଣାଇଛନ୍ତି ।

» ଢେଙ୍କାନାଳ ଓ କେନ୍ଦୁଝରରେ ଖୋଲିବ ଚାଉଳ ଏଟିଏମ୍ । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆସନ୍ତା ୩୧ ତାରିଖରେ ଢେଙ୍କାନାଳ ଓ କେନ୍ଦୁଝରରେ ଚାଉଳ ଏଟିଏମ୍ ରେ ଶୁଭାରମ୍ଭ ହେବ ।

» ଖରିଫ ଋତୁ ପାଇଁ ୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଲେଣି । ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

### ଉତର-ପୂର୍ବାଂଚଳର ଲାଇଫ୍ ଲାଇନ୍ ଉପରେ କେନ୍ଦ୍ର ସରକାରଙ୍କ ଫୋକସ୍

## ସୀମା ସୁରକ୍ଷା ନେଇ କଡ଼ା ନିର୍ଦ୍ଦେଶ ଦେଲେ ଗୃହମନ୍ତ୍ରୀ ଅମିତ ଶାହ



ନୂଆଦିଲ୍ଲୀ: ଭାରତର ସୁରକ୍ଷା ଦୃଷ୍ଟିକୋଣରୁ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ସିଲିଗୁଡ଼ି କରିଡର (ଯାହାକୁ 'ଚିକେନ୍ ନେକ୍' ମଧ୍ୟ କୁହାଯାଏ)ର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ତତ୍ପରତା ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଦିନ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏହି ସମ୍ବେଦନଶୀଳ ସୀମାନ୍ତ ଅଂଚଳରେ ଦେଖାଦେଉଥିବା ସୁରକ୍ଷା ଆହ୍ୱାନ ଏବଂ ସେଗୁଡ଼ିକର ମୁକାବିଲା ପାଇଁ ନୂତନ ରଣନୀତି ପ୍ରସ୍ତୁତ କରିବା । ପଶ୍ଚିମବଙ୍ଗର ଉତର ଭାଗରେ ଅବସ୍ଥିତ ଏହି ସଂକୀର୍ଣ୍ଣ ଭୂଖଣ୍ଡ (ସିଲିଗୁଡ଼ି କରିଡର) ଭାରତର ମୁଖ୍ୟ ଭୂଭାଗକୁ ଉତର-ପୂର୍ବାଂଚଳର ଆଠଟି ରାଜ୍ୟ ସହ ସଂଯୋଗ କରିଥାଏ । ଭୌଗୋଳିକ ଦୃଷ୍ଟିରୁ ଏହି ଅଂଚଳଟି ନେପାଳ, ଭୁଟାନ ଏବଂ ବାଂଲାଦେଶ ସୀମାକୁ ଲାଗି ରହିଥିବାରୁ ଏହା ଅନୁପ୍ରବେଶ, ଚୋରାଚାଲାଣ ଏବଂ ଅନ୍ୟାନ୍ୟ ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ବେଶ୍ ସମ୍ବେଦନଶୀଳ । ବିଶେଷକରି, ଚୀନ୍ ସୀମା ପାଖାପାଖି ଥିବାରୁ ଏହି କରିଡରର ରଣନୀତିକ ଗୁରୁତ୍ୱ ଆହୁରି ବଢ଼ିଯାଏ । ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ ସୀମା ସୁରକ୍ଷା ବଳ ଏବଂ ଶାସସ୍ତ୍ର ସୀମା ବଳର ବରିଷ୍ଠ ଅଧିକାରୀମାନଙ୍କ ସହ ସୀମା ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସୀମାନ୍ତରେ ନିଜର ଗୁଇନ୍ଦା ନେଟୱର୍କକୁ ଅଧିକ ସକ୍ରିୟ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ବେଆଇନ ଅନୁପ୍ରବେଶ ତଥା ମାନବ ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ 'ଜିରୋ ଟଲରାନ୍ସ' ନୀତି ଅବଲମ୍ବନ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଉକ୍ତ ଅଂଚଳରେ ଭିତିଭୂମିର ବିକାଶ ଏବଂ ରାଜ୍ୟ ପୋଲିସ ସହ ଉତମ ସମନ୍ୱୟ ରକ୍ଷା କରିବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଦେଶର ଅଖଣ୍ଡତା ଏବଂ ଉତର-ପୂର୍ବାଂଚଳର ସୁରକ୍ଷିତ ଯୋଗାଯୋଗକୁ ସୁନିଶ୍ଚିତ କରିବା ପାଇଁ ସିଲିଗୁଡ଼ି କରିଡରରେ କୌଣସି ପ୍ରକାରର ସୁରକ୍ଷା ତ୍ରୁଟି ଯେପରି ନହୁଏ, ସେଥିପ୍ରତି କେନ୍ଦ୍ର ସରକାର ଦୃଷ୍ଟି ଦେଉଥିବା ଏହି ବୈଠକରୁ ସ୍ପଷ୍ଟ ହୋଇଛି ।

### ୫୭ତମ ଆଇଏଫ୍‌ଏଫ୍‌ଆଇ ପାଇଁ ପ୍ରଥମ ପରିଚାଳନା କମିଟି ବୈଠକରେ

## ଅଧ୍ୟକ୍ଷତା କଲେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ



ନୂଆଦିଲ୍ଲୀ : ୫୭ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ପାଇଁ ପରିଚାଳନା କମିଟିର ପ୍ରଥମ ବୈଠକ ୨୧ ଅଗଷ୍ଟ ୨୦୨୬ ରେ ନୂଆଦିଲ୍ଲୀର କର୍ତବ୍ୟ ଭବନ-୨ ରେ ମାନ୍ୟବର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଯାହା ମହୋତ୍ସବର ଆଗାମୀ ସଂସ୍କରଣ ପାଇଁ ପ୍ରସ୍ତୁତି ସମୀକ୍ଷା କରିବା ଏବଂ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଭାବରେ ଏହାର ସ୍ଥିତିକୁ ଆହୁରି ମଜବୁତ କରିବା ପାଇଁ ପଦକ୍ଷେପ ଉପରେ ବିଚାର ବିମର୍ଷ କରିଥିଲା । ୫୭ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦ ରୁ ୨୮ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବାକୁ ଯାଉଛି । ବୈଠକରେ ଉଦବୋଧନ ଦେଇ, ଡକ୍ଟର ଏଲ୍. ମୁରୁଗାନ୍ ଓରଓର ୫୭ତମ ସଂସ୍କରଣ ପାଇଁ ତାଙ୍କର ଦୃଷ୍ଟିକୋଣକୁ ବର୍ଣ୍ଣନା କରିଥିଲେ, ଯେଉଁଥିରେ ଯୁବ ଛାତ୍ର, ଉଦୀୟମାନ ଚଳଚ୍ଚିତ୍ର ନିର୍ମାତା ଏବଂ ଭାରତୀୟ ଚଳଚ୍ଚିତ୍ର ଶିଳ୍ପର ଅଖ୍ୟାତ ନାୟକମାନଙ୍କ ପାଇଁ ଅଧିକ ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେ କହିଥିଲେ ଯେ IFFI ଯୁବ ପ୍ରତିଭାକୁ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରିବା, ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ମାତାଙ୍କଠାରୁ ଶିଖିବା ଏବଂ ବିଶ୍ୱ ଚଳଚ୍ଚିତ୍ର ସମ୍ପ୍ରଦାୟ ସହିତ ଯୋଡ଼ି ହେବା ପାଇଁ ଏକ ମଂଚ ପ୍ରଦାନ କରିବା ଉଚିତ, ସେହିପରି ବିଶ୍ୱର ବିଭିନ୍ନ ସ୍ଥାନରୁ ଉତ୍କୃଷ୍ଟ ଚଳଚ୍ଚିତ୍ର ଏବଂ ନେତୃତ୍ୱ ନେଉଥିବା ସୃଜନଶୀଳ ପ୍ରତିଭାକୁ ଭାରତରେ ଆଣି ଏହାର ଆନ୍ତର୍ଜାତୀୟ ପ୍ରସାରକୁ ମଜବୁତ କରିବା ଉଚିତ ।

## ଖରିଫ ଋତୁ ପାଇଁ ୭ ଲକ୍ଷରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ ଜାରି : ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର



ଭୁବନେଶ୍ୱର: ଖରିଫ ଋତୁ ପାଇଁ ୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଲେଣି । ଏନେଇ ସୂଚନା ଦେଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଆହୁରି କହିଛନ୍ତି, ଏହି ପ୍ରକ୍ରିୟାକୁ ସରଳ କରାଯାଇଛି । କୌଣସି ପ୍ରକାରର ବାଧା ନାହିଁ । କାଲି ଗୋଟିଏ ଦିନରେ ୧ ଲକ୍ଷ ୨୦ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଅଗଷ୍ଟ ୩୧ ତାରିଖ ସୁଦ୍ଧା ଚାଷୀମାନେ ପଞ୍ଜୀକରଣ କରିନିଅନ୍ତୁ । ଆବଶ୍ୟକୀୟ ଦସ୍ତାବିଜ ନେଇ ପ୍ୟାକ୍ସ, ଲ୍ୟାମ୍ପ୍ସରେ ପଞ୍ଜୀକରଣ କରିନିଅନ୍ତୁ । ସମସ୍ତ ଚାଷୀଙ୍କର ପଞ୍ଜୀକରଣ କରାଯିବ ଏବଂ ସମସ୍ତଙ୍କ ଧାନ କିଣାଯିବ । ଅଗଷ୍ଟ ୩୧ ସୁଦ୍ଧା PACS ଓ LAMPSରେ ଆବଶ୍ୟକ ଦସ୍ତାବିଜ ସହ ପଞ୍ଜୀକରଣ କରିବାକୁ ଚାଷୀଙ୍କୁ ମନ୍ତ୍ରୀ ଦେଇଛନ୍ତି ପରାମର୍ଶ ।

## ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରତିବଦ୍ଧ ରାଜ୍ୟ ସରକାର : ରାଜସ୍ୱମନ୍ତ୍ରୀ





ଭୁବନେଶ୍ୱର : ରାଜ୍ୟର ବର୍ତମାନ ବନ୍ୟା ଓ ବର୍ଷା ପରିସ୍ଥିତି ସମ୍ପର୍କରେ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ଜାରି ସ୍ଥିତି ରିପୋର୍ଟ ଅନୁଯାୟୀ, ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଜିଲ୍ଲା ପ୍ରଶାସନଗୁଡ଼ିକୁ ସମସ୍ତ ପ୍ରକାର ଆକସ୍ମିକ ପରିସ୍ଥିତି ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି କ୍ଷ ଏଥିସହ କେତେକ ଜିଲ୍ଲାରେ ବଜ୍ରପାତ ସହ ଘଡ଼ଘଡ଼ି ଓ ଘଂଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି । ଆଜି ସକାଳ ୧୧ଟି ସୁଦ୍ଧା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ସମସ୍ତ ନଦୀର ଜଳପତନ ସ୍ତର ଉଭୟ ବିପଦ ସଙ୍କେତ ଏବଂ ସତର୍କ ସଂକେତ ଠାରୁ କମ୍ ଅଛି ; ଯାହା ଆଶ୍ୱସ୍ତିର ବିଷୟ । ୨୨ ଅଗଷ୍ଟ ସକାଳ ସୁଦ୍ଧା ପୂର୍ବ ୨୪ ଘଂଟାରେ ରାଜ୍ୟର ହାରାହାରି ବର୍ଷା ପରିମାଣ ୬.୮ ମି.ମି. ରେକର୍ଡ କରାଯାଇଛି । ଏହି ସମୟରେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକରେ ସର୍ବାଧିକ ୯୩ ମି.ମି. ବର୍ଷା ରେକର୍ଡ ହୋଇଥିଲା ବେଳେ ୧୧ଟି ବ୍ଲକରେ ୫୦ ମି.ମି.ରୁ ଅଧିକ ଏବଂ ୨୧ଟି ବ୍ଲକରେ ୨୫ରୁ ୫୦ ମି.ମି. ବର୍ଷା ହୋଇଛି । ଅଗଷ୍ଟ ୧ରୁ ୨୨ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୨୭୨.୨ ମି.ମି. ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ପରିମାଣ ୨୫୨.୬ ମି.ମି. ତୁଳନାରେ ଏହା ୭.୮ ପ୍ରତିଶତ ଅଧିକ । ସେହିପରି ଜୁନ୍ ୧ରୁ ଅଗଷ୍ଟ ୨୨ ପର୍ଯ୍ୟନ୍ତ ରାଜ୍ୟରେ ୧୦୨୮.୪ ମି.ମି. ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷା ୭୯୭.୦ ମି.ମି. ତୁଳନାରେ ୨୯ ପ୍ରତିଶତ ଅଧିକ । ବର୍ତମାନ ଉପଲବ୍ଧ ତଥ୍ୟ ଅନୁଯାୟୀ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଂଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ବାଲେଶ୍ୱର ଜିଲ୍ଲାର ୬ଟି ବ୍ଲକର ୫୦ଟି ଗ୍ରାମ ପଂଚାୟତ ଓ ୩୨୭ଟି ଗ୍ରାମ ପ୍ରଭାବିତ ହୋଇଛି । ୧୨୯ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୨୪,୭୦୯ ଜଣ ପ୍ରଭାବିତ ହୋଇଛନ୍ତି । ୧୭,୭୯୯ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୮୯ଟି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ଓ ସହାୟତା ଯୋଗାଇ ଦିଆଯାଉଛି । ଭଦ୍ରକ ଜିଲ୍ଲାର ୪ଟି ବ୍ଲକର ୩୨ଟି ଗ୍ରାମ ପଂଚାୟତ ଓ ୧୪୩ଟି ଗ୍ରାମ ପ୍ରଭାବିତ ହୋଇଛି । ମୋଟ ୧,୫୧,୯୩୨ ଜଣ ପ୍ରଭାବିତ ହୋଇଥିବା ବେଳେ ୨୦,୫୬୭ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ୨୩ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟକ୍ଷମ ରହିଛି । ଯାଜପୁର ଜିଲ୍ଲାର ୫ଟି ବ୍ଲକର ୨୪ଟି ଗ୍ରାମ ପଂଚାୟତ ଓ ୬୯ଟି ଗ୍ରାମ ପ୍ରଭାବିତ ହୋଇଛି । ୪୮ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୭୧,୪୨୫ ଜଣ ପ୍ରଭାବିତ ହୋଇଛନ୍ତି । ୩୩୪ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟକ୍ଷମ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକର ୬୭ଟି ଗ୍ରାମ ପଂଚାୟତ ଓ ୧୬୪ଟି ଗ୍ରାମ ପ୍ରଭାବିତ ହୋଇଛି । ୪୨ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୨,୪୭,୪୯୩ ଜଣ ପ୍ରଭାବିତ ହୋଇଛନ୍ତି ।





# କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢୀ ଏବଂ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସମ୍ବୋଧିତ




ବାଲେଶ୍ୱର(ନି.ପ୍ର.) ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପୁଷ୍ଟି, ସମ୍ପାଦକ ପ୍ରଶାନ୍ତ ଘଂଟିଆ ଓ ରଞ୍ଜିତ ଆଚାର୍ଯ୍ୟ, ଜିଲ୍ଲା କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ତାପସ କୁମାର ମହାନ୍ତି, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୈରାଗୀ ଚରଣ ବେହେରା, ସାଧାରଣ ସମ୍ପାଦକ ସୌଭାଗ୍ୟ ମାନସ ନାୟକ ଓ ଅକ୍ଷୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ ।ପ୍ରଭାବିତ ବ୍ଲକ: ଜିଲ୍ଲାର ୦୬ଟି ବ୍ଲକ (ବାଲେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା, ରେମୁଣା ଏବଂ ଜଳେଶ୍ୱର) ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହାଛଡା ନିଳଗିରି, ଔପଦା, ବାହାନଗା ଓ ସୋର ମଧ୍ୟ ପ୍ରଭାବିତ ହୋଇଛି ।ପ୍ରଭାବିତ ଜନସଂଖ୍ୟା ଓ ଗୃହ:- ୫୦ଟି ପଂଚାୟତର ୩୨୭ଟି ଗ୍ରାମର ପ୍ରାୟ ୩,୨୧,୨୧୮ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଏହା ସହିତ ପ୍ରାୟ ୨୨୫ଟି ବାସଗୃହ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ୨ଟି ଗୁହାଳ ନଷ୍ଟ ହେଇଛି ।ଜୀବନ ହାନି:- ଆନନ୍ଦର ବିଷୟ ଯେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ବନ୍ୟା କିମ୍ବା ସର୍ପାଘାତ ଜନିତ କୌଣସି ମାନବ ଜୀବନ ହାନି ହୋଇନାହିଁ ।ପାନୀୟ ଜଳ ଯୋଗାଣ:- ବନ୍ୟାଂଚଳରେ ୨୭୧୦ଟି ନଳକୂପ ଓ ୧୬୪ଟି ପାଇପ୍ ଜଳ ପ୍ରକଳ୍ପ ପ୍ରଭାବିତ ହୋଇଥିଲା । ସେଥିମଧ୍ୟରୁ ପ୍ରଶାସନ ଦ୍ୱାରା ୧୬୩୦ଟି ନଳକୂପ ଓ ୧୦୭ଟି ଜଳ ପ୍ରକଳ୍ପକୁ ବିଶୋଧନ କରାଯାଇଛି । ଜଳକ୍ଲିଷ୍ଟ ଅଂଚଳରେ ୪୦ଟି ୱାଟର ଟାଙ୍କର ଏବଂ ୧,୭୬,୭୨୮ଟି ପାଣି ବୋତଲ ମାଧ୍ୟମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଉଛି । ବିଦ୍ୟୁତ ଓ ଯୋଗାଯୋଗ:- ପ୍ରଭାବିତ ଅଂଚଳରେ ବିଦ୍ୟୁତ ସଂଯୋଗର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ଦୂରସଂଚାର ଟାୱାର ସୁରକ୍ଷିତ ଥିବାବେଳେ ଯୋଗାଯୋଗ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି ।୩. ଆଶ୍ରୟସ୍ଥଳୀ, ମାଗଣା ରୋଷେଇ ଓ ରିଲିଫ୍ ବଂଟନ: ଉଦ୍ଧାର ଏବଂ ଆଶ୍ରୟ:- ବିଭିନ୍ନ ତଳିଆ ଅଂଚଳରୁ ସାମଗ୍ରିକ ଭାବେ ୧,୧,୬୬୦ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ଜିଲ୍ଲାରେ ୮୯ଟି ମାଗଣା ରୋଷେଇ ଏବଂ ରିଲିଫ୍ କେନ୍ଦ୍ର ସକ୍ରିୟ ଭାବେ କାର୍ଯ୍ୟ କରୁଛି । ?ଖାଦ୍ୟ ସାମଗ୍ରୀ:- ବିପନ୍ନମାନଙ୍କୁ ଗତକାଲି ସୁଦ୍ଧା ୫୨୩.୨ କ୍ୱିଂଟାଲ ଚୁଡ଼ା/ମୁଢ଼ି ଏବଂ ୩୧.୪ କ୍ୱିଂଟାଲ ଗୁଡ଼/ଚିନି ବଂଟନ କରାଯାଇଛି । ୩୮,୧୩୯ ଜଣ ଲୋକଙ୍କୁ ପ୍ରତ୍ୟେକ ଦିନ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ୪. ସ୍ୱାସ୍ଥ୍ୟ ଏବଂ ଜନସ୍ୱାସ୍ଥ୍ୟ ପଦକ୍ଷେପ: ଚିକିତ୍ସା ଦଳ:- ସମସ୍ତ ଆଶ୍ରୟସ୍ଥଳୀରେ ୧୪ଟି ଚିକିତ୍ସା ସହାୟତା ଦଳ (ଗଜଉ) ଏବଂ ୧୦ଟି ମୋବାଇଲ୍ ହେଲଥ୍ ୟୁନିଟ୍ (ଗଐଟ) ନିୟୋଜିତ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୯୯୪ ଜଣ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଛି ।ଔଷଧ ମହଜୁଦ:- ଜରୁରୀକାଳୀନ ପରିସ୍ଥିତି ପାଇଁ ବର୍ତ୍ତମାନ ୫୪୪୬ଟି ସର୍ପାଘାତ ପ୍ରତିଷେଧକ ୩,୪୮,୦୪୫ଟି ଢଜଝ ପ୍ୟାକେଟ୍ ଏବଂ ୧,୧୫,୭୧୯ ଲିଟର ଓଠ ଫ୍ଲୁଇଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ମହଜୁଦ ରଖାଯାଇଛି ।୫. କୃଷି ଓ ପଶୁ ସମ୍ପଦ କ୍ଷୟକ୍ଷତି:ଫସଲ ହାନି:- ପ୍ରାୟ ୩,୨୦,୮୪୫ ହେକ୍ଟର ଚାଷ ଜମିରେ ଫସଲ ସମ୍ପୂର୍ଣ୍ଣ ରୂପେ ବନ୍ୟା ଜଳରେ ବୁଡ଼ି ରହିଛି ।ପଶୁ ଚିକିତ୍ସା ଓ ଖାଦ୍ୟ:- ପ୍ରଭାବିତ ୧,୬୨,୮୨୮ ପଶୁପକ୍ଷୀଙ୍କ ପାଇଁ ୧୨ଟି ପଶୁ ଚିକିତ୍ସା ଦଳ ମାଧ୍ୟମରେ ୭୪ଟି ସ୍ୱତନ୍ତ୍ର ଶିବିର କରାଯାଇ ୨୦୨୭ଟି ପଶୁଙ୍କୁ ଟୀକାକରଣ କରାଯାଇଛି । ଏହା ସହିତ ୧୧୦ ମେଟ୍ରିକ ଟନ୍ ଗୋଖାଦ୍ୟ ବଂଟନ କରାଯାଇଛି । ୬. ଉଦ୍ଧାର କାର୍ଯ୍ୟରେ ନିୟୋଜିତ ବାହିନୀ:- କ୍ଷେତ୍ରସ୍ତରରେ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୦୪ଟି ଘଡଜର ଦଳ, ୦୫ଟି ଢଡଜଇର ଦଳ ଏବଂ ୧୨ଟି ଅଗ୍ନିଶମ ବାହିନୀ ସମ୍ପୂର୍ଣ୍ଣ ଭାବେ ନିୟୋଜିତ ଅଛନ୍ତି । ୭. ଉଦ୍ଧାର କାର୍ଯ୍ୟ ଓ ସହାୟତାରେ ବିଜେପିର ଭୂମିକା:- ଦଳ ଏବଂ ଦଳର ସମସ୍ତ ଛାମୁଆଁ ସଂଗଠନ ସହିତ ସାଂସଦ, ବିଧାୟକ, ବିଧାୟକ ପ୍ରାର୍ଥୀମାନେ ପୃଥକ୍ ପୃଥକ୍ ଭାବେ ପ୍ରଥମ ଦିନରୁ ପ୍ରଶାସନ ସହିତ ସାମଞ୍ଜସ୍ୟ ରଖି ଉଦ୍ଧାରକାର୍ଯ୍ୟ ଓ ସହାୟତାରେ କାର୍ଯ୍ୟରତ ଅଛନ୍ତି । ପ୍ରଶାସନିକ ବ୍ୟବସ୍ଥା ବାଦେ ଦଳୀୟ ଲୋକପ୍ରତିନିଧି ଓ ନେତୃତ୍ୱଙ୍କ ଉଦ୍ୟମରେ ହଜାର ହଜାର ଲୋକଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ସାମ୍ପ୍ରତିକ ସ୍ଥିତି:- ବର୍ତ୍ତମାନ ସୁଦ୍ଧା ବାଲେଶ୍ୱର ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ଜିଲ୍ଲା ପ୍ରଶାସନ ସ୍ଥିତି ଉପରେ ସତର୍କ ନଜର ରଖିଛି । ଆମର ମୁଖ୍ୟ ଦାବି:- ବନ୍ୟା ପ୍ରଭାବିତ ଲୋକଙ୍କର ଭାଙ୍ଗିଥିବା ଓ କ୍ଷତିଗ୍ରସ୍ତ ହୋଇଥିବା ଘର, ବିଶେଷକରି ଚାଷୀମାନଙ୍କର ବ୍ୟାପକ ଫସଲ କ୍ଷୟକ୍ଷତିର ଯଥାର୍ଥ ଆକଳନ କରି ଶୀଘ୍ର କ୍ଷତିପୂରଣ ଓ କୃଷି ସହାୟତା ପ୍ରଦାନ କରାଯିବା ଦରକାର । ବର୍ତ୍ତମାନ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇଥିଲେ ମଧ୍ୟ ପ୍ରଭାବିତ ଅଂଚଳରେ ଲୋକଙ୍କ ସୁରକ୍ଷା, ରିଲିଫ୍ ବଂଟନ ଓ ରୋଗ ନିୟନ୍ତ୍ରଣ ଉପରେ ପ୍ରଶାସନକୁ ନିରନ୍ତର ନଜର ରଖିବାକୁ ହେବ ।

# ସାପ କାମୁଡ଼ା ନେଇ ଅନ୍ଧବିଶ୍ୱାସ ଦୂର ପାଇଁ 'ମୁନ୍ କମ୍ୟୁନିକେସନ'ର ସଚେତନତା ଅଭିଯାନ



ବାଲେଶ୍ୱର,(ନି.ପ୍ର.): ବର୍ଷା ଋତୁରେ ସାପ କାମୁଡ଼ା ଘଟଣା ବୃଦ୍ଧି ପାଉଥିବାବେଳେ ସାପ କାମୁଡ଼ାକୁ ନେଇ ଗ୍ରାମାଂଚଳରେ ରହିଥିବା ଅନ୍ଧବିଶ୍ୱାସ ଦୂର କରିବା ସହ ଲୋକଙ୍କୁ ବୈଜ୍ଞାନିକ ଚିକିତ୍ସା ପ୍ରତି ସଚେତନ କରିବା ଉଦ୍ଦେଶ୍ୟରେ ସାମାଜିକ ସଂଗଠନ 'ମୁନ୍ କମ୍ୟୁନିକେସନ' ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ୟୁନିଅନ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।ଗ୍ରାମାଂଚଳରେ ଅନେକ ଲୋକ ଏବେ ମଧ୍ୟ ସାପ କାମୁଡ଼ା ପରେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସର ଆଶ୍ରୟ ନେଉଥିବାରୁ ଠିକ୍ ସମୟରେ ଚିକିତ୍ସା ନପାଇ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହି ପରିପ୍ରେକ୍ଷୀରେ 'ମୁନ୍ କମ୍ୟୁନିକେସନ'ର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସ ଅତିଥି ଭାବେ ଯୋଗଦେଇ ସାପର ବିଷତନ୍ତ୍ର ସମ୍ପର୍କରେ ଆଲୋଚନା କରିଥିଲେ । ସାପ କାମୁଡ଼ାର ଶିକାର ବ୍ୟକ୍ତି ଗୁଣିଗାରେଡ଼ି ଉପରେ ବିଶ୍ୱାସ ନକରି ତୁରନ୍ତ ବୈଜ୍ଞାନିକ ଚିକିତ୍ସା ପଦ୍ଧତି ଅବଲମ୍ବନ କରିବା ସହ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସାଳୟରେ ଭର୍ତ୍ତି ହେବାକୁ ସେ ଆହ୍ୱାନ ଦେଇଥିଲେ ।ଅନ୍ୟତମ ଅତିଥି ଶିକ୍ଷକ ସବ୍ୟସାଚୀ ଜାନା ଓ ଜୟନ୍ତ କୁମାର ଦାସ ବର୍ଷା ଋତୁରେ ସାପ ଅଧିକ ଦେଖାଯିବାର କାରଣ ଏବଂ ସେମାନଙ୍କ ଜୀବନଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ । ସାପକୁ ଅଯଥା ଉତେଜିତ ନକରି ତା'ଠାରୁ ନିରାପଦ ଦୂରତା ବଜାୟ ରଖିବା ସହ ଆବଶ୍ୟକ ପଡ଼ିଲେ ସରକାରୀ ସ୍ୱୀକୃତିପ୍ରାପ୍ତ ସାପ ଧରାଳିଙ୍କ ସହାୟତା ନେବାକୁ ସେମାନେ ପରାମର୍ଶ ଦେଇଥିଲେ । ସାପ କାମୁଡ଼ା ଭଳି ଜୀବନଘାତୀ ପରିସ୍ଥିତିରେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସର ଶିକାର ନହୋଇ ବିଜ୍ଞାନସମ୍ମତ ଉପାୟ, ଡାକ୍ତର ଓ ଡାକ୍ତରଖାନାର ସହାୟତା ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଶେଷରେ ସାପ କାମୁଡ଼ା ଜନିତ ଅନ୍ଧବିଶ୍ୱାସ ଦୂର କରିବା ସହ ଆବଶ୍ୟକ ସମୟରେ ବୈଜ୍ଞାନିକ ଚିକିତ୍ସାର ସହାୟତା ନେବାକୁ ସମସ୍ତ ଛାତ୍ରଛାତ୍ରୀ ଶପଥ ପାଠ କରିଥିଲେ ।

# ମହମ୍ମଦଙ୍କ ଜୟନ୍ତୀ ପାଳନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଏସ୍‌ପି ପ୍ରତ୍ୟୁଷ୍ ଦିବାକର



ବାଲେଶ୍ୱର,(ନିପ୍ର); ବାଲେଶ୍ୱର ସଦର ମହକୁମାରେ ଆସନ୍ତା ୨୬।୮।୨୦୨୬ ରିଖ ଦିନ ସଂଖ୍ୟାଲଘୁ ସଂପ୍ରଦାୟ ପକ୍ଷରୁ ମହମ୍ମଦଙ୍କ ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବାପାଇଁ ବାଲେଶ୍ୱର ଲୋକପ୍ରିୟ ଏସ୍‌ପି ପ୍ରତ୍ୟୁଷ ଦିବାକର ସମସ୍ତଙ୍କର ସହଯୋଗ ଲୋଡିଛନ୍ତି । ଏହି ଅବସରରେ ୨୨ ତାରିଖ ଅପରାହ୍ନରେ ଟାଉନଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିବା ସମସ୍ତ ଶାନ୍ତି କମିଟିର ସଦସ୍ୟ ସଦସ୍ୟା, ଏବଂ ବିଭିନ୍ନ ସାହି ବସ୍ତିରୁ ଶୋଭାଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଥିବା କର୍ମକର୍ତ୍ତା ପ୍ରମୁଖଙ୍କୁ ଏସ୍‌ପି ଦିବାକର ସମସ୍ତଙ୍କ ସହଯୋଗରେ ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ସହଯୋଗ ପାଇଁ ଅନୁରୋଧ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଡିଆଇବି ପ୍ରମୋଦ ମଲ୍ଲିକ ସହଦେବଖୁନ୍ଟା ଓ ଟାଉନଥାନା ଦାୟିତ୍ୱରେ ଥିବା ଆଇଆଇସି ଆଲୋକ କୁମାର ବେହେରା ଅନ୍ୟତମ ପୋଲିସ୍ ଅଧିକାରୀ ବିକାଶ ଭୋଇ ପ୍ରମୁଖ ଯୋଗ ଦେଇ ଥିବାବେଳେ ମଂଚ ପରିଚାଳନା କରିଥିଲେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ । ଅନ୍ୟମାନଙ୍କ ମଧ୍ୟରେ ଶେଖ୍ ଭୋଲା,ଜନ୍ନତ ହୁସେନ୍, ଅତି ଉଲ୍ଲା, ଚିନ୍ମୟ ବିଶ୍ୱାଳ, ଗୌରାଙ୍ଗ ଦାସ,ଅର୍ଚ୍ଚନା ନନ୍ଦୀ, ହେମଲତା ଦାସ, ଦେବବ୍ରତ ପାଣିଗ୍ରାହୀ,ହିମାଂଶୁ ଦାଶପ୍ରମୁଖ ଅନେକ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକା

ବାଲେଶ୍ୱର,(ନିପ୍ର); ଜିଲ୍ଲା ପୁଲିସ୍ ପକ୍ଷରୁ ଆଜି ବିଳମ୍ବିତ ରାତିରେ ସହରର ବିଭିନ୍ନ ସ୍ଥାନରେ ଯାଂଚ କରାଯିବାସହ ସଂଦିଗ୍ଧ ବ୍ୟକ୍ତି ଓ ଗାଡିକୁ ଯାଂଚ କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଷ୍ଟେସନ ଛକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶଙ୍କ ତତ୍ୱାବଧାନରେ ଏହି ଯାଂଚ କରାଯାଇଛି । ସହଦେବଖୁନ୍ଟା ଥାନା ଅଧିକାରୀ ଆଲୋକ ବେହେରାଙ୍କ ନେତୃତ୍ୱରେ ପୁଲିସ୍ କର୍ମଚାରୀ ରାସ୍ତାରେ ଯାଉଥିବା ଯାନ ବାହାନକୁ ଯାଂଚ କରୁଥିବା ଦେଖିବାକୁ ମିଳିଥିଲା ।

# ଛାତରୁ ପଡି ଯୁବକ ମୃତ

ବାଲେଶ୍ୱର,(ନିପ୍ର); କାମ କଲାବେଳ ଛାତରୁ ପଡି ଜଣେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ହରିଷ୍ଚନ୍ଦ୍ର ବେହେରା(୨୮) । ସେ ମୌଲାନାନଗର ଚାନ୍ଦିପୁର ବାସିନ୍ଦା ଥିଲେ ବୋଲି ଜଣାପଡିଛି । ଖବର ଅନୁସାରେ ଆଜି ଅପରାହ୍ନ ୨ଟା ବେଳେ ସେ କାମ କଲାବେଳେ ଭାରସାମ୍ୟ ହରାଇ ଛାତ ଉପରୁ ଖସିପଡିଥିଲେ । ଫଳରେ ତାଙ୍କ ପିଠିରେ ଶକ୍ତ ଆଘାତ ଲାଗିଥିଲା । ପରେ ତାଙ୍କୁ ସହଯୋଗୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏ ନେଇ ଟାଉନ ଥାନାରେ ୪୭/୨୦୨୬ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଟାଉନ୍ ଥାନାଧିକାରୀ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି ।

# ପୌରପାଳିକା ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

ବାଲେଶ୍ୱର,(ନିପ୍ର); ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ପୌରପାଳିକାର ଉଚ୍ଛେଦ ଦଳ ପକ୍ଷରୁ ଶୁକ୍ରବାର ସହରର ବିଭିନ୍ନ ଖାଦ୍ୟ ଦେକାନ ଓ ଭୋଜନାଳୟରେ ଚଢଉ କରାଯାଇଛି । ଫ୍ରିଜ୍‌ରେ ବହୁପୁରୁଣା ମସଲା, ବାସି ଖାଦ୍ୟ ରଖିବା ଅଭିଯୋଗରେ ଦୁଇଟି ଭୋଜନାଳୟ ଓ ରେଷ୍ଟୁରାନ୍ଟ ସହିତ ଅନ୍ୟ ଦୋକାନ ଗୁଡିକରେ ଚଢଉ ହୋଇଥିଲା । ସିନେମା ଛକ ଡାକ୍ତରଖାନା ପାଖରେ ଥିବା ବିଭିନ୍ନ ଦୋକାନଗୁଡିକରେ ଖାଦ୍ୟ ତିଆରି ବ୍ୟବହାର ଶେଷ ତାରିଖ ନଥିବା ବିଭିନ୍ନ ପାଉଁରୁଟି ଓ ଖାସ୍ତା ବିସ୍କୁଟ ମିଳିଥିଲା । ଭୋଜନାଳୟ ଗୁଡିକରୁ ନିଷିଦ୍ଧ ହୋଇଥିବା ଖାଦ୍ୟ ରଙ୍ଗ ଓ ପଚାସଢା ଖାଦ୍ୟ ଜବତ ହୋଇଛି । ସିନେମା ଛକରେ ୭ଟି ଦୋକାନ ସହିତ ଦାୱତ ଓ ଖାନାଖଜାନା ନାମକ ଦୁଇଟି ରେଷ୍ଟୁରାନ୍ଟରେ ଚଢଉ କରାଯାଇଥିଲା । ଅପରିଷ୍କାର ପରିବେଶରେ ଖାଦ୍ୟ ରାନ୍ଧିବା, ଖାଦ୍ୟ ସୁରକ୍ଷା ଲାଇସେନ୍ସ ସହିତ ପୌରପାଳିକାର ବ୍ୟାବସାୟିକ ଲାଇସେନ୍ସ ନଥିବାରୁ ସେମାନଙ୍କ ଉପରେ ଜୋରିମାନା କରାଯାଇଥିଲା । ମୋଟ ୭ଟି ଦୋକାନ ସହିତ ୨ଟି ଭୋଜନାଳୟରୁ ୨୧ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ ହୋଇଥିବା ସୂଚନା ମିଳିଛି । ଏନେଇ ଅଧିକାରିଣି ଅନୁଶ୍ରୀ ଖଟୁଆ କହିଛନ୍ତି, ସେମାନେ ବିନା ଲାଇସେନ୍ସରେ ବେପାର କରୁଛନ୍ତି ଓ ଏନେଇ ବିଭାଗ ପକ୍ଷରୁ ସୂଚନା ଦେଲେ ମଧ୍ୟ ଶୁଣୁନଥିଲେ । ସେଥିପାଇଁ ଆମେ ଚଢଉ କରିଛୁ ଓ ଜବତ ଖାଦ୍ୟଗୁଡିକୁ ନଷ୍ଟ କରିବୁ । ଚଢଉ ବେଳେ ଆଜିନାମୋଟୋ ନାମକ ସିନ୍ଥେଟିକ୍ ରାସାୟନିକ ରଙ୍ଗ ମଧ୍ୟ ଜବତ ହୋଇଛି । ଆମେ ମୁଖ୍ୟ ପରୀକ୍ଷାଗାରକୁ ଖାଦ୍ୟ ନମୁନା ପଠାଇଛୁ । ତାର ରିପୋର୍ଟ ଆସିଲେ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବୁ । ଏଥିରେ ପୌରପାଳିକାର ବରିଷ୍ଠ ଉଚ୍ଛେଦ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଅଧିକାରିଣୀ ଇତିଶ୍ରୀ ମହାନ୍ତି ଓ ସହଯୋଗୀମାନେ ସାମିଲ ଥିଲେ ।

# ଶନି ମହାଗ୍ରହ ଓ ନନ୍ଦଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର,(ନିପ୍ର); ଆସନ୍ତା ସେପ୍ଟେମ୍ବର ମାସ ୩ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ଆନନ୍ଦ ବଜାର ସ୍ଥିତ ଲୋକନାଥ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉତ୍ସବ ଓ ଶନି ମହାଗ୍ରହଙ୍କ ଜନ୍ମ ଉତ୍ସବ ଏବଂ ଯଜ୍ଞ ଯଥାବିଧି ପରିଚାଳନା କମିଟି ପକ୍ଷରୁ ପାଳନ କରାଯିବ । ୩ ତାରିଖ ଅଧିବାସ ୧୦୮ କଳସ ଯାତ୍ରା, ୪ତାରିଖ ଜନ୍ମାଷ୍ଟମୀ ଯଜ୍ଞ,୫ ତାରିଖ ଶନି ମହାଗ୍ରହଙ୍କ ଯଜ୍ଞ,ନନ୍ଦଉତ୍ସବ, ପୂର୍ଣ୍ଣାହୁତି ଓ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଜଣାପଡିଛି ।

# ମିତ୍ରପୁର ବ୍ଲୁ ଲେକ ରେ ଗାଧୋଇବା ବେଳେ ୨ ଛାତ୍ର ନିଖୋଜ

ବାଲେଶ୍ୱର(ନି.ପ୍ର.)ନୀଳଗିରି ରେ ମିତ୍ରପୁର ନିକଟ ବ୍ଲୁ ଲେକ୍ ପୁଣି ପାଲଟିଲା କାଳ ।ଆଜି ପୂର୍ବାହ୍ନ ୧୧ ଟା ସମୟରେ ତିନି ଛାତ୍ର ବୁଲିବାକୁ ଆସି ପାଣି ରେ ବୁଡି ଦୁଇ ନିଖୋଜ । ରେମୁଣା କଲେଜ ରେ ପଢୁଥିବା ତଥା ଭଦ୍ରକ ଅଂଚଳର ରୋଶନ ନାୟକ ସୁରକ୍ଷିତ ଅଛନ୍ତି । ନୀଳଗିରି ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି । ନିଖୋଜ ଥିବା ଦୁଇ ଛାତ୍ର ହେଲେ ଜଣେ ଭଦ୍ରକ ଅଂଚଳର ଅଂଶୁମାନ ପାତ୍ର ଓ ଅନ୍ୟ ଜଣେ ବାରିପଦା ଅଂଚଳର ଭବିଷ୍ୟ ପାତ୍ର ବୋଲି ସୂଚନା ମିଳିଛି । ତେବେ ନିଖୋଜ ଦୁଇ ଜଣ ଛାତ୍ର ଫକୀରମୋହନ କଲେଜ ର ଛାତ୍ର ବୋଲି ସୂଚନା ମିଳିଛି । ଘଟଣାସ୍ଥଳରେ ନୀଳଗିରି ପୋଲିସ,ଅଗ୍ନିଶମ ବାହିନୀ ପହଂଚି ଖୋଜା ଖୋଜି ଚାଲିଛି ।

# ସୁବର୍ଣ୍ଣ ରେଖା ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢ଼ାଇଲେ ସାମାଜିକ କର୍ମୀ ସୁମନ୍ତ ଜେନା

ବାଲେଶ୍ୱର(ନି.ପ୍ର.): ସମାଜ ଓ ପରିବେଶ ପ୍ରତି ନିଜର କର୍ତବ୍ୟ ଓ ଉତରଦାୟିତ୍ୱକୁ ନିଷ୍ଠାର ସହ ପାଳନ କରି ସୁବର୍ଣ୍ଣ ରେଖା ବନ୍ୟା ପ୍ରପୀଡିତଙ୍କ ପାଇଁ ବିପଦ ସମୟରେ ହାତ ବଢାଇଛନ୍ତି ପ୍ରକୃତି ବନ୍ଧୁ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା । ଚଳିତ ବର୍ଷ ସୁବର୍ଣ୍ଣ ରେଖାରେ ଆସିଥିବା ଭୟଙ୍କର ବନ୍ୟାରେ ବାଲିଆପାଳ ବ୍ଲକର ପ୍ରାୟ ୧୯ଟି ପଂଚାୟତ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି ।ଅନେକ ଲୋକଙ୍କ ଘରେ ପାଣି ପଶି ଯାଇଥିବାରୁ ଚୁଲି ଜଳୁ ନାହିଁ, ଏଭଳି କଠିନ ସମୟରେ ସାମାଜିକ କର୍ମୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ମାନବିକତାର ପରିଚୟ ଦେଇ ବନ୍ୟା ବିପର୍ଯ୍ୟସ୍ତଙ୍କ ପାଖରେ ପହଂଚି ସହାୟତାର ହାତ ବଢ଼ାଇଛନ୍ତି । ଶ୍ରୀ ଜେନା ବାଲିଆପାଳ ବ୍ଲକର ବନ୍ୟା ପ୍ରଭାବିତ



ଅସ୍ତି ପଂଚାୟତର କଂଟାବଣୀ , ସୂର୍ଯ୍ୟାପୁର, ବିଷ୍ଣୁପୁର ପଂଚାୟତର ରାମ ନଗର, ରସଲପୁର୍ ଏବଂ ବାଲିଆପାଳ ପଂଚାୟତର ତଳ ବାଲିଆପାଳ ଓ ସୁଙ୍ଗ ମୁହଁ ଗ୍ରାମର ବନ୍ୟା ପ୍ରପୀଡିତଙ୍କ ପାଖରେ ପହଂଚି ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ପଲିଥିନ ଇତ୍ୟାଦି ବିତରଣ କରିଥିଲେ । ଏହି ମହତ୍ କାର୍ଯ୍ୟରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ପାତ୍ର, ସୁବଳ ଦାସ, ଅଜୟ ସାହୁ, ଲକ୍ଷ୍ମୀଧର ପ୍ରଧାନ, ପ୍ରତିମା ଜେନା, ସଞ୍ଜୟ ଗିରି, ବଂଶୀଧର ଜେନା ପ୍ରମୁଖ ସହଯୋଗ କରିଥିଲେ । ବନ୍ୟା ବିପର୍ଯ୍ୟସ୍ତଙ୍କ ପାଇଁ ଶ୍ରୀ ଜେନାଙ୍କ ଏହି ପ୍ରଶଂସନୀୟ କାର୍ଯ୍ୟକୁ ସ୍ଥାନୀୟ ଲୋକମାନେ ଉଚ୍ଚ ପ୍ରଶଂସା କରିଛନ୍ତି ।

# ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ପୌର ପାଳିକା ପକ୍ଷରୁ ଚଳିତ ମାସ ୩୧ତାରିଖ ରେ ୧୫୦ତମ ସ୍ୱାୟତ ଶାସନ ଦିବସ କୁ ମହାସମାରୋହ ରେ ପାଳନ କରିବାକୁ ଯାଉଛି ।ଏହି ଅବସର ରେ ଆୟୋଜିତ ସଭା ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌର ପାଳିକା ର ଅଧକ୍ଷା ସବିତା ସାହୁ ସହର ର ସଫେଇ କର୍ମଚାରୀମାନେ ହିଁ ସହରର ସ୍ୱଛତା କୁ ଅବ୍ୟାହତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ସେହି ମାନେ ହିଁ ସବୁ ୱାର୍ଡ ର ଲୋକ, ପରିବାର ଓ ବ୍ୟବସୟିକ ପ୍ରତିଷ୍ଠାନ ଗୁଡିକୁ ସହର କୁ ସ୍ୱଚ୍ଛ ରଖିବାକୁ ସଚେତନ କରାଇଛନ୍ତି ।ଠିକ ସମୟ ରେ ବର୍ଜ୍ୟ ବସ୍ତୁ ସଂଗ୍ରହ କରିବାକୁ ଶ୍ରୀମତୀ ସାହୁ



ଅନୁରୋଧ କରିଥିଲେ । ପ୍ରାରମ୍ଭିକ ସୂଚନା ଦେଇ ପୂର୍ବତନ କାଉନସିଲର ତଥା ସଂସଦ ଙ୍କ ପ୍ରତିନିଧି ଚିତରଞ୍ଜନ ପଣ୍ଡା ଆଗାମୀ ୨୦୩୯ ମସିହା ସୁଦ୍ଧା ବାଲେଶ୍ୱର ତଥା ଭାରତ ବର୍ଷ କୁ ସ୍ୱଚ୍ଛ ବାଲେଶ୍ୱର ସ୍ୱଚ୍ଛ ଭାରତ ରେ ପରିଣତ କରିବାକୁ ଆଜି ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାତିରଜନକ ମହାତ୍ମା ଗାନ୍ଧୀ ଙ୍କ ସ୍ୱପ୍ନ ର ସ୍ୱଚ୍ଛ ଭାରତ ନିର୍ମାଣ କରାଯାଇପାରିବ । କାର୍ଯ୍ୟକ୍ରମରେ ପଚିଶ ନମ୍ବର ୱାର୍ଡ କାଉନସିଲର ନିତ୍ୟ ଗୋପାଳ ସାହୁ,ଦୁଇ ନମ୍ବର ୱାର୍ଡ କାଉନସିଲର ଅମିତ କୁମାର ନାୟକ ଓ ପୂର୍ବତନ କାଉନସିଲର ଉପେନ୍ଦ୍ର କୁମାର ଶତପଥି ଯୋଗ ଦେଇଥିଲେ । ଏହି ଅବସର ରେ ଶନିବାର ୨୨ତାରିଖ ପୂର୍ବାହ୍ନ ରେ ସ୍ଥାନୀୟ ଟାଉନ ହଲ ରେ ସହର ର ପୌର ପାଳିକା ଅଧୀନ ରେ କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀ ଙ୍କ ପାଇଁ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଡାକ୍ତର ସଚ୍ଚିଦାନନ୍ଦ ପଣ୍ଡା ଓ ଡାକ୍ତର ମେହୁଲ ବର୍ମା ୧୩୦ଜଣ ସଫେଇ କର୍ମଚାରୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଂଟନ କରିଥିଲେ । ଫାର୍ମାସିଷ୍ଟ ଜୀବନ ଜ୍ୟୋତି ସାହୁ ଏଥିରେ ସହଯୋଗ କରିଥିଲେ ।

# ସ୍ୱାୟତ ଶାସନ ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ

## କାଉନ ସିଲର ଏକାଦଶ ୨-୧ରେ ବିଜୟୀ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱରପାଳିକା ର ୧୫୦ତମ ସ୍ୱାୟତ ଶାସନ ଦିବସ ପାଳନ ର ଅବ୍ୟବହିତ ଉର୍ବରୁ ଶନିବାର ଅପରାହ୍ନ ରେ ପରମିଟ ପଡିଆ ରେ ପୌରପାଳିକା ର ଅଫିସର ଟିମ ବନାମ କାଉନସିଲର ଏକାଦଶ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଚାଳିଶ ମିନିଟ ର ଏହି ମ୍ୟାଚ ରେ ଅଫିସର ଟିମ ପ୍ରଥମ ହାପ ରେ ନିଜର ପ୍ରଭାବ ବିସ୍ତାର କରିଥିଲା ।ତେବେ କାଉନ ସିଲର ଏକାଦଶ ୨-୧ରେ ବିଜୟ ଲାଭ କରିଛନ୍ତି ।ଅଫିସର ଟିମ ପକ୍ଷରୁ ଅଧିନାୟକ ପ୍ରଦୀପ କୁମାର ନାୟକ, ଉପ ଅଧିନାୟକ ତାପସ ମହାପାତ୍ର, ମହମ୍ମଦ ଇନାୟତ ରାଜା ଉଲ୍ଲା, ସ୍ୱାଗତ



ମନ୍ତ୍ରୀ, ଅମରେନ୍ଦ୍ର ପଣ୍ଡା, ବିପ୍ଳବ କେଶରୀ ଦାସ, ଶୁଭେନ୍ଦୁ ସାହୁ, ଦିବ୍ୟ ମୋହନ ମହାନ୍ତି, ଉତ୍ସ ଭଦ୍ରା, ବିସ୍ମିତ ବେହେରା, ଉପେନ୍ଦ୍ର ସ ', ସୁଶାନ୍ତ ମାନ୍ନା ସୁରେଶ ଦଳେଇ, ହରେକୃଷ୍ଣ ଦାସ, ଲେପ ମାଝୀ, ରତ୍ନାକର ନାୟକ, କମଳ ପାତ୍ର, ମୁକୁନ୍ଦ ମହାଳିକ ଓ କାର୍ତିକ ନାଥ ଖେଳୁଥିବା ବେଳେ କାଉନ ସିଲର ଏକାଦଶ ପକ୍ଷରୁ ଅଧିନାୟକ ପଦ୍ମଲୋଚନ ଲେଙ୍କା, ଉପ ଅଧିନାୟକ ଚିତ ରଞ୍ଜନ ପଣ୍ଡା, ଉପେନ୍ଦ୍ର ଶତପଥୀ, ଭାଗବତ ସାହୁ, ନିତ୍ୟ ଗୋପାଳ ସାହୁ, ଅମିତ କୁମାର ନାୟକ, ଇଂଟେଖାବ ଅଲ୍ଲୀ ଖାନ,ଦେବାଶିଷ ସିଂହ, ସଂଜୀବ କୁମାର ଦାସ, ଶୈଳେନ୍ଦ୍ର ପ୍ରସାଦ ଦାଶ ଓ କାର୍ତିକ ଚନ୍ଦ୍ର ନାଥ ପ୍ରମୁଖ ପଡିଆ ରେ ମୁକାବିଲା କରିଥିଲେ ।ରେଫେରି ପ୍ରଦୀପ କୁମାର ଦାସ,ଲାଇନ ମ୍ୟାନ ହୃଦାନନ୍ଦ ଘଡେଇ ମଧୁସ୍ମିତା କିସ୍କୁ ଓ ଚତୁର୍ଥ ରେଫେରୀ ଭାବେ ନିମାଇଁ ଚରଣ ରାଉତ ମ୍ୟାଚ ପରିଚାଳନା କରିଥିଲେ ।ପୌର ପାଳିକା ର ଅଧକ୍ଷା ସବିତା ସାହୁ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ହାପ ଟାଇମ ର ଦଶ ମିନିଟ ପରେ ଅଫିସର ଟିମ ପକ୍ଷରୁ ବିପ୍ଳବ କେଶରୀ ଦାସ ଗୋଟିଏ ଗୋଲ ସ୍କୋର କରି ଟିମ କୁ ୧-୦ରେ ଆଗୁଆ ରଖି ଥିବା ବେଳେ କାଉନ ସିଲର ଏକାଦଶ ପକ୍ଷରୁ ଦ୍ୱିତୀୟ ହାପ ରେ ଭାଗବତ ସାହୁ ଗୋଲ ଦେଇ ମ୍ୟାଚ କୁ ୧-୧ ରେ ଡ୍ର ରଖିବାକୁ ଉଦ୍ୟମ କରିଥିଲେ । ମ୍ୟାଚ ର ୩୬ମିନିଟ ରେ ଉମେଶ ବେହେରା ଗୋଲ ଦେବା ଫଳରେ କାଉନସିଲର ଏକାଦଶ ୨-୧ ରେ ବି ଜୟୀ ହୋଇଛନ୍ତି ।





# ‘ଅକ୍ସିଜେନ ବ୍ୟାଙ୍କ’ ଉଦ୍‌ଘାଟିତ : ୫ ହଜାର ଫଳନ୍ତି ବୃକ୍ଷରୋପଣ

ଖଡ଼ିଆଳ(ନିପ୍ର) : ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମପଂଚାୟତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ପଂଚାୟତ ସ୍ଥିତ ରତାଲୁ ଛକଠାରେ ଥିବା ୬ ଏକର ପରିମିତ ସରକାରୀ ଜମିରେ ସୃଷ୍ଟି କରାଯାଇଥିବା ସବୁଜିମାକୁ ଆଜି ଆନୁଷ୍ଠାନିକ ଭାବେ ‘ଅକ୍ସିଜେନ ବ୍ୟାଙ୍କ’ ଭାବେ ଘୋଷଣା କରାଯାଇଛି । ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅକ୍ସିଜେନ ବ୍ୟାଙ୍କର ଶୁଭ ଉଦଘାଟନ କରିଛନ୍ତି । ପୂର୍ବରୁ ଏହି ୬ ଏକର ଜମିରେ ୫ ହଜାର ବିଭିନ୍ନ ପ୍ରକାରର ଫଳନ୍ତି ବୃକ୍ଷ ରୋପଣ କରାଯାଇଥିଲା । ବର୍ତ୍ତମାନ ସମସ୍ତ ବୃକ୍ଷ ୨ ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ହୋଇ ସୁସ୍ଥ ଭାବେ ବଢୁଥିବାରୁ ଏହାକୁ ‘ଅକ୍ସିଜେନ ବ୍ୟାଙ୍କ’ର ରୂପ ଦିଆଯାଇଛି । ଏହି ଅବସରରେ



ଜିଲ୍ଲାପାଳ କହିଛନ୍ତି ଯେ, ବର୍ତ୍ତମାନର ବିଶ୍ୱ ତାପାୟନ (ଏକ୍ଷକ୍ଟଭବକ୍ଷ ଡବକ୍ସଙ୍କସଭଶ) ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ସମସ୍ୟାର ମୁକାବିଲା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ । ଏହି ଅକ୍ସିଜେନ ବ୍ୟାଙ୍କ ଆଗାମୀ ଦିନରେ ଅଂଚଳରେ ବାୟୁ ପ୍ରଦୂଷଣ ହ୍ରାସ କରିବା ସହ ପ୍ରଚୁର ଅମ୍ଳଜାନ ଯୋଗାଇ ଗ୍ରାମବାସୀଙ୍କ ପାଇଁ ଏକ ବଡ଼ ଆଶୀର୍ବାଦ ସାବ୍ୟସ୍ତ ହେବ । ଜଳବାୟୁ ସୁରକ୍ଷା ଓ ବୃକ୍ଷର ଉପକାରିତା : ଏହି ଅକ୍ସିଜେନ ବ୍ୟାଙ୍କ କେବଳ ସବୁଜିମା ଭରିବ ନାହିଁ, ବରଂ ଅଂଚଳର ପରିବେଶ ସନ୍ତୁଳନ ରକ୍ଷା କରିବାରେ ବହୁବିଧ ସାହାଯ୍ୟ କରିବ : ୫ ହଜାର ବୃକ୍ଷ ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରି ପ୍ରଚୁର ବିଶୁଦ୍ଧ ଅମ୍ଳଜାନ (ଅକ୍ସିଜେନ) ଛାଡ଼ିବେ, ଯାହା ବାୟୁ ପ୍ରଦୂଷଣକୁ ରୋକିବ । ବୃକ୍ଷରାଜି ସ୍ଥାନୀୟ ଅଂଚଳର ତାପମାତ୍ରା କମ୍ ରଖିବାରେ ଏବଂ ଜଳବାୟୁକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିବେ । ମୃତିକା ସଂରକ୍ଷଣ ଓ ଭୂତଳ ଜଳସ୍ତର ବୃଦ୍ଧି : ବୃକ୍ଷର ଚେର ମାଟି ଅବକ୍ଷୟ ରୋକିବା ସହ ବର୍ଷା ଜଳକୁ ଭୂଗର୍ଭକୁ ପଠାଇ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହେବ । ଫଳନ୍ତି ବୃକ୍ଷଗୁଡ଼ିକ ଭବିଷ୍ୟତରେ ଗ୍ରାମବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାରେ ମଧ ସାହାଯ୍ୟ କରିବା ସମ୍ଭାବନା ଅଛି । ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ଶୁବାଷ ରଇତ, ସ୍ୱଚ୍ଛତା ଜିଲ୍ଲା କୋ-ଅର୍ଡିନେଟର, ଖଡ଼ିଆଳ ବିଡିଓ ମିଳନ କାନ୍ତ ଝାଙ୍କର, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଜିପିଓ ଦେବୀ ପ୍ରସାଦ ମେହେର, ଖୁଦପେଜ ସରପଂଚ ଯଶୋଦା ଶତପଥୀ, ନାଏବ ସରପଂଚ ଧ୍ରୁବରାମ ଘିଭେଲା, ସାମାଜିକ କର୍ମୀ ରାଧେଶ୍ୟାମ ଶତପଥୀ, ସିଡିପିଓ ଲତା ଡିଗାଲ, ପିଇଓ କ୍ଷୀରୋଦ ମେହେର, ଜିଆରଏସ ବ୍ରଜେଶ ହେର୍ନା ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ସ୍ୱଚ୍ଛ କର୍ମୀ, ଏମବିକେ, ସିଆରପି, ଇସି ମେମ୍ବର, ଅଙ୍ଗନୱାଡି ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଶତାଧିକ ଗ୍ରାମବାସୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



ନୂଆପଡ଼ା(ନିପ୍ର) : ଜିଲ୍ଲାରେ ଶ୍ରୀଅନ୍ନ (କ୍ଷୁଦ୍ର ଶସ୍ୟ/ମିଲେଟ୍ସ) ଚାଷକୁ ବ୍ୟାପକ ଓ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କୁ ଉତ୍ସାହିତ କରିଛନ୍ତି । ସୂଚନାଯୋଗ୍ୟ ଯେ, ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆପଡ଼ା ବ୍ଲକର ବିଭିନ୍ନ ଅଂଚଳରେ ହୋଇଥିବା ମାଣ୍ଡିଆ, ଗୁର୍ଜି, କୋଦୋ, ବାଜରା ଓ ଖେଦଜନ୍ହା ଚାଷକୁ ଅଧିକାରୀ ଶ୍ରୀଯୁକ୍ତ ବୁଲି ଦେଖିଥିଲେ । ଚାଷୀଙ୍କ ମନୋବଳ ବୃଦ୍ଧି କରିବା ପାଇଁ ସେ ନିଜେ ବିଲକୁ ଓହ୍ଲାଇ ଚାଷୀମାନଙ୍କ ସହ ମିଳିତ ଭାବେ ମାଣ୍ଡିଆ ରୋଇଥିଲେ । ଏହି ପରିଦର୍ଶନ ସମୟରେ କୃଷି ଅଧିକାରୀଙ୍କ ସମେତ ‘ଆତ୍ମା’ର ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର (ଡି.ପି.ଡି), ଶ୍ରୀଅନ୍ନ ଅଭିଯାନର ଯୋଜନା ଅଧିକାରୀ ଏବଂ ଜିଲ୍ଲା ଟିମ୍‌ର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମତାମତ ଦେଇ ଅଧିକାରୀଜଣକ କହିଥିଲେ ଯେ, ଶ୍ରୀଅନ୍ନ ଚାଷ ହେଉଛି ଭାରତୀୟ ପାରମ୍ପରିକ କ୍ଷୁଦ୍ର ଶସ୍ୟର ପୁନରୁଦ୍ଧାର ପାଇଁ ଏକ ଜ୍ୱଳନ୍ତ ଉଦାହରଣ । ଚାଷୀମାନେ ଏହାର ଉତ୍ପାଦନ ବୃଦ୍ଧି କଲେ ସାଧାରଣ ଲୋକଙ୍କ ମଧରେ ଏହାର ବ୍ୟବହାର ଓ ଚାହିଦା ବୃଦ୍ଧି ପାଇବ । ଆଧୁନିକ ଯୁବପିଢ଼ି ଏହିସବୁ ପୁଷ୍ଟିକର ଶସ୍ୟ ସମ୍ପର୍କରେ ସଚେତନ ହେବା ଫଳରେ ଅସ୍ୱାସ୍ଥ୍ୟକର ଆଧୁନିକ ଖାଦ୍ୟାଭ୍ୟାସ ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ବୁଦ୍ଧି ଯିବି ମାନେ ପ୍ରକାଶ କରିଛନ୍ତି ।

# କମଳାକାନ୍ତ ବିଦ୍ୟାପୀଠରେ ୬୧ତମ ପ୍ରତିଷ୍ଠା ଦିବସ




କଟକ(ନିପ୍ର) : ଶିଖରପୁର ସ୍ଥିତ କମଳାକାନ୍ତ ବିଦ୍ୟାପୀଠର ୬୧ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମଟି ଆରମ୍ଭ ହୋଇଥିଲା । ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପରେ ବାର୍ଷିକ ପତ୍ରିକା ‘ଆ ଫେରିଆ ମୋ ପିଲା ଦିନ’ ଅତିଥି ମାନଙ୍କ କର କମଳରେ ଉନ୍ମୋଚନ ହୋଇଥିଲା । ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ଶୁଭଦର୍ଶିନୀ ନନ୍ଦ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସ୍ୱୟଂ ପ୍ରଭା ମହାନ୍ତି , ମୁଖ୍ୟ ବକ୍ତା ଭାବରେ ଡ୍ରିମ୍ସ ୟୁନିଭରସିଟିର ପ୍ରଫେସର ବିକାଶ କୃଷ୍ଣ ଦାସ ପିଲାମାନଙ୍କୁ ଆଦର୍ଶ ଆଚରଣ ବିଧି ଅନୁସରଣ କରି ଉତମ ମଣିଷ ହେବା ପାଇଁ ମାର୍ଗ ଦର୍ଶନ କରିଥିଲେ । ଶିକ୍ଷକ ଅଲେଖ ଚନ୍ଦ୍ର ବେହୁରା ଏବଂ ମେଧାବୀ ଛାତ୍ର ଓ ଛାତ୍ରୀ ମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥାପନା କରିଥିଲେ ଶିକ୍ଷୟତ୍ରୀ ସୁମନ ପ୍ରତିହାରୀ । ଧନ୍ୟବାଦ ଅର୍ପଣ କରିଥିଲେ ମୋନାଲିସା ପ୍ରଧାନ ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପାରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ

ନୟାଗଡ଼(ନିପ୍ର) : ଓଡ଼ଗାଁ ବ୍ଲକଅନ୍ତର୍ଗତ କୁରାଳ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦ ପକ୍ଷରୁ ଶୁକ୍ରବାର ଦିନ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ପରିଷଦର ଅଧକ୍ଷ ରାମେଶ୍ୱର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୁରାଳ ଅଂଚଳର ୩୦ରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯୋଗଦେଇଥିବା ବେଳେ ସମସ୍ତଙ୍କୁ ଫୁଲଚନ୍ଦନ ଦେଇ ବନ୍ଦାପନା କରାଯାଇଥିଲା । ସମାଜରେ ବରିଷ୍ଠ ବ୍ୟକ୍ତିମାନେ କିପରି ସୁଚାରୁ ରୂପେ ସ୍ୱାସ୍ଥ୍ୟସେବା, ସାମାଜିକ ସ୍ୱୀକୃତି ଓ ସମ୍ମାନର ସହିତ ସମାଜରେ ବଂଚିବା, ସେମାନଙ୍କ ଭିତରେ



ଥିବା ଲୁକାୟିତ କଳାସଂସ୍କୃତିକୁ ଲୋକଲୋଚନକୁ ଆଣିବା ଆଦି ବିଷୟ ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । କିଛି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ସେମାନଙ୍କର ବାଲ୍ୟକାଳର ସ୍ମୃତି ସାଉଁଟିବା ସହ ଭାବର ଆଦାନ ପ୍ରଦାନ କରୁଥିବାର ପରିଲକ୍ଷିତ ହୋଇଥିଲା । ଆଉକିଛି ବୟସ୍କ ବ୍ୟକ୍ତି ନିଜଭିତରେ ଥିବା ସାଂସ୍କୃତିକ କଳାକୁ ପରିବେଷଣ କରି ନିଜର ବାର୍ଦ୍ଧକ୍ୟ ଜନିତ ଦୁଃଖକୁ ଲାଘବ କରିଥିଲେ । ପରିଷଦର ସମ୍ପାଦକ ମନୋଜ କୁମାର ନାୟକ, ଉପସଭାପତି ରଜତ ମହାପାତ୍ର, ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ଚୌଧୁରୀ, ରାମକୃଷ୍ଣ ଦାସ, ଲଡୁ କିଶୋର ସାହୁ, ଶିବପ୍ରସାଦ ଖଟେଇ, ରାମଚନ୍ଦ୍ର ପ୍ରଧାନ, ଅର୍ଜୁନ ସାମନ୍ତରାୟ, ରଜନୀକାନ୍ତ ଜେନା, ପ୍ରଦୀପ କୁମାର ପୃଷ୍ଟି, ଶଙ୍କର୍ଷଣ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିବା ଜଣା ପଡ଼ିଛି ।

# ଲଗାଣ ବର୍ଷାରେ ସୁଲୋଚନାଙ୍କ ଗୃହ ଭାଙ୍ଗିଲା

ବୈଶିଙ୍ଗା(ନିପ୍ର) : ଚଳିତ ବର୍ଷ ଏଲ ନିନୋ ପ୍ରଭାବରେ ଅଗଷ୍ଟ ମାସ ଠାରୁ ବର୍ଷାର ପରିମାଣ ବଢ଼ିବା ଯୋଗୁଁ ଲୋକମାନେ ଭୟଭୀତ ହୋଇ ଏଣ ତେଣ ଯାଇ ନିଜ ନିଜ ଜୀବନକୁ ସୁରକ୍ଷିତ ରକ୍ଷା ବିଭିନ୍ନ ଜାଗାରେ ଆଶ୍ରା ନେଲେ ପାଣି ପାଗର ପ୍ରଚାର ଯୋଗୁଁ ଲୋକେ ଛାନିଆ ଓ ଚାଷୀଙ୍କ ମୁହଁରେ ହସ ଲିଭେଇ ଯାଇଥିଲା । ବାସ୍ତବରେ ଲୋଘୁଚାପ ଯୋଗୁଁ ବର୍ଷା ହେଉଥିବାର ଦେଖାଯାଉଛି । ଚାଷୀକୂଳ ଆଶଙ୍କାରେ ଥିବାବେଳେ, ଜନସାଧାରଣ, ଛାତ୍ର ଛାତ୍ରୀ ପ୍ରଶାସନ ସମସ୍ତେ



ଏ ବର୍ଷର ବର୍ଷାରେ ବ୍ୟତିବ୍ୟସ୍ତ ହୋଇପଡିଲେଣି । ବଡ଼ସାହି ନିର୍ବାଚନ ମଣ୍ଡଳୀର ଦୁର୍ଗାପୁର ଗ୍ରା:ପ:ର ଟିକରବାଟି ଗ୍ରାମର ବାସିନ୍ଦା ସୁଲୋଚନା ମହାନ୍ତ, ସ୍ୱାମୀ ସନ୍ତୋଷ କୁମାର ମହାନ୍ତଙ୍କ ଦୁଃଖ କହିଲେ ନ ସରେ । ବାରମ୍ବାର ଲଘୁଚାପ ଜନିତ ବର୍ଷାରେ ନିଜଘର ବାସଗୃହ ଖଣ୍ଡିକ ସଂପୂର୍ଣ୍ଣ ଉଜୁଡି ଯାଇଛି । ପିଲାଛୁଆ ଧରି ସେ ବାରଦ୍ୱାର ଶୁଣ୍ଠି ପିଣ୍ଡା ହେଉଛନ୍ତି । ଦିନକୁ ଗୋଟିଏ ଓଳି ଚୁଲୀ ଜଳିବା ବି କଷ୍ଟକର । ଅଳ୍ପ ଚାଷ ଜମି ସହ ଗ୍ରାମ କରି ଚଳିବା କଷ୍ଟକର, ଘରସଜାଡିବାକୁ ଅର୍ଥ ନାହିଁ, ସରକାରୀ ସାହଯ୍ୟ ଆଶାରେ ରହିଛନ୍ତି ସନ୍ତୋଷଙ୍କ ପରିବାର । ସ୍ଥାନୀୟ ପ୍ରଶାସନ ସହ ଜିଲ୍ଲା ପ୍ରଶାସନର ସଦୟ ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ।

# ଜବରଦଖଲ ଉଚ୍ଛେଦକୁ ତୀବ୍ର ବିରୋଧ : ଆନ୍ଦୋଳନ ଚେତାବନୀ

ଜଳେଶ୍ୱର(ନିପ୍ର) : ଜଳେଶ୍ୱର ଷ୍ଟେସନ ବଜାରର ଜନସାଧାରଣଙ୍କ ଦୃଢ଼ ଦାବୀ ଫଳରେ ଷ୍ଟେସନ ବଜାର ସିନେମା ଛକ ନିକଟରେ ଆଜକୁ ୨୨ବର୍ଷ ପୂର୍ବରୁ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଏକ ସାନ୍ଧ୍ୟ ଶାଖା ଖୋଲାଯାଇ ବ୍ୟାଙ୍କ ସେବା ପ୍ରଦାନ କରି ଆସୁଥିବା ବେଳେ ଏଠାରୁ ୩ କି.ମି. ଦୂରକୁ ସ୍ଥାନାନ୍ତର କରିବା ପାଇଁ ବ୍ୟାଙ୍କ କର୍ତୃପକ୍ଷ ଭିତିରିଆ ମସୁଧା କରୁଥିବା ଖବର ସହରରେ ପ୍ରଚାରିତ ହେବାପରେ ସ୍ଥାନୀୟ ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଏହି ବ୍ୟାଙ୍କର ସାନ୍ଧ୍ୟ ଶାଖା ପରିଚାଳନାରେ ଅସୁବିଧା ହେବାରୁ ପରବର୍ତୀ ସମୟରେ ବ୍ୟାଙ୍କ କାର୍ଯ୍ୟ ଦିନ ବେଳେ କାର୍ଯ୍ୟକାରୀ କରାଯାଇଥିଲା । ଜଳେଶ୍ୱର ଷ୍ଟେସନ ବଜାର ଅଂଚଳ ଏକ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ହୋଇଥିବା ବେଳେ ଏହି ସମବାୟ ବ୍ୟାଙ୍କ ଉପରେ ନିର୍ଭର କରୁଥବା ସ୍ଥାନୀୟ ବାସିନ୍ଦା ମାନଙ୍କ ସମେତ ବ୍ୟବସାୟୀ ମାନେ ସହଜ ଓ ସୁବିଧାରେ ବ୍ୟାଙ୍କରେ ଅର୍ଥ ନେଣ ଦେଣ କରୁଥିବାରୁ ବ୍ୟାଙ୍କ ସ୍ଥାନାନ୍ତର ହେଲେ ବହୁତ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଏହି ବ୍ୟାଙ୍କର ଗ୍ରାହକ ମାନେ ମତ ପ୍ରକାଶ କରିଛନ୍ତି । କାହା ଚାପରେ ଏହି ସମବାୟ ବ୍ୟାଙ୍କ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି ସେ ସମ୍ପର୍କରେ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ବ୍ୟାଙ୍କକୁ ଷ୍ଟେସନ ବଜାରରୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ପାଇଁ ସ୍ଥାନୀୟ ଜନସାଧାରଣ ସରକାରଙ୍କୁ ନିବେଦନ କରିଛନ୍ତି । ଏହି ବ୍ୟାଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲେ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ୨ନମ୍ବର କାଉନସିର ସୁରଜ ଚଉରାଶିଆ, ବଣିକ ସଙ୍ଘ ସଭାପତି ସୁଧୀର ମହାନ୍ତି, ୨ନମ୍ବର ବାସିନ୍ଦା ସତେନ ନାଗ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ପିତାଙ୍କ ସ୍ମୃତିରେ ୧୦୦ ଚାରା ବଂଟନ

ଭଦ୍ରକ(ନିପ୍ର) : ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ଏକାଦଶାହକ୍ରିୟା ଅବସରରେ ଭଦ୍ରକ ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଏକ ଭାବପୂର୍ଣ୍ଣ ସ୍ମୃତିଚାରଣ ସଭା ଓ ପଙ୍‌କ୍ତିଭୋଜନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ପବିତ୍ର ସ୍ମୃତିରେ ୧୦୦ଟି ଗଛ ରୋପଣ ନିମନ୍ତେ ଚାରା ବଂଟନ କରାଯାଇଥିଲା । ସ୍ୱର୍ଗତ ବିଜୟ କୁମାର ପଣ୍ଡା ଦୀର୍ଘ ୨୦ ବର୍ଷ ଧରି ମୁଣ୍ଡିମରା ସ୍କୁଲ ଓ ବିଷ୍ଣୁପୁର ଟଏଗର ସ୍କୁଲରେ ଶିକ୍ଷକତା କରି ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାରେ ନିଜର ଅବଦାନ ରଖିଥିଲେ । ତାଙ୍କ ଶିକ୍ଷକ ଜୀବନ ଓ ସମାଜ ପ୍ରତି ଅବଦାନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଉକ୍ତ ଦୁଇଟି ଶିକ୍ଷାନୁଷ୍ଠାନକୁ ୨୦ଟି ଚାରା ପ୍ରଦାନ କରାଯାଇ ଥିଲା । ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଝୁଂଟିଆଙ୍କ ଦ୍ୱାରା ଏହି ଚାରାଗୁଡ଼ିକ ସ୍କୁଲ କର୍ତୃପକ୍ଷଙ୍କୁ ପ୍ରଦାନ କରାଯାଇ ଥିଲା । ଏହାବ୍ୟତୀତ ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ସ୍ମୃତିରେ ଅନ୍ୟ ୮୦ଟି ଚାରା ଶିକ୍ଷକ, ବନ୍ଧୁ-ବାନ୍ଧବ ଓ ପ୍ରିୟଜନମାନଙ୍କୁ ବଂଟନ କରାଯାଇଥିଲା । ଅବସରପ୍ରାପ୍ତ ବ୍ୟକ୍ତିଗତ ସହାୟକ ପ୍ରଦୀପ୍ତ ବାଗ, କଞ୍ଜ୍ୟୁମର କୋର୍ଟର ସଭାପତି ଶିବପ୍ରସାଦ ମହାନ୍ତି, ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ପଦ୍ମନ ରାୟ ଏବଂ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଚାରା ପ୍ରଦାନ କରିଥିଲେ । ସ୍ମୃତିଚାରଣ ସଭାରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଝୁଂଟିଆ, ଭଦ୍ରକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ ଏବଂ ଉପ ଆରକ୍ଷୀ ଅଧିକାରୀ, ଗୁଇନ୍ଧା ବିଭାଗ ଅଂଶୁମାନ ଦ୍ୱିବେଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ବନ୍ଧୁବର୍ଗ ଓ ଶୁଭେଚ୍ଛୁ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଭାରେ ବିଭିନ୍ନ ବକ୍ତା ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ସରଳତା, ସ୍ନେହ, ମାନବିକତା, ଶିକ୍ଷା ପ୍ରତି ନିଷ୍ଠା ଓ ସମାଜ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।

# ଡିଗ୍ରୀ ଅଛି, ଚାକିରୀ ନାହିଁ : ନିଯୁକ୍ତି ଆବେଦନ ତାଲିକା ଦେଖାଇଲା ବାସ୍ତବ ଚିତ୍ର

ଧାମନଗର(ନିପ୍ର) : ଡିଗ୍ରୀ ପରେ ଡିଗ୍ରୀ । ଶିକ୍ଷାଗତ ଯୋଗ୍ୟତା କହିଲେ ଏମବିଏ ଏମସିଏ ଏମକମ ଏମଏସଡ଼ବ୍ଲ୍ୟୁ ଏମଏ ପିଜି । ହେଲେ ଯୋଗ୍ୟତା ଅନୁଯାୟୀ ଚାକିରି ନାହିଁ । ଶେଷରେ ଯେଉଁ ପଦବୀ ପାଇଁ ସାଧାରଣ ଶିକ୍ଷାଗତ ଯୋଗ୍ୟତା ଲୋଡ଼ା, ସେହି ପଦବୀ ପାଇଁ ମଧ ଆବେଦନ କରିବାକୁ ପଡୁଛି । ଧାମନଗର ବ୍ଲକର କାଞ୍ଚିଆପାଳସ୍ଥିତ ମହାପୁରୁଷ ଆଶ୍ରମର ନିଯୁକ୍ତି ଆବେଦନ ତାଲିକାରୁ ଏଭଳି ନିଯୁକ୍ତି ସମସ୍ୟା ଏବଂ ଶିକ୍ଷିତ ବେକାରୀର ଏଭଳି ଏକ ଚିତ୍ର ସାମ୍ନାକୁ ଆଣିଛି । ମହାପୁରୁଷ ଆଶ୍ରମ ପକ୍ଷରୁ ପ୍ରକାଶିତ ଅସ୍ଥାୟୀ ଡ୍ରାଫ୍ଟ ତାଲିକା (ବିଜ୍ଞାପନ ନଂ- ୧୦/ଏମଏକେ/୨୦୨୫-୨୬)ରେ ହାଉସ କିପର, ଷ୍ଟୋର କିପର କମ୍ ଆକାଉଂଟାଟ ଓ ହାଉସ ଫାଦର/ମଦର ପଦ ପାଇଁ ଉଚ୍ଚଶିକ୍ଷିତ ପ୍ରାର୍ଥୀଙ୍କ ନାମ ଦେଖିବାକୁ ମିଳିଛି । ହାଉସ କିପର ପଦ ପାଇଁ ପି ଜି ଡିଗ୍ରୀଧାରୀ ଆବେଦନ କରିଥିବା ବେଳେ ଷ୍ଟୋର କିପର କମ ଆକାଉଂଟାଂଟ ପାଇଁ ଏମବିଏ ଏମକମ ଏମଏସଡ଼ବ୍ଲ୍ୟୁ ଡିଗ୍ରୀ ହାସଲକାରୀଙ୍କ ନାମ ରହିଛି । ହାଉସ ଫାଦର/ମଦର ପଦ ପାଇଁ ମଧ ଅନୁରୂପ ଏମଏ ଏମସିଏ ଏବଂ ଏମବିଏ ଡିଗ୍ରୀଧାରୀ ପ୍ରାର୍ଥୀ ଆବେଦନ ତାଲିକାଭୁକ୍ତ ହୋଇଛନ୍ତି । ଏହି ତାଲିକା ଏକ ପ୍ରଶ୍ନ ଉଠାଇଛି । ଉଚ୍ଚଶିକ୍ଷା ପରେ ଯଦି ଯୋଗ୍ୟତା ଅନୁଯାୟୀ ଚାକିରି ନମିଳେ, ତେବେ ଯୁବପିଢ଼ି କେଉଁ ଦିଗକୁ ଯିବ ଚାକିରି ପାଇଁ ବର୍ଷ ବର୍ଷ ଧରି ପ୍ରସ୍ତୁତି, ଡିଗ୍ରୀ ହାସଲ ଓ ପ୍ରତିଯୋଗିତା ପରେ ମଧ ନିଯୁକ୍ତିର ସୁଯୋଗ ସୀମିତ ରହିବା ଅନେକ ଶିକ୍ଷିତ ଯୁବକଯୁବତୀଙ୍କୁ ନିଜ ଯୋଗ୍ୟତାଠାରୁ କମ୍ ପଦବୀ ପାଇଁ ମଧ ପ୍ରତିଯୋଗିତା କରିବାକୁ ବାଧ କରୁଛି ।ଏହା କେବଳ ଧାମନଗରର ଏକ ନିଯୁକ୍ତି ତାଲିକା ନୁହେଁ; ବରଂ ଶିକ୍ଷା ଓ ରୋଜଗାର ମଧରେ ବଢୁଥିବା ଦୂରତା ଉପରେ ଏକ ଗମ୍ଭୀର ପ୍ରଶ୍ନ । ଉଚ୍ଚଶିକ୍ଷାର ପ୍ରସାର ସହ ଯଦି ସେହି ଅନୁପାତରେ ରୋଜଗାର ସୃଷ୍ଟି ନହୁଏ, ତେବେ ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିବା ସତ୍ୱେ ବେକାରୀର ଚାପ କମିବା କଷ୍ଟକର । ତେବେ ଏହା ଡ୍ରାଫ୍ଟ ତାଲିକା ହୋଇଥିବାରୁ ଚୂଡ଼ାନ୍ତ ନିଯୁକ୍ତି ନେଇ ଏଥିରୁ କୌଣସି ନିଷ୍କର୍ଷ ଟାଣିବା ଠିକ ହେବ ନାହିଁ । ତାଲିକାକୁ ନେଇ କୌଣସି ଆପତି କିମ୍ବା ଅଭିଯୋଗ ଥିଲେ ୩୦ ଅଗଷ୍ଟ ୨୦୨୬ ସୁଦ୍ଧା ଉପଯୁକ୍ତ ପ୍ରମାଣ ସହ ମହାପୁରୁଷ ଆଶ୍ରମର ସମ୍ପାଦକଙ୍କ ନିକଟରେ ଲିଖିତ ଭାବେ ଦାଖଲ କରାଯାଇପାରିବ । ଡିଗ୍ରୀ ବଢୁଛି, ଆଶା ବଢୁଛି; କିନ୍ତୁ ଯୋଗ୍ୟତା ଅନୁଯାୟୀ ରୋଜଗାରର ସୁଯୋଗ କିପରି ସୃଷ୍ଟି ହେବ ତାହାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି ।











**ଦୋଷ କଳାପରେ ଯିଏ ଲଜ୍ଜିତ ନହେଲା, ତାକୁ ହିଁ ମୋର ପ୍ରାଣର ଭୟ ।**

# ଆଜିକାଲି



*ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ*
*କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*
*ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି*

## ଚିନି ମୂଲ୍ୟ ବୃଦ୍ଧି ନେଇ ଖାଉଟି ଚିନ୍ତାରେ

ଗତ ମାସକ ମଧ୍ୟରେ ଓଡ଼ିଶା ସମେତ ଭାରତରେ ଚିନି ମୂଲ୍ୟ ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇଛି । ଚିନିର କଞ୍ଚାମାଲ ଆଖୁ ଉତ୍ପାଦନରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତମ ଦେଶ ହୋଇଥିବା ବେଳେ ୨୦୧୦ ମସିହା ପରଠାରୁ ଭାରତରୁ ଚିନି ରପ୍ତାନୀ ହେଉଥିଲା । କିନ୍ତୁ ଏଥର ଭାରତ ଚିନି ଆମଦାନୀ କରିବାକୁ ବାଧ ହେଉଛି । ତେବେ ଇଥାନଲ ପ୍ରସ୍ତୁତି ପାଇଁ ବେଶୀ ମାତ୍ରାରେ ଆଖୁ ବ୍ୟବହାର କରାଯାଉ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅର୍ଥନୀତି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲ (ଇ-୨୦( ପାଇଁ ଆଖୁ ବ୍ୟାପକ ମାତ୍ରାରେ ପଠାଯାଉଛି । ଭାରତ ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା ଲକ୍ଷ୍ୟରେ ଜାତ୍ରି ନୀତି ଅଧିନରେ ଭାରତ ଯୁଦ୍ଧକାଳୀନ ଭାବେ ଇଥାନଲ ଉତ୍ପାଦନ ଭିତିଭୂମିକୁ ବିସ୍ତାର କରିଛି । ଗତ ବର୍ଷକ ମଧ୍ୟରେ ମୋଟ ଉତ୍ପାଦନର ୧୦% ଆଖୁ କେବଳ ଇଥାନଲ ଉତ୍ପାଦନରେ ନିୟୋଜିତ କରାଯାଉଛି । ଇ-୨୦ ମିଶ୍ରଣ ଯାହାକି ସଫଳତାର ସହ କାର୍ବନ ନିର୍ଗମନ ଏବଂ ବିଦେଶୀ ତେଲ ନିର୍ଭରରତାକୁ ହ୍ରାସ କରିଥିବା ବେଳେ ଖୁଚୁରା ଏବଂ ବାଣିଜ୍ୟିକ କ୍ରେତାମାନଙ୍କ ପାଇଁ ଉଦ୍ଦିଷ୍ଟ ପରିଶୋଧିତ ଧଳାଚିନିର ନେଟ୍ ଉପଲବ୍ଧତାକୁ ହ୍ରାସ କରିଛି । ଏଭଳି ସଂପର୍କର ପୂର୍ବାନୁମାନ କରି ମିଠା ଦୋକାନୀ, ପାନୀୟବ୍ରାଣ୍ଡ ଏବଂ ବ୍ୟାଟେରୀ କ୍ଷେତ୍ର ସମେତ ବଡ଼ ଗ୍ରାହକମାନେ ଆଗୁଆ କିଛି କଳାବଜାରୀ କରୁଥିବାରୁ ଚିନି ସଂକଟ ବୃଦ୍ଧି ପାଉଥିବା ଆଶଂକା କରାଯାଉଛି । ଦେଖିବାକୁ ଗଲେ ଚିନିର ଖୁଚୁରା ବଜାର ଦର ହାରାହାରି ୬୫ ଟଙ୍କାରେ ପହଂଚିବାର ରେକର୍ଡ଼ ଛୁଇଁଛି । ସ୍ଥଳବିଶେଷରେ ୭୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଖାଉଟୀଦ୍ରବ୍ୟର ମୂଲ୍ୟ ବୃଦ୍ଧି ସହ ଚିନି ଦର ବଢ଼ିବା ଖାଉଟୀ ମାନଙ୍କ ଉପରେ ଯେପରି ଚଡ଼କ ପଡ଼ିଛି । ଆଗକୁ ପୂଜା ପାର୍ବଣର ଋତୁ ଆସୁଥିବାରୁ ଖାଉଟୀ ମାନଙ୍କର ଚିନିର ଆବଶ୍ୟକତା ଅଧିକ ରହିଥିବା ବେଳେ ଅସାଧୁ ବ୍ୟବସାୟୀ ମାନେ ଖାଉଟୀଙ୍କୁ ଅନ୍ୟାନ୍ୟ ସାମଗ୍ରୀରେ ଶୋଷଣ କରିବା ନିଶ୍ଚିତ । ଗତ ଦୁଇମାସ ଭିତରେ ଚିନି ଦରରେ ୩୨ % ବୃଦ୍ଧି ଘଟିବାରୁ ବାଣିଜ୍ୟ ନୀତିରେ ସମୟ ଉପଯୋଗୀ ସଂଶୋଧନର ଆବଶ୍ୟକ ଥିବା ବେଳେ ଘରୋଇ ଆଖୁ ଚାଷୀଙ୍କୁ ସୁରକ୍ଷା ଦେବାକୁ ଯାଇ କେନ୍ଦ୍ର ସରକାର ଚିନି ଆମଦାନୀ ଉପରେ ଶତପ୍ରତିଶତ ଶୁଳ୍କ ଲାଗୁକଲେ । ଏବେ ଦର ୬୦-୬୫ ଟପିବା ପରେ ୧୦ ଲକ୍ଷ କୁଇଂଟାଲ ପର୍ଯ୍ୟନ୍ତ ଚିନି ଆମଦାନୀକୁ ଶୁଳ୍କମୁକ୍ତ କରାଯାଉଛି ଏବଂ ଅସାଧୁ ମହଜୁଦକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ତତ୍ପରତା ଆରମ୍ଭ ହୋଇଛି ।

## ପୁତ୍ରଦା ଏକାଦଶୀ

◆ ନିରୁପମା ଭୂୟାଁ

ପୁତ୍ରଦା ଏକାଦଶୀରେ ନାମମନ୍ତ୍ର ଜପ କରିବା ସହ ଶ୍ରୀହରିଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ଏକାଦଶୀ ତିଥିରେ ଦୀପଦାନ ସହ ସମସ୍ତ ଫଳ ପୂଜା କରିବା ବିଧାନ ରହିଛି । ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ଏହି ବ୍ରତର ମହତ୍ୱକୁ ବ୍ୟାଖ୍ୟା କରି କହିଥିଲେ ଏହି ତିଥିରେ ଅଧିଦେବତା ହେଉଛନ୍ତି ଭଗବାନ ନାରାୟଣ । ଏହି ତିଥିରେ ସମସ୍ତ ପାପନାଶ ହୋଇଥାଏ । ପୂର୍ବକାଳରେ ଭଦ୍ରାବତୀପୁରୀ ରାଜା ସୁକେତୁମାନ ଶାସନ କରୁଥିଲେ । ତାଙ୍କର କୌଣସି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଚମ୍ପା ଚିନ୍ତାରେ ରହୁଥିଲେ । ଦିନେ ରାଜା ରାଜପରିବାରର କୌଣସି ସଦସ୍ୟଙ୍କୁ ନ ଜଣାଇ ବନ୍ୟ ଭ୍ରମଣ କରିବା ପାଇଁ ବାହାରିଲେ । ରାଜା ବନର ଶୋଭାକୁ ଦେଖୁ ଦେଖୁ ଦ୍ୱିପ୍ରହର ହୋଇଗଲା । ରାଜା ଭୋଗ ଶୋଷରେ ଆଉଟୁ ପାଉଟୁ ହୋଇ ଖାଦ୍ୟ ସଂଗ୍ରହ ପାଇଁ ଖୋଜିବୁଲିଲେ । ଶେଷରେ ଏକ ସରୋବର ଓ ସରୋବର ତଟରେ ଅନେକ ମୁନିରଷି ମାନଙ୍କର ଅଶ୍ରମ ସ୍ଥଳୀ ରହିଥିବାର ଦେଖିଲେ । ଏହା ରାଜାଙ୍କ ପାଇଁ ସୌଭାଗ୍ୟ ଥିଲା । ସେ ତତ୍କ୍ଷଣାତ ଘୋଡ଼ା ଉପରେ ବସି ସରୋବର ନିକଟରେ ପହଂଚ୍ ସମସ୍ତ ମୁନିରଷିମାନଙ୍କୁ ବନ୍ଦନା କରିବାକୁ ଲାଗିଲେ । ତାଙ୍କର ବନ୍ଦନାରେ ମୁନିରଷିମାନେ ପ୍ରସନ୍ନ ହେଲେ । ରାଜା ମୁନି ମାନଙ୍କୁ ଦେଖି ପଚାରିଲେ ଆପଣମାନେ କିଏ ? ଆପଣଙ୍କ ନାମ କ'ଣ ତଥା ଆପଣମାନେ ଏଠାରେ ଏକତ୍ର ହୋଇଛନ୍ତି କାହିଁକି ? ମୁନି କହିଲେ ଆମେ ସମସ୍ତେ ବିଶ୍ୱଦେବ । ସ୍ନାନ କରିବାକୁ ଆସିଛୁ । ମାଘମାସ ନିକଟରେ ଆସୁଛି । ଆଜି ଠାରୁ ପାଂଚଦିନ ଧରି ମାଘ ସ୍ନାନ ଆରମ୍ଭ ହେବାକୁ ଯାଉଛି । ଆଜି ହିଁ ପୁତ୍ରଦା ଏକାଦଶୀ । ଯିଏ ଏହି ବ୍ରତ ପାଳନ କରିବ ତାର ପୁତ୍ର ହେବ । ରାଜା କହିଲେ ହେ ବିଶ୍ୱେଦେବଗଣ ଯଦି ଆପଣମାନେ ମୋ ଉପରେ ପ୍ରସନ୍ନ ଅଛନ୍ତି ତ ମୋତେ ପୁତ୍ର ଦିଅନ୍ତୁ । ମୁନି କହିଲେ ରାଜନ ଏହି ବ୍ରତ ବହୁତ ବିଖ୍ୟାତ, ଆଜିଠାରୁ ଏହି ବ୍ରତ ପାଳନ କରନ୍ତୁ । ମହାରାଜା ଭଗବାନ କେଶବଙ୍କ ଆଶୀର୍ବାଦରୁ ଆପଣଙ୍କୁ ପୁତ୍ର ଅବଶ୍ୟ ପ୍ରାପ୍ତ ହେବ । ଏହି ପ୍ରକାର ମୁନିଙ୍କ



କହିବାନୁଯାୟୀ ରାଜା ଏହି ବ୍ରତକୁ ପାଳନ କରିବା ସହ ପୁତ୍ରଦା ଏକାଦଶୀ ଅନୁଷ୍ଠିତ କଲେ । ଦ୍ୱାଦଶରେ ସେ ନିଜ ବ୍ରତକୁ ଉଦ୍‌ଯାପିତ କରି ମୁନିଙ୍କ ଚରଣ ସ୍ପର୍ଶ କରି ଘରକୁ ଫେରିଲେ । ସେହିଦିନ ରାଣୀ ଗର୍ଭଧାରଣ କଲେ । ରାଜାଙ୍କର ଏକ ତେଜସ୍ୱୀ ପୁତ୍ର ହେଲା ଯାହା ଗୁଣର ଅଧିକାରୀ ହେବା ସହ ପ୍ରଜା ମାନଙ୍କର ପାଳକ ମଧ୍ୟ ହୋଇପାରିଥିଲେ । ଏହି ଦୃଷ୍ଟିରୁ ପୁତ୍ରଦା ଏକାଦଶୀ ବ୍ରତ ସମସ୍ତ ଏକାଦଶୀ ଠାରୁ ଅଧିକ ମହତ୍ୱପୂର୍ଣ୍ଣ । ଏହି ଏକାଦଶୀର ଆରାଧ ଦେବତା ହେଉଛନ୍ତି ଭଗବାନ ବିଷ୍ଣୁ । ଭଗବାନ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କ ସମ୍ମୁଖରେ ଏହି ବ୍ରତର ମହିମା ବର୍ଣ୍ଣନା କରି କହିଥିଲେ ଯେ ଯେଉଁ ବ୍ୟକ୍ତି ସନ୍ତାନ ସୁଖର ଇଛା ରଖୁଥାଏ, ସେ ପୌଷ ମାସ ଶୁକ୍ଳ ଏକାଦଶୀ ତିଥିରେ ବ୍ରତ ରଖିବା ଆବଶ୍ୟକ । ବ୍ରତ ରଖୁଥିବା ଲୋକ ଦଶମୀ ଦିନ ରସୁଣ, ପିଆଜ ତ୍ୟାଗ କରିବା ସହ ଶୁଦ୍ଧ ସାତ୍ତ୍ୱିକ ଭୋଜନ ଗ୍ରହଣ କରିବା ଆବଶ୍ୟକ । ଏକାଦଶୀ ଦିନ ସକାଳୁ ସ୍ନାନାଦି ନିତ୍ୟକର୍ମ ସାରି ଶ୍ରୀ ନାରାୟଣଙ୍କୁ ଭକ୍ତ ପୂର୍ବକ ପୂଜା କରିବା ଆବଶ୍ୟକ । ଦଶମୀ ଦିନ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବା ସହ ଏକାଦଶୀ ଦିନ ଉପବାସ ରହି ବ୍ରତ କରିବା ଉଚିତ । ଦ୍ୱାଦଶୀ ଦିନ ବ୍ରାହ୍ମଣ ଭୋଜନ କରାଇ ସେମାନଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତ କରିବା ଉଚିତ । ନିୟମ ପୂର୍ବକ ପୁତ୍ରଦା ଏକାଦଶୀ ବ୍ରତ କଲେ ବ୍ରତର ପୂଣ୍ୟ ଫଳ ସ୍ୱରୂପ ପୁତ୍ର ପ୍ରାପ୍ତି ହୋଇଥାଏ ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର : ୯୯୩୭୪୭୦୯୮୦*

## ଉତ୍କଳ ଭାରତୀ କୁନ୍ତଳା କୁମାରୀ



ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଜଣେ ଅନନ୍ୟା ଅଦ୍ୱିତୀୟା ନାରୀ ପ୍ରତିଭା । ଏକାଧାରରେ ସେ ଜଣେ କବି, ଔପନ୍ୟାସିକା ଓ ସଂପାଦିକା ଥିଲେ । ଦେଶାତ୍ମବୋଧ, ପ୍ରେମ, ପ୍ରକୃତି ଆଦି କାବ୍ୟ-କବିତାର ବିଭିନ୍ନ ବିଭବ ମଧ୍ୟରେ ତାଙ୍କ ଲେଖନୀର ଜୟଯାତ୍ରା ଅବ୍ୟାହତ ରହିଥିଲା । ସେ ମାତ୍ର ଅଠତିରିଶ ବର୍ଷ ବଂଚିଥିଲେ । ସେହି ସ୍ୱଳ୍ପ ଅବଧିର ଜୀବନ ମଧ୍ୟରେ ସୃଷ୍ଟି କରିଥିଲେ ଏକାଧିକ ମର୍ମସ୍ପର୍ଶୀ କାବ୍ୟଗ୍ରନ୍ଥ, ଉପନ୍ୟାସ ଓ ପ୍ରବନ୍ଧ । ତାଙ୍କ ରଚିତ ପ୍ରଥମ କବିତା 'ତାରାପ୍ରତି', ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା । ତାହା ପରେ ଲେଖିଥିଲେ 'ଶେଫାଳି', 'କମଳପ୍ରତି', 'ପୂଜା', 'ଆବାହନ' ଇତ୍ୟାଦି । ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀ । 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଅର୍ଚ୍ଚନା', 'ସ୍ଫୁଲିଙ୍ଗ', 'ଆହ୍ୱାନ', 'ପ୍ରେମ ଚିନ୍ତାମଣି' ଆଦି କୁନ୍ତଳାଙ୍କ ପ୍ରମୁଖ କବିତା ସଂକଳନ । 'ନଅତୁଣ୍ଡୀ', 'କାଳିବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଆଦି ତାଙ୍କର ଲୋକପ୍ରିୟ ଉପନ୍ୟାସ । ସେ ହିନ୍ଦୀରେ 'ବରମାଳା' ନାମକ ଗୀତିଗୁଚ୍ଛ ରଚନା କରିଥିଲେ । କୁନ୍ତଳା ଜନ୍ମ ହୋଇଥିଲେ ଓଡ଼ିଶାର ବିଚ୍ଛିନ୍ନାଂଚଳ ବସ୍ତରର ଜଗଦଳପୁରରେ । ତାଙ୍କ ପିତା ଦାନିଏଲ ଜଣେ ଡାକ୍ତର ଥିଲେ । ଏଥିପାଇଁ ପିତାଙ୍କ ସହିତ ସୁଦୂର ବର୍ମାରେ ସେ କିଛି କାଳ ରହିଥିଲେ । ବର୍ମାରେ ହିଁ କୁନ୍ତଳାଙ୍କ ଶୈଶବ ଓ କୈଶୋର ଜୀବନ କଟିଥିଲା । ପରେ, ମାଆଙ୍କ ସହିତ ସେ ଖୋର୍ଦ୍ଧା ଆସିଥିଲେ । ରେଭେନ୍ସା ବାଳିକା ବିଦ୍ୟାଳୟରୁ ଉତୀର୍ଣ୍ଣ ପରେ, କଟକ ମେଡ଼ିକାଲ ସ୍କୁଲରେ ଅଧ୍ୟୟନ କରିଥିଲେ । ସେ ଥିଲେ ଅତ୍ୟନ୍ତ ନିର୍ଭୀକା ଓ ସାହସିନୀ । ପାଠରେ ଥିଲେ ଖୁବ୍ ଆଗୁଆ । ୧୯୨୧ ବିହାର-ଓଡ଼ିଶା ମେଡ଼ିକାଲ ବୋର୍ଡ଼ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ଲାଭ କରିଥିଲେ । କୁନ୍ତଳାଙ୍କ ଜୀବନର ଅନ୍ତିମ ସମୟ ଦିଲ୍ଲୀରେ କଟିଥିଲା । ୧୯୩୮ ଅଗଷ୍ଟ ୨୩ ତାରିଖ ଦିନ ତାଙ୍କର ପରଲୋକ ହୋଇଥିଲା ।

## କ୍ରୀତଦାସ ପ୍ରଥା ଉଚ୍ଛେଦ ସ୍ମୃତିରେ ଅନ୍ତର୍ଜାତୀୟ ଦିବସ

◆ ଶ୍ୟାମ ସୁନ୍ଦର ସାମଲ



ୟୁନେସ୍କୋ ଆନୁକୂଲ୍ୟରେ ୧୯୯୯ରୁ ପ୍ରତି ବର୍ଷ ଅଗଷ୍ଟ ୨୩ରେ ପାଳନ କରାଯାଉଛି କ୍ରୀତଦାସ ପ୍ରଥା ଏବଂ ଉଚ୍ଛେଦ ସ୍ମୃତିରେ ଅନ୍ତର୍ଜାତୀୟ ଦିବସ ବା ଇଂରେଜୀରେ ଇଂଟରନେସନାଲ ଡେ ଫର୍ ଦ ରିମେମବ୍ରାନ୍ସ ଅଫ ଦ ସ୍ଲେଭ ଟ୍ରେଡ଼ ଆଣ୍ଡ ଇଟ୍ସ ଆବୋଲିସନ୍ । ଏହି ଅବସରରେ ଏହି ବିଷୟରେ କିଛି ଜଣା ଅଜଣା କଥା । କ୍ରୀତଦାସ ବ୍ୟବସାୟର ଉଚ୍ଛେଦ ହୋଇସାରିଥିଲେ ହେଁ ବହୁ ରାଷ୍ଟ୍ରରେ କୌଣସି ନା କୌଣସି ରୂପରେ ତାହା ବଂଚ୍ ରହିଛି । ଆଧୁନିକ ବିଶ୍ୱରେ ଆମ ଦେଶରେ ହିଁ ଦାସଙ୍କ ସଂଖ୍ୟା ସର୍ବାଧିକ । ୱାକ୍ ଫ୍ରି ଫାଉଣ୍ଡେସନର ୨୦୧୬ ରିପୋର୍ଟ ଅନୁଯାୟୀ ସଂପ୍ରତି ଭାରତରେ ଏକମାନଙ୍କ ସଂଖ୍ୟା ୧.୮୩ କୋଟି ଏବଂ ବିଶ୍ୱରେ ୪.୬ କୋଟି । ଶିଶୁ ଶ୍ରମିକ, ଗୋତି ଶ୍ରମିକ ଆଦି ଦାସ ଅନ୍ତର୍ଭୁକ୍ତ । ଆମେରିକାରେ କ୍ରୀତଦାସ ପ୍ରଥା ଲୋପକରିବା ପାଇଁ ୧୭୯୦ରେ ପ୍ରଥମେ ଉଦ୍ୟମ କରିଥିଲେ ବେଞ୍ଜାମିନ୍ ଫ୍ରାଙ୍କଲିନ୍ । ଆମେରିକାର ପ୍ରଥମ କ୍ରୀତଦାସ ମାଲିକ ଥିଲେ ଆନ୍ଥୋନି ଜନ୍ସନ୍ ନାମକ ଆଙ୍ଗୋଲାନ କୃଷ୍ଣକାୟ । ହ୍ୱାଇଟ୍ ହାଉସ୍‌ର ଏକ ଅଂଶ କ୍ରୀତଦାସଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ବିଶ୍ୱ ବିଖ୍ୟାତ ଲେଖକ ସରଭେନ୍‌ଟିସ୍ ଡନ୍ ଖିହୋଟି ରଚନା କରିବା ପୂର୍ବରୁ ଆଲଜିଅର୍ସରେ ପାଂଚ ବର୍ଷ ଦାସତ୍ୱ ଭୋଗିଥିଲେ ।

*ବିଡ଼ାନାସୀ ବନ୍ଧଛକ, କଟକ, : ୯୭୭୮୬୩୫୯୨୬*

## ଆଶ୍ଚର୍ଯ୍ୟ ରୋବର୍ଟକୁ ପିନ୍ଧି ପାରିବେ



କ'ଣ ଆଶ୍ଚର୍ଯ୍ୟ ହୋଇ ଗଲେକି ? କିନ୍ତୁ ଏହା ସତ ଏବେ ରୋବଟ୍‌କୁ ଆପଣ ପିନ୍ଧି ପାରିବେ । ଏକ ବାୟୋ-ମେଡିକାଲ ଇଞ୍ଜିନିୟରିଂ କମ୍ପାନୀ ତରଫରୁ ଏଭଳି ଏକ ରୋବର୍ଟ ଉଦ୍ଭାବନ କରାଯାଇଛି ଓ ଏହାର ନାମ କ୍ୟାରିଅଟ୍ ରଖାଯାଇଛି । ଏଥିରେ ଅତ୍ୟାଧୁନିକ ସେନ୍‌ସର ଲାଗିଥିବାରୁ ଏହା ଅତି ସହଜରେ କାହା ଉପରେ ନିର୍ଭର ନକରି ଚଳପ୍ରଚଳ କରିପାରୁଛି । ଏହି ସେନ୍‌ସର୍ ରୋବର୍ଟ ପୋଷାକର ଭିତର ପଟେ ରହିଚି । ଏହାକୁ ପିନ୍ଧିବା ଫଳରେ ବ୍ୟକ୍ତିର କାର୍ଯ୍ୟ କରିବାର ଗତି ଜଣାପଡୁଛି ଏବଂ କେଉଁ କାର୍ଯ୍ୟ ପାଇଁ କେତେ ସମୟ ଦରକାର ତାହାର ସଠିକ୍ ସମୟ ନିରୂପଣ ମଧ୍ୟ କରିପାରୁଛି । ଏହା ବ୍ୟାଟେରୀ ଦ୍ୱାରା ପରିଚାଳିତ ହେଉଛି । ପ୍ରତି ଘଂଟାରେ ଏହା ୨୦କି.ମି. ବେଗରେ ଗତି କରିପାରୁଛି ।

## ତୀର୍ଯ୍ୟକ କହିଲେ କହିବ କହୁଛି

ଦୁନିଆରେ ସ୍ୱର୍ଗ କହିଲେ ଆମେ ପରିବାରକୁ ହିଁ ବୁଝାଇ ଥାଉ । ପରିବାର ମଧ୍ୟରେ ପ୍ରତ୍ୟେକ ସଦସ୍ୟ ସ୍ନେହ, ଶ୍ରଦ୍ଧା, ଭଲପାଇବା ମଧ୍ୟରେ ବନ୍ଧନଯୁକ୍ତ ହୋଇ ପରସ୍ପର ମଧ୍ୟରେ ଆପଣା ଭାବ ରଖି ପରିବାରକୁ କିପରି ସୁଦୃଢ଼ ଓ ସୁଶୃଙ୍ଖଳ କରାଯାଇ ତାହାର ଗୁରୁତ୍ୱ ଆଣିବା ସଂଗେ ସଂଗେ ପ୍ରତ୍ୟେକଙ୍କ ପାଇଁ ଜୀବନକୁ ଅମୂଲ୍ୟ ଭାବି ଖୁସିରେ ବଂଚି ପାରିବା ସେଥିପ୍ରତି ଗୁରୁତ୍ୱ ଦିଆଯାଇଥାଏ । ପ୍ରତ୍ୟେକ ଜୀବନରେ ହସ- କାନ୍ଦ, ସୁଖ- ଦୁଃଖ ମାଧ୍ୟମରେ ଭଗବାନ ସ୍ଥିର ରଖିଥାନ୍ତି । ତାହା ଯଦି ଜୀବନରେ ନ ରହେ ତାହାଲେ ମଣିଷ ଜୀବନର ସ୍ୱାଦ କିଛି ଜାଣିପାରିବ ନାହିଁ । ପରିବବାର ଜୀବନଧାରଣ ପରିଧି ମଧ୍ୟରେ ସବୁ କିଛି ସମସ୍ୟା, ଘଟଣା, ଦୁର୍ଘଟଣା ଘଟିବା ସୁନିଶ୍ଚିତ । ତଥାପି ତାହାରି ମଧ୍ୟରେ ଜୀବନର ଗତ ତୀଖର ଭାବେ ଚାଲିଥାଏ । କିନ୍ତୁ ଏହାକୁ ଯଦି ମଣିଷ ହୃଦୟଙ୍ଗମ ନକରି ପରିବାରକୁ ହେୟଜ୍ଞାନ କରିବା ସହ ବଡ଼ ମାନଙ୍କ କଥା ନ ବୁଝି, ଗୁରୁତ୍ୱ ନ ଦେଇ ନିଜର ଅହମିକା ବଳରେ ସେ ବଡ଼ ବୋଲି ଭାବେ ତେବେ ପରିବାର ନିଶ୍ଚିତ ଭାବେ ଛାରଖାର ହୋଇଯିବା ସହ ସେ ଅହମିକାଧାରୀ ମଣିଷ ଯେ ମୁହଁ ମାଡ଼ି ତଳେ ପଡ଼ିଯିବ ସେ କଥା ବି ସିଏ ଜାଣିପାରିବ ନାହିଁ । ଗତକାଲି ଜଣେ ପଡୋଶୀ ବ୍ୟକ୍ତି ଘରକୁ ଆସିଥିବା ବେଳେ ତାଙ୍କୁ କିଛି ସମୟ ପାଇଁ ପାଖରେ ବସି ରଖି ସବୁ ହାଲ ଚାଲ ବୁଝିଲି । କଥା ପ୍ରସଂଗରେ ସେ କହିଲେ ମାଆ ରେ ମୋତେ ଶୀଘ୍ର ଛାଡ଼ି ଦେ ନ ହେଲେ ମୋ ବୋହୂ ମୋତେ ଟଂଟିଆ ମାରି ଘରୁ ବାହାର କରିଦେବ । କି ଯୁଗ ହେଲାରେ ବାବା ବୋହୂର ପୁଣି ଏତେ ସାହସ ଆସିଲା କେଉଁଠୁ । କଥା କହୁ କହୁ କାନ୍ଦି ପକାଇ କହିଲେ ଜାଣିଚୁ ନା ଏ ବୁଢ଼ୀ ବୟସରେ କେତେ ଆଉ ପାଇଟୀ କରିମି । ଘରର ଯାବତୀୟ କାମ ସହ ରାତିରେ ବୋହୂର ମଧ୍ୟ ଗୋଡ଼ ମୋଡାମୋଡି କରିଦିଏ । କେବଳ ଯେ ମୁଁ କରେ ତାହା ନୁହେଁ ମୋ ପୁଅ ମଧ୍ୟ କରେ । ପ୍ରତ୍ୟେକ ଦିନ ରାତିରେ ମୋ ପୁଅ ଅଇଁଠା ବାସନ ମାଜି ରଖି ଦିଏ । ଆଉ ସକାଳୁ ଯେତେକ ରନ୍ଧା ବାସନ ଥାଏ ମୁଁ ମାଜି ଦିଏ । ଖାଇଲା ବେଳକୁ ଯାହା ଥିବ ନିଜେ ଆଣି ମୁଁ ଖାଏଁ । ଦେହ ଖରାପ ହେଲେ ପାଣି ମୁନ୍ଦେ ମଧ୍ୟ ଦେବାକୁ କେହି ନାହିଁ । ଜନ୍ମ କଲା ପୁଅ ମଧ୍ୟ କଷ୍ଟ ପାଉଚି । ତା' ପାଖରୁ ମୁଁ ଆଉ କି ସେବା ଚାହିଁବି । ପ୍ରତ୍ୟେକ ଦିନ ଘରେ କିଚିମିଚି ଚାଲିଛି । ବୋହୂର ସବୁବେଳେ ଗାଳିଗୁଲଜ । କେତେ ବା ସହିବି ? ଝିଅ ଘରେ କଣ ସବୁ ଦିନେ ରହି ହେବ ? କେତେ କଷ୍ଟରେ ମୁଁ ଆଉ ତ ମଉସା ଏ ଘରଟିକୁ କରିଥିଲୁ ଅଥଚ ଏ ବୁଢ଼ା ବୟସରେ ଘରଟି ମଧ୍ୟ ନିଜର ହଉନି । ସରେ କଣ ଏମିତି ଜୀବନ ବାର୍ଦ୍ଧକ୍ୟ ଅବସ୍ଥାରେ ଭୋଗିବାକୁ ପଡ଼ିବ । ଯଦି ସେମିତି ହିଁ ତାହାଲେ ଏ ଦୁନିଆରେ କଣ ଧର୍ମ ଉଠିଗଲାଣି କି ? ପୁଅ ଜନ୍ମ କରିବା କଣ ପାପା ହେବ କି ? ମଲା ବେଳକୁ ସମସ୍ତେ ଚାହାଁନ୍ତି ମୁହଁରେ ପୁଅ ନିଆଁ ଦେଉ ଏବଂ ଶ୍ରାଦ୍ଧକର୍ମ ପୁଅ-ବୋହୂ ଦୁହେଁ ମିଶି କରନ୍ତୁ । ଯେଉଁ ନିଆଁଗିଲା କୁ- ସଂସ୍କାରୀ ବୋହୂ ଶାଶୁ ଘରକୁ ଆସି ଘରକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଉଛନ୍ତି ସେମାନଙ୍କୁ ଶହେ ସଲାମ । ବୁଝି ପାରୁ ନାହାଁନ୍ତି କରୁଥିବା କର୍ମ ଯୋଗୁଁ ସେମାନଙ୍କୁ ଯେ ପରିଶେଷରେ ଭୋଗ କରିବାକୁ ପଡ଼ିବ । ବର୍ତମାନ ଠାରୁ ଯଦି ସାବଧାନ ନରହନ୍ତି ତାହାଲେ ନର୍କ ଯନ୍ତ୍ରଣା ଯେ କି ଭୟଙ୍କର ତାହା ଆଗାମୀ ସମୟ ହିଁ କହିବ । ଏବେ ଠାରୁ ସଜାଗ ରହି ଶାଶୁ-ଶ୍ୱଶୁର ଏବଂ ଗୁରୁଜନଙ୍କ ଠାରୁ ଆର୍ଶୀବାଦ ନେବା ସହ ସାନ ମାନଙ୍କୁ ସ୍ନେହ ଶ୍ରଦ୍ଧା କରି ଭଲ ପାଇବା ଠୁଳାଇ ନିଅନ୍ତୁ ତେବେ ଯାଇ ପରିବାର ରଥ ସୁରୁଖୁରୁରେ ଗଡ଼ି ପାରିବ ଏବଂ ପରିବାର ଲୋକେ ହସ ଖୁସିରେ ଜୀବନଯାପନ କରିପାରିବେ । ତେବେ ଯାଇ ପରିବାର ଯେ ସ୍ୱର୍ଗ ତାହାର ସଠିକ୍ ନିର୍ଯ୍ୟାସ ହୋଇ ପାରିବ ।

## ସ୍ୱର ନିରବ ହେଲା, ସ୍ମୃତି ନୁହେଁ : ଓଡ଼ିଆ ମନର ଅମର କଣ୍ଠ ପ୍ରଣବ ପଟ୍ଟନାୟକଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି

ଆଜି ଓଡ଼ିଶାର ଆକାଶରେ ଏକ ଅଜଣା ନିରବତା, ଆଜି ଓଡ଼ିଆ ସଙ୍ଗୀତର ଅଗଣିତ ଶ୍ରୋତାଙ୍କ ହୃଦୟରେ ଏକ ଅପୂରଣୀୟ ଶୂନ୍ୟତା, ଆଜି ଅସଂଖ୍ୟ ସ୍ମୃତିର ଦ୍ୱାର ଖୋଲି ଏକ ସ୍ୱର ମନେମନେ ପଚାରୁଛି—"ମୁଁ କ'ଣ ସତରେ ଚାଲିଗଲି ?" ହଁ, ଜୀବନର ନିର୍ଦ୍ଦୟ ସତ୍ୟ ଆଜି ଆମ ସାମ୍ନାରେ ଠିଆ ହୋଇଛି । ଓଡ଼ିଆ ସଙ୍ଗୀତ ଜଗତର ବର୍ଷୀୟାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ ଆଉ ଆମ ମଧ୍ୟରେ ନାହାନ୍ତି । ୮୮ ବର୍ଷ ବୟସରେ ଆଜି ତାଙ୍କର ପରଲୋକ ଘଟିଛି । ଭୁବନେଶ୍ୱରସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ସାମ୍ପ୍ରତିକ ରିପୋର୍ଟ ପ୍ରକାଶ କରିଛି । କିନ୍ତୁ ଜଣେ ଶିଳ୍ପୀ କ'ଣ କେବଳ ତାଙ୍କ ଶରୀରରେ ବଞ୍ଚନ୍ତି ? ଜଣେ କଣ୍ଠଶିଳ୍ପୀ କ'ଣ କେବଳ ତାଙ୍କ ଜୀବନକାଳରେ ଗାଇଥିବା ଗୀତରେ ସୀମିତ ରହନ୍ତି ? ନା, କେବେ ନୁହେଁ । ଯେଉଁ କଣ୍ଠ ଗୋଟିଏ ପିଢ଼ିର ଭାବନାକୁ ସ୍ୱର ଦେଇଥାଏ, ଯେଉଁ ସ୍ୱର ଜଣେ ମଣିଷର ଏକାକୀ ରାତିକୁ ସାଥୀ ହୁଏ, ଯେଉଁ ଗୀତ ଜଣେ ମାଆଙ୍କ ଆଖିରେ ଲୁହ ଆଣେ, ଯେଉଁ ସୁର ଜଣେ ପ୍ରେମିକର ହୃଦୟରେ ପୁରୁଣା ସ୍ମୃତିକୁ ଜାଗ୍ରତ କରେ, ଯେଉଁ ଗୀତ ଜଣେ ପ୍ରବାସୀ ଓଡ଼ିଆଙ୍କୁ ନିଜ ମାଟିର ଗନ୍ଧ ଅନୁଭବ କରାଏ—ସେହି କଣ୍ଠ ମରେ ନାହିଁ । ପ୍ରଣବ ପଟ୍ଟନାୟକ ମଧ୍ୟ ମରିନାହାନ୍ତି; ତାଙ୍କ ଦେହର ଯାତ୍ରା ଥମିଯାଇଛି, କିନ୍ତୁ ତାଙ୍କ ସ୍ୱରର ଯାତ୍ରା ଆଜିଠାରୁ ଆହୁରି ଦୀର୍ଘ ହୋଇଗଲା । ୧୯୩୮ ଜାନୁଆରୀ ୨୦ରେ ଜନ୍ମ ନେଇଥିବା ପ୍ରଣବ ପଟ୍ଟନାୟକ ୧୯୫୮ ମସିହାରେ 'ମା' ଚଳଚ୍ଚିତ୍ର ମାଧ୍ୟମରେ କଣ୍ଠଶିଳ୍ପୀ ଭାବେ ନିଜ ସଙ୍ଗୀତ ଯାତ୍ରା ଆରମ୍ଭ କରିଥିଲେ । ପରବର୍ତୀ ଦଶନ୍ଧିଗୁଡ଼ିକରେ ତାଙ୍କ କଣ୍ଠ ଓଡ଼ିଆ ସଙ୍ଗୀତର ଏକ ବିଶିଷ୍ଟ ପରିଚୟରେ ପରିଣତ ହୋଇଥିଲା । ସେ ଦୁଇଶହରୁ ଅଧିକ ସଙ୍ଗୀତରେ କଣ୍ଠଦାନ କରିଥିବା ରିପୋର୍ଟ ପ୍ରକାଶିତ ହୋଇଛି । ଓଡ଼ିଶୀ, ଭଜନ, ପାରମ୍ପରିକ ଲୋକଗୀତ ସହ ବିଭିନ୍ନ ଧାରାର ସଙ୍ଗୀତରେ ତାଙ୍କ ଦକ୍ଷତା ତାଙ୍କୁ ବହୁମୁଖୀ ଶିଳ୍ପୀ ଭାବେ ପ୍ରତିଷ୍ଠିତ କରିଥିଲା । ୨୦୧୬ରେ ସେ 'ଜୟଦେବ ସମ୍ମାନ'ରେ ସମ୍ମାନିତ ହୋଇଥିବା ତଥ୍ୟ ମଧ୍ୟ ପ୍ରକାଶିତ ହୋଇଛି । କିନ୍ତୁ ପୁରସ୍କାର, ସମ୍ମାନ, ଗୀତର ସଂଖ୍ୟା କିମ୍ବା ଦୀର୍ଘ ସଙ୍ଗୀତ ଯାତ୍ରା—ଏସବୁ ମିଶିଲେ ମଧ୍ୟ ପ୍ରଣବ ପଟ୍ଟନାୟକଙ୍କ ପରିଚୟ ସମ୍ପୂର୍ଣ୍ଣ ହୁଏ ନାହିଁ । ତାଙ୍କର ପ୍ରକୃତ ପରିଚୟ ଥିଲା ତାଙ୍କ କଣ୍ଠର ମାନବୀୟ ସ୍ପର୍ଶ । ଏମିତି କିଛି ସ୍ୱର ଥାଏ, ଯାହା ଶୁଣିଲେ ଗୀତ ଶେଷ ହୋଇଯାଏ ନାହିଁ; ଗୀତ ଶେଷ ହେବା ପରେ ମଧ୍ୟ ତାହାର ଅନୁଭୂତି ମନରେ ରହିଯାଏ । ପ୍ରଣବଙ୍କ କଣ୍ଠରେ ସେହି ଶକ୍ତି ଥିଲା । ସେ ଗାଇଲେ ଶବ୍ଦ କେବଳ ଶବ୍ଦ ରହୁନଥିଲା, ସେହି ଶବ୍ଦରେ ଜୀବନ ଆସୁଥିଲା; ସୁର କେବଳ ସୁର ରହୁନଥିଲା, ସୁରରେ ଅନୁଭବ ଜନ୍ମ ନେଉଥିଲା । ସେହି କାରଣରୁ ତାଙ୍କର ଗୀତ ଅନେକ ଦଶକ ପରେ ମଧ୍ୟ ଶ୍ରୋତାଙ୍କ ମନରେ ବଞ୍ଚି ରହିଛି । ତାଙ୍କ ବିୟୋଗରେ ଆଜି ଓଡ଼ିଆ ସଙ୍ଗୀତ ଜଗତ ଯେଉଁ ଶୂନ୍ୟତା ଅନୁଭବ କରୁଛି, ତାହା କେବଳ ଜଣେ ଗାୟକଙ୍କୁ ହରାଇବାର ଶୂନ୍ୟତା ନୁହେଁ; ଏହା ଗୋଟିଏ ଯୁଗର ସ୍ମୃତିକୁ ହରାଇବାର ବେଦନା । ଏକ ସମୟରେ ଓଡ଼ିଆ ଗୀତ କେବଳ ମନୋରଞ୍ଜନ ନଥିଲା; ଗୀତ ଥିଲା ଘରର ଅଂଶ, ରେଡିଓ ଥିଲା ପରିବାରର ଜଣେ ସଦସ୍ୟ, ସନ୍ଧ୍ୟାର ନିରବତାରେ ଗୀତ ଥିଲା ମନର ଆଶ୍ରୟ । ସେହି ଯୁଗର କଣ୍ଠଗୁଡ଼ିକ ଆଜି ଆମ ସ୍ମୃତିର ଅମୂଲ୍ୟ ସମ୍ପଦ । ପ୍ରଣବ ପଟ୍ଟନାୟକ ସେହି ସ୍ୱରମାଳାର ଏକ ଉଜ୍ଜ୍ୱଳ ନାମ । ତାଙ୍କ ବିୟୋଗର ଖବର ଶୁଣି ଯେଉଁ ଶ୍ରୋତା ଆଜି ନିରବ ହୋଇଯାଇଛନ୍ତି, ସେମାନଙ୍କ ମନରେ ବୋଧହୁଏ ଏକାସାଙ୍ଗରେ ଅନେକ ଦଶକର ସ୍ମୃତି ଫେରିଆସୁଛି । କାହାର ମନେ ପିଲାଦିନ, କାହାର ମନେ ଯୌବନ, କାହାର ମନେ ପ୍ରେମ, କାହାର ମନେ ପରିବାର, କାହାର ମନେ ଚାଲିଯାଇଥିବା ପ୍ରିୟଜନ—ଏବଂ ସେସବୁ ସ୍ମୃତିର ପଛରେ କେଉଁଠି ନା କେଉଁଠି ପ୍ରଣବଙ୍କ କଣ୍ଠ ଶୁଣାଯାଉଛି । ଏହା ହିଁ ଜଣେ ଶିଳ୍ପୀଙ୍କ ସବୁଠାରୁ ବଡ଼ ସଫଳତା । ସେ ମଣିଷର ଜୀବନରେ ଏମିତି ଏକ ସ୍ଥାନ କରିନିଅନ୍ତି, ଯେଉଁଠାରୁ ତାଙ୍କୁ ସମୟ ମଧ୍ୟ ହଟାଇପାରେ ନାହିଁ । ପ୍ରଣବ ପଟ୍ଟନାୟକଙ୍କ ଜୀବନକୁ ଦେଖିଲେ ଆମେ ଆଉ ଏକ ବଡ଼ ଶିକ୍ଷା ପାଉ—ପ୍ରତିଭାର ଅର୍ଥ କେବଳ ନିଜ ପାଇଁ ସଫଳତା ନୁହେଁ, ପ୍ରତିଭାର ଅର୍ଥ ନିଜ ସମୟକୁ ସମୃଦ୍ଧ କରିବା । ଜଣେ ଶିଳ୍ପୀ ଯେତେବେଳେ ନିଜ କଳାକୁ ସମାଜକୁ ଦିଅନ୍ତି, ସେତେବେଳେ ତାଙ୍କ ଜୀବନ ବ୍ୟକ୍ତିଗତ ରହେ ନାହିଁ; ସେ ଜନସ୍ମୃତିର ଅଂଶ ହୋଇଯାଆନ୍ତି । ପ୍ରଣବଙ୍କ ସଙ୍ଗୀତ ମଧ୍ୟ ଓଡ଼ିଆ ସମାଜର ସାମୂହିକ ସ୍ମୃତିର ଅଂଶ ହୋଇଯାଇଛି । ତେଣୁ ତାଙ୍କୁ ବିଦାୟ ଦେବା ବେଳେ ଆମେ କେବଳ ଦୁଃଖ କରିବା ନୁହେଁ; ଆମେ ତାଙ୍କ ସୃଷ୍ଟିକୁ ଆଗାମୀ ପିଢ଼ି ପାଖକୁ ନେବାର ଦାୟିତ୍ୱ ମଧ୍ୟ ନେବା ଦରକାର । ଆଜିର ଦ୍ରୁତ ପରିବର୍ତନଶୀଳ ସଙ୍ଗୀତ ଜଗତରେ ଅନେକ ନୂଆ ସ୍ୱର ଆସୁଛି, ଆସିବେ ମଧ୍ୟ; କିନ୍ତୁ ପ୍ରତ୍ୟେକ ନୂଆ ପିଢ଼ିକୁ ନିଜ ମୂଳକୁ ଜାଣିବା ଦରକାର । ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ସେହି ମୂଳର ଏକ ଅଂଶ । ତାଙ୍କ ଗୀତ ଶୁଣିବା କେବଳ ପୁରୁଣା ଗୀତ ଶୁଣିବା ନୁହେଁ; ଏହା ଓଡ଼ିଆ ସଙ୍ଗୀତର ଏକ ଇତିହାସକୁ ଶୁଣିବା । ଏହା ଏକ ସମୟକୁ ଅନୁଭବ କରିବା, ଏକ ରସବୋଧକୁ ବୁଝିବା, ଏକ ଗାୟନ ପରମ୍ପରାକୁ ଅନୁଭବ କରିବା । ଆଜି ତାଙ୍କ ଘର ନିରବ ହୋଇପାରେ, ପରିବାର ଶୋକରେ ଥାଇପାରେ, ସହକର୍ମୀ ମାନଙ୍କ ଆଖିରେ ଲୁହ ଥାଇପାରେ, ସଙ୍ଗୀତ ଜଗତ ତାଙ୍କ ଅନୁପସ୍ଥିତିକୁ ଅନୁଭବ କରୁଥାଇପାରେ; କିନ୍ତୁ ଓଡ଼ିଶାର ଅଗଣିତ ଘରେ ତାଙ୍କ ସ୍ୱର ପୁଣି ଶୁଣାଯିବ । କେହି ତାଙ୍କ ଗୀତ ଚଳାଇବେ ଏବଂ ଚୁପ୍ ?ଚାପ୍ ବସିରହିବେ । କେହି ଆଖି ବନ୍ଦ କରି ପୁରୁଣା ଦିନକୁ ଫେରିଯିବେ । କେହି ନିଜ ପିଲାକୁ କହିବେ—"ଏହି ସ୍ୱରକୁ ଜାଣୁଛୁ ? ଏହେ ଥିଲେ ପ୍ରଣବ ପଟ୍ଟନାୟକ ।" ସେହି ମୁହୂର୍ତରେ ପ୍ରଣବ ପୁଣିଥରେ ବଞ୍ଚିଉଠିବେ । ଏହି ହେଉଛି କଳାକାରଙ୍କ ଅମରତ୍ୱ । ମୃତ୍ୟୁ ତାଙ୍କ ଶରୀରକୁ ନେଇପାରେ, କିନ୍ତୁ ତାଙ୍କ ସ୍ୱରକୁ ନେଇପାରେ ନାହିଁ । ସମୟ ତାଙ୍କୁ ଆମ ଆଖିରୁ ଦୂର କରିପାରେ, କିନ୍ତୁ ଆମ କାନରୁ ନୁହେଁ; ଜୀବନରୁ ଦୂର କରିପାରେ, କିନ୍ତୁ ସ୍ମୃତିରୁ ନୁହେଁ । ପ୍ରଣବ ପଟ୍ଟନାୟକଙ୍କ ବିୟୋଗ ଓଡ଼ିଶା ପାଇଁ ଏକ ବଡ଼ କ୍ଷତି, କାରଣ ତାଙ୍କ ପରି କଳାକାର କେବଳ ଗୀତ ଗାଉନ୍ତି ନାହିଁ, ସେମାନେ ଏକ ଭାଷାର ଭାବନାକୁ ବଞ୍ଚାଇ ରଖନ୍ତି । ଓଡ଼ିଆ ଭାଷାର ମାଧୁର୍ଯ୍ୟ, ଓଡ଼ିଆ ମାଟିର ଗନ୍ଧ, ଓଡ଼ିଆ ମନର ପ୍ରେମ, ବିରହ, ଭକ୍ତି, ଆନନ୍ଦ ଓ ବେଦନା—ଏସବୁ ତାଙ୍କ କଣ୍ଠରେ ଅନେକଥର ନୂଆ ଜୀବନ ପାଇଥିଲା । ତେଣୁ ତାଙ୍କ ବିଦାୟ ଏକ ଶିଳ୍ପୀଙ୍କ ବିଦାୟ ମାତ୍ର ନୁହେଁ; ଏହା ଓଡ଼ିଆ ସାଂସ୍କୃତିକ ଜୀବନର ଏକ ଅଧ୍ୟାୟର ଅବସାନ । ଆଜି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବା ବେଳେ ଆମେ ତାଙ୍କ ଗୀତର ସଂଖ୍ୟା ଗଣିବା ଦରକାର ନାହିଁ; ତାଙ୍କ ଗୀତ କେତେ ହୃଦୟକୁ ଛୁଇଁଥିଲା, ସେହି ହିସାବ କେହି କରିପାରିବେ ନାହିଁ । ଜଣେ ମଣିଷର ହୃଦୟକୁ ଛୁଇଁବାର ମୂଲ୍ୟ କୌଣସି ପୁରସ୍କାରଠାରୁ ବଡ଼ । ଜଣେ ପିଢ଼ିକୁ ସ୍ମୃତି ଦେଇଯିବାର ମୂଲ୍ୟ କୌଣସି ସମ୍ମାନଠାରୁ ବଡ଼ । ଜଣେ ଭାଷାର ସଙ୍ଗୀତକୁ ଅନେକ ଦଶକ ଧରି ସମୃଦ୍ଧ କରିଯିବାର ମୂଲ୍ୟ କୌଣସି ପଦକଠାରୁ ବଡ଼ । ପ୍ରଣବ ପଟ୍ଟନାୟକ ସେହି ଅମୂଲ୍ୟ ସମ୍ପଦ ଓଡ଼ିଶାକୁ ଦେଇଯାଇଛନ୍ତି । ତାଙ୍କ ପରଲୋକରେ ଆଜି ଅନେକେ ଶୋକ ପ୍ରକାଶ କରୁଛନ୍ତି, ସହଶିଳ୍ପୀ ଓ ସଙ୍ଗୀତପ୍ରେମୀମାନେ ତାଙ୍କ ଅବଦାନକୁ ସ୍ମରଣ କରୁଛନ୍ତି । ଏହି ଶୋକ କେବଳ ଆଜିର ନୁହେଁ; ଏହା ଏକ ଦୀର୍ଘ ସ୍ମରଣର ଆରମ୍ଭ । ଆମେ ଯଦି ପ୍ରକୃତରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଚାହୁଁ, ତେବେ ତାଙ୍କ ସଙ୍ଗୀତକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାକୁ ହେବ । ତାଙ୍କ ଗୀତଗୁଡ଼ିକୁ ସଂରକ୍ଷଣ କରିବାକୁ ହେବ । ତାଙ୍କ ସଙ୍ଗୀତ ଯାତ୍ରା ଉପରେ ଗବେଷଣା ହେବା ଦରକାର । ଓଡ଼ିଆ ସଙ୍ଗୀତର ଏହି ମହାନ ପିଢ଼ିର ଇତିହାସ ଲେଖାଯିବା ଦରକାର । ନୂଆ ପିଢ଼ି ତାଙ୍କୁ କେବଳ ଏକ ପୁରୁଣା ନାମ ଭାବେ ନୁହେଁ, ଏକ ସଙ୍ଗୀତ ପରମ୍ପରାର ପ୍ରତିନିଧି ଭାବେ ଜାଣିବା ଦରକାର । ଯେତେବେଳେ ଏକ ଶିଳ୍ପୀ ଚାଲିଯାଆନ୍ତି, ସେତେବେଳେ ସମାଜର ପରୀକ୍ଷା ହୁଏ—ଆମେ ତାଙ୍କୁ କେବଳ ଶୋକର ଦୁଇ ଧାଡ଼ିରେ ସୀମିତ କରିଦେବୁ, ନା ତାଙ୍କ ସୃଷ୍ଟିକୁ ସଂରକ୍ଷଣ କରି ଅମର କରିବୁ ? ପ୍ରଣବ ପଟ୍ଟନାୟକଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ—ତାଙ୍କ ଗୀତକୁ ପୁଣି ଶୁଣିବା, ତାଙ୍କ କଳାକୁ ପୁଣି ଆଲୋଚନା କରିବା, ତାଙ୍କ ସଙ୍ଗୀତର ମୂଲ୍ୟକୁ ନୂଆ ପିଢ଼ିକୁ ବୁଝାଇବା । କାରଣ ମଣିଷ ଚାଲିଯାଏ, କଳା ରହିଯାଏ । ଶରୀର ନଷ୍ଟ ହୁଏ, ସ୍ୱର ରହିଯାଏ । ଜୀବନ ଥମିଯାଏ, ସୃଷ୍ଟି ଚାଲିଥାଏ । ପ୍ରଣବ ପଟ୍ଟନାୟକଙ୍କ ଜୀବନର ସବୁଠାରୁ ବଡ଼ ସତ୍ୟ ହେଉଛି—ସେ ଯେତେବେଳେ ଗାଉଥିଲେ, ସେତେବେଳେ ସେ କେବଳ ନିଜ ପାଇଁ ଗାଉନଥିଲେ; ସେ ଓଡ଼ିଆ ମନ ପାଇଁ ଗାଉଥିଲେ । ତେଣୁ ଆଜି ଓଡ଼ିଆ ମନ ତାଙ୍କ ପାଇଁ କାନ୍ଦୁଛି । କିନ୍ତୁ ଏହି ଲୁହର ମଧ୍ୟରେ ଏକ ଗର୍ବ ଅଛି—ଆମେ ଏମିତି ଜଣେ ଶିଳ୍ପୀଙ୍କ ଯୁଗ ଦେଖିଛୁ, ଯିଏ ନିଜ କଣ୍ଠରେ ଅନେକ ମଣିଷଙ୍କ ଜୀବନକୁ ସ୍ପର୍ଶ କରିଛନ୍ତି । ଆଜି ଯଦି ତାଙ୍କ କଣ୍ଠ ଆମ କାନରେ ନିରବ ହୋଇଯାଇଛି, ତେବେ ଆମ ହୃଦୟରେ ତାହା ଆହୁରି ଉଚ୍ଚରେ ଶୁଣାଯାଉ । ଆଜି ତାଙ୍କ ଘରର ଦୁଆରରେ ନିରବତା ଥାଇପାରେ, କିନ୍ତୁ ଓଡ଼ିଶାର ଲକ୍ଷ ଲକ୍ଷ ଘରର ସ୍ମୃତିରେ ତାଙ୍କ ସୁର ଜାଗ୍ରତ ରହିବ । ଆଜି ତାଙ୍କ ପରିବାର ଜଣେ ଆତ୍ମୀୟଙ୍କୁ ହରାଇଛି, ଓଡ଼ିଆ ସଙ୍ଗୀତ ଜଗତ ଜଣେ ମହାନ କଣ୍ଠକୁ ହରାଇଛି, କିନ୍ତୁ ଓଡ଼ିଶା ହରାଇଛି ନିଜ ସାଂସ୍କୃତିକ ସ୍ମୃତିର ଜଣେ ଅମୂଲ୍ୟ ପାହାରାଦାରଙ୍କୁ । ତାଙ୍କ ଗୀତ ଆଗାମୀ ଦିନରେ ମଧ୍ୟ ବଜିବ, ଶ୍ରୋତାମାନେ ଗୁଣଗୁଣାଇବେ, ଗବେଷକମାନେ ତାଙ୍କ କଳା ଉପରେ ଲେଖିବେ, ନୂଆ ପିଢ଼ି ତାଙ୍କ ସ୍ୱରକୁ ଖୋଜିବ, ଏବଂ ପ୍ରତ୍ୟେକଥର ତାଙ୍କ ଗୀତ ଆରମ୍ଭ ହେବା ସହିତ ଏକ ଅନୁଭୂତି ଆମ ମନରେ ଜାଗିଉଠିବ—"ପ୍ରଣବ ଆଜି ମଧ୍ୟ ଆମ ସହିତ ଅଛନ୍ତି ।" ଏହା ହିଁ ଜଣେ ମହାନ ଶିଳ୍ପୀଙ୍କ ସତ୍ୟ ବିଜୟ । ମୃତ୍ୟୁ ତାଙ୍କୁ ଆମଠାରୁ ନେଇଛି, କିନ୍ତୁ ସମୟ ତାଙ୍କୁ ଆମ ସ୍ମୃତିରୁ ନେଇପାରିବ ନାହିଁ । ଓଡ଼ିଆ ଭାଷା ଯେପର୍ଯ୍ୟନ୍ତ ବଞ୍ଚିବ, ଓଡ଼ିଆ ସଙ୍ଗୀତ ଯେପର୍ଯ୍ୟନ୍ତ ଗାଯିବ, ଓଡ଼ିଆ ମନ ଯେପର୍ଯ୍ୟନ୍ତ ପ୍ରେମ, ବିରହ, ଭକ୍ତି ଓ ସ୍ମୃତିରେ ଭିଜିବ—ସେପର୍ଯ୍ୟନ୍ତ ପ୍ରଣବ ପଟ୍ଟନାୟକଙ୍କ ସ୍ୱର ମଧ୍ୟ କେଉଁନା କେଉଁଠି ଶୁଣାଯାଇଥିବ । ପ୍ରଣବ ପଟ୍ଟନାୟକଙ୍କ ଦେହାନ୍ତରେ ଓଡ଼ିଶା ଜଣେ ମହାନ କଣ୍ଠଶିଳ୍ପୀଙ୍କୁ ହରାଇଛି, କିନ୍ତୁ ତାଙ୍କ ସୁର ଆମକୁ ଛାଡ଼ି ଯାଇନାହିଁ । ସେହି ସୁର ଆମ ସ୍ମୃତିରେ ରହିବ, ଆମ ଘରର ନିରବତାରେ ରହିବ, ଆମ ରେଡିଓର ସୁରରେ ରହିବ, ଆମ ପିଲାମାନଙ୍କ ଗୁଣଗୁଣାଣିରେ ରହିବ । ଶିଳ୍ପୀ ଚାଲିଗଲେ; କଳା ରହିଗଲା । କଣ୍ଠ ଥମିଗଲା; ସୁର ଅମର ହୋଇଗଲା । ଆଜି ଅଶ୍ରୁସିକ୍ତ ନୟନରେ ତାଙ୍କୁ ଶେଷ ପ୍ରଣାମ—ହେ ପ୍ରଣବ, ଆପଣ ନାହାନ୍ତି, କିନ୍ତୁ ଆପଣଙ୍କ ସ୍ୱର ଅଛି; ଆପଣଙ୍କ ଗୀତ ଅଛି; ଆପଣଙ୍କ ସ୍ମୃତି ଅଛି; ଏବଂ ଓଡ଼ିଆ ହୃଦୟରେ ଆପଣଙ୍କ ପାଇଁ ଥିବା ସ୍ଥାନ ସଦା ଅମର ରହିବ । ଆପଣଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ନୁହେଁ—ଅନନ୍ତ ଶ୍ରଦ୍ଧାଞ୍ଜଳି ।



◆ ସୌଭାଗ୍ୟ ରଞ୍ଜନ ମହାନ୍ତି

ମୋବାଇଲ୍: ୯୪୩୭୯୯୪୩୭୯











# ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ



ବାରିପଦା : ସରକାରୀ ଉଚ୍ଚ ବିଦ୍ୟାଳୟ, ରରୁଆଁରେ ପ୍ରଧାନଶିକ୍ଷକଙ୍କ ବୃତିଗତ ବିକାଶ ନିମନ୍ତେ ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି । ଏଥିରେ ରରୁଆଁ ବ୍ଲକର ୪୮ ଜଣ ପ୍ରାଥମିକ ବିଦ୍ୟାଳୟ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଏହି ତିନିଦିନିଆ କର୍ମଶାଳାଟି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ବାରିପଦାର ଶିକ୍ଷକ-ପ୍ରଶିକ୍ଷକ ତଥା ଡାଏଟ-ସିଆରସିସି ସଂଯୋଗ ସହ-ସଂଯୋଜକ, ରରୁଆଁ ସଂଜୀବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ଓ ଉଦଘାଟନୀ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶଚନ୍ଦ୍ର ମୁଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ରନାଥ ରାଉତ, ସରକାରୀ ଉଚ୍ଚ ବିଦ୍ୟାଳୟ, ରରୁଆଁର ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ମହାନ୍ତ, ସି.ଆର.ସି.ସି., ରରୁଆଁ ପଙ୍କଜ କୁମାର ମହାନ୍ତ, ସି.ଆର.ସି.ସି., ଭଞ୍ଜକିଆ ପଙ୍କଜ ଲୋଚନ ମହାନ୍ତ ଏବଂ ସମସ୍ତ ସାଧନ କର୍ମୀ ଉପସ୍ଥିତ ଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ବାରିପଦାର ଶିକ୍ଷକ-ପ୍ରଶିକ୍ଷକ ତଥା ସାଧନ-କର୍ମୀ ସାଗର କୁମାର ଦଳନାଏକ, ଶିକ୍ଷକ-ପ୍ରଶିକ୍ଷକ ସଂଜୀବ କୁମାର ପାତ୍ର, ସାଧନ-କର୍ମୀ ମନୋଜ କୁମାର ପାତ୍ର ଏବଂ ସଂଜୀବ କୁମାର ବେହେରାଙ୍କର ଦ୍ୱାରା ତିନିଦିନଧରି କର୍ମଶାଳାଟି ସୂଚାରୁରୂପେ ପରିଚାଳିତ ହୋଇଥିଲା । ପ୍ରଶିକ୍ଷଣ ପେଟି କକ୍ଷଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ବୃତିଗତ ବିକାଶ, ଜାତୀୟ ଶିକ୍ଷା ନୀତି-୨୦୨୦ ର ପୁନର୍ବଳନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟକରଣ, ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ, ଉପଲବ୍ଧ ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତିକରଣ, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ହୋଇଥଲା ।

## ମୁରିବାହାଲ ରେଞ୍ଜ ଚେରେଗୁଡି ଜଙ୍ଗଲରେ ହାତୀପଲ

ବଲାଙ୍ଗିର : (ହି.ସ.)- ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଂଚଳରେ ହାତୀପଲଙ୍କ ଆତଙ୍କ ଦେଖିବାକୁ ମିଳିଛି । ଦୀର୍ଘ ଦିନ ହେଲା ଏହି ୧୮ ଟିକିଆ ହାତୀପଲ ଅଂଚଳରେ ଘୁରି ବୁଲୁଛନ୍ତି । ହାତୀପଲ କାହାର ଚାଷ ଜମିରେ ପଶି ଫସଲ ଖାଇବା ସହ ଦଳିଚକଟି ଫସଲ ନଷ୍ଟ କରୁଛନ୍ତି ତ ଆଉ କେତେବେଳେ ଗାଁରେ ପଶି ଲୋକଙ୍କ ଘର ଦ୍ୱାରା ଭାଙ୍ଗୁଛନ୍ତି । ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି । ଏହି ହାତୀପଲ ଏବେ ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଯମୁନା ଗ୍ରାମ ନିକଟବର୍ତ୍ତୀ ଚେରେଗୁଡି ଜଙ୍ଗଲରେ ଅଛନ୍ତି । ହାତୀର ଗତିବିଧି ଉପରେ ନଜର ରଖିଛି ବନ ବିଭାଗ । ଜଙ୍ଗଲକୁ ନଯିବା ପାଇଁ ମାଇକ୍ ଯୋଗେ ଲୋକଙ୍କୁ ସଚେତନ କରାଯାଉଛି । ପାଟଣାଗଡ଼ ରେଞ୍ଜ୍ ଅଂଚଳରୁ ଏହି ହାତୀପଲ ଆସିଥିବା ଜଣାପଡିଛି ।

# ଡେଙ୍ଗୁ, ମ୍ୟାଲେରିଆ ଡାଇରିଆ ସଚେତନତା ରଥର ଶୁଭାରମ୍ଭ

ଜୟପୁର : (ହି.ସ.)- ଜୟପୁର ବ୍ଲକ ଅନ୍ତର୍ଗତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରାବଣାଗୁଡା ଠାରେ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ନେଇ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହି ରଥକୁ ରାବଣାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରି ଡାକ୍ତର ସ୍ୱାସ୍ତିକ ମହଲା ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୁଭାରମ୍ଭ ସମୟରେ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଧରିତ୍ରି ମୁଦୁଲି, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସନ୍ତୋଷିନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ରଥ ଜୟପୁର ବ୍ଲକ ର ପ୍ରତ୍ୟେକ ଗ୍ରାମରେ ବୁଲି ସଚେତନ କରିବା ସହ ସହରରେ ମଧ୍ୟ ସାହି ଗଳି କନ୍ଦି ବୁଲି ଲୋକଙ୍କୁ ସଚେତନ କରିବ । ଆଜି ଠାରୁ ଅଗଷ୍ଟ ଓ ସେପ୍ଟମ୍ବର ମାସରେ ଏହି ରଥ ବୁଲି ଲୋକଙ୍କୁ ଡେଙ୍ଗୁ, ମ୍ୟାଲେରିଅ. ଡାଇରିଆ ରୋଗରୁ ରକ୍ଷା ପାଇବା ପାଇ ଏହି ରଥ ସଚେତନତା କରିବ । ଜ୍ୱର ହେଲେ ଅତିଶିଘ୍ର ରକ୍ତ ପରୀକ୍ଷା କରାନ୍ତୁ, ମ୍ୟାଲେରିଆ ଜଣା ପଡିଲେ ଔଷଧ ପୁରାମାତ୍ରାରେ ଖାଆନ୍ତୁ, ପ୍ରତିଦିନ ମଶାରି ଟାଣି ଶୁଅନ୍ତୁ, ଘରେ ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ, ମଶା କାମୁଡିବାରୁ ରକ୍ଷା ପାଇବା ପାଇଁ ମଶାଧୁପ କିମ୍ବା ମଶା ବିକର୍ଷକ ମଲମ ବ୍ୟବହାର କରିବା, ଡେଙ୍ଗୁ ରୋଗର ଲକ୍ଷଣ ଦେଖିବା ମାତ୍ରେ ଅତିଶିଘ୍ର ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରିବା । ଡାଇରିଆରୁ ରକ୍ଷା ପାଇବା ପାଇଁ ସିଝା ପାଣି କିମ୍ବା ହାଲୋଜେନ ବଟିକା ଦ୍ୱାରା ବିଶୋଧିତ ପାଣି ପିଇବା ପାଇଁ ବ୍ୟବହର କରନ୍ତୁ, ମାଛି ବସା ଓ ପଚା ସଢା ଖାଦ୍ୟ ଖାଆନ୍ତୁ ନାହିଁ, ତଟାକା ଖାଦ୍ୟ ଖାଆନ୍ତୁ, ବାହାରେ ଝାଡା ଫେରନ୍ତୁ ନାହିଁ, ପାଇଖାନା ବ୍ୟବହାର କରନ୍ତୁ । ଖାଇବା କିମ୍ବା ପିଲାଙ୍କୁ ଖୁଆଇବା ପୂର୍ବରୁ ତଥା ଶୌଚ ହେବାପରେ ହାତକୁ ସାବୁନରେ ଫଲ ଭାବେ ଧୁଅନ୍ତୁ । ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର.ଏସ. ପିଅନ୍ତୁ । ଡାଇରିଆ, ଜଣ୍ଡିସ ଓ ଟାଇଫଏଡ ପରି ଜଳବାହିତା ରୋଗରୁ ରକ୍ଷା ପାଇବା ପାଇଁ ନଳକୂପ ପାଣି ପିଇବା ପାଇଁ ବ୍ୟବହାର କରନ୍ତୁ, ନଳକୂପ ପାଣି ବ୍ୟତୀତ ଅନ୍ୟ ଉତ୍ସର ପାଣିକୁ ଛାଣି ଫୁଟାଇ ପିଇବା, ଖାଇବା ପୂର୍ବରୁ ଏବଂ ଝାଡାଯିବା ପରେ ହାତକୁ ଭଲ ଭାବର ସାବୁନରେ ଧୋଇବା ଆଦି ସଚେନନ କରାଯାଇଛି ।

# ରକ୍ଷାବନ୍ଧନ ପାଟ ସେବାରେ ପ୍ରଚାର ସମିତିର ବୈଠକ

ଭଦ୍ରକ : ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦ, ଭୁବନେଶ୍ୱର ପକ୍ଷରୁ ଭଦ୍ରକ ଜିଲ୍ଲାସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଗୁଡ଼ିକରେ ଆଗାମୀ ରକ୍ଷାବନ୍ଧନ ପୂର୍ଣ୍ଣିମାରେ ଦିଅଁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ପାଟରାକ୍ଷୀ ସମର୍ପଣ ସେବା ପାଇଁ ପ୍ରଦ□ ପାଟରାକ୍ଷୀ ଉଦ୍ଦେଶ୍ୟରେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ଶ୍ରୀ ବାଲଗୋପାଳ ମନ୍ଦିର ପରିସରରେ ପ୍ରଚାର ସମିତିର ମୁଖ୍ୟ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ଭଦ୍ରକ, ବାଲେଶ୍ୱର, ଯାଜପୁର ଆଦି ଜିଲ୍ଲା ବନ୍ୟାପ୍ଲାବିତ ଜନସାଧାରଣଙ୍କ ଦୁଃଖ ଦୂର କରିବା ନିମନ୍ତେ ଓଡ଼ିଶାର ବଡ଼ ଦିଅଁକୁ ପ୍ରାର୍ଥନା କରାଯାଇଥିଲା । ଭଦ୍ରକ ଜିଲ୍ଲାସ୍ଥ ତିହିଡ଼ି, ଚାନ୍ଦବାଲି, ଧାମନଗର, ଧୁଷୁରୀ, ଅସୁରାଳି ଓ ଭଦ୍ରକ ଆଦି ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧିମାନଙ୍କୁ ପାଟରାକ୍ଷୀ ପ୍ରଦାନ କରାଯାଇଥିଲା । ଭଦ୍ରକସ୍ଥ ସମସ୍ତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିନିଧି ଓ କର୍ମକର୍ତାଙ୍କୁ ନେଇ ଏକ ଐକ୍ୟ ସେବକ ମ□ ଆହ୍ୱାନ କରାଯିବାକୁ ସ୍ଥିର କରାଯାଇଥିଲା । ଏଥିରେ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧିଗଣଙ୍କୁ ସ୍ୱାଗତ କରିବା ସହ ପାଟରାକ୍ଷୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ସମିତିର ସହ ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ବାବୁଲାଲ ଦାସ, କାହ୍ନୁ ଚରଣ ଦାସ, ସନେଇ ଶିଅଳ, ପ୍ରଶାନ୍ତ କୁମାର ଦେ, କୃପାସିନ୍ଧୁ ନାୟକ, ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ଶ୍ରୀମତୀ ପୁଷ୍ପଲତା ଦାସ, ଦୁଃଶାସନ ମହାନ୍ତି, ଭାଗବତ ପୁହାଣ, ସୁବଳ ସିଂହ, ଉମେଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧଙ୍କ ମଧ୍ୟରୁ ଅଧିକ୍ତା ସର୍ବଶ୍ରୀ ସ୍ନେହାଶିଷ ପଣ୍ଡା, ନିରଞ୍ଜନ କର, ଭାବଗ୍ରାହୀ ମଲ୍ଲିକ, ପରମାନନ୍ଦ ବେହେରା, ଜଗତାନନ୍ଦ ମହାପାତ୍ର, କିଶୋର କର, ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ । ବନ୍ୟାଗ୍ରସ୍ତ ଅଂଚଳରୁ କେତେକ ପ୍ରତିନିଧି ଯୋଗ ଦେଇ ପାରି ନଥିଲେ । ସେବକ ଶ୍ରୀ ସିଂହ ସମିତି ପାଣ୍ଠିକୁ ଏକ ହଜାର ଟଙ୍କା ଦାନ କରିଥିଲେ ।

# ବାରିପଦା ଇନରହ୍ୱିଲ କ୍ଲବ ପାଳିଲା ସାଓ୍ୱନ୍ ମହୋତ୍ସବ



ବାରିପଦା : ବାରିପଦାର ଅଗ୍ରଣୀ ମହିଳା ସାମାଜିକ ସଂଗଠନ ବାରିପଦା ଇନରହ୍ୱିଲ କ୍ଲବ ତରଫରୁ ଲୁଲୁଂର ଅର୍ଚିଡ଼ ଗାର୍ଡେନଠାରେ ସାଓ୍ୱନ ମହୋତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସୁପ୍ରତି ଦଳବେହେରାଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ଉତ୍ସବରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏତଦବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଆମ ଉତ୍କଳର ସାଂସ୍କୃତିକ ଐତିହର ଗୌରବମୟ ଗାଥା ପରିବେଷିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ । ଦିବସ ବ୍ୟାପି ଉକ୍ତ କାର୍ଯ୍ୟକ୍ରମକୁ ଇନରହ୍ୱିଲ କ୍ଲବର ସଦସ୍ୟାମାନେ ସଫଳତାର ସହ ପରିଚାଳନା କରିଥିଲେ ।

# ଶାନ୍ତିଲତା ମହାପାତ୍ରଙ୍କ ବିୟୋଗରେ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା



ଭଦ୍ରକ : ଲୋକପ୍ରିୟ ଶିକ୍ଷୟିତ୍ରୀ ଓ ସମାଜସେବିକା ଶାନ୍ତିଲତା ମହାପାତ୍ରଙ୍କ ବିୟୋଗରେ ଭଦ୍ରକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ମ□ର ମିଳିତ ଆନୁକୂଲ୍ୟରେ ଏକ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶ୍ରଦ୍ଧାଂଜଳି ସଭାରେ କର୍ମଚାରୀ ସଂଘର ଉପସଭାପତି ତଥା ବରିଷ୍ଠ ସାହିତ୍ୟିକ ହରମୋହନ କୁଅଁର ଅଧ୍ୟକ୍ଷତା କରି ଥିଲେ । ସଭାପତିଙ୍କ ଅନୁରୋଧ କ୍ରମେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ତଥା ପ୍ରେମପୃଥିବୀ ପତ୍ରିକାର ସଂପାଦକ ଶ୍ରୀ କୈଳାସ ଚନ୍ଦ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ଉପସ୍ଥିତ ସଦସ୍ୟଗଣ ଶାନ୍ତି ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ଉକ୍ତ ପଥପ୍ରାନ୍ତ ଶ୍ରଦ୍ଧାଂଜଳି ସଭାରେ କରୁଣାକର ଉପାଧ୍ୟାୟ, ଅଜିତ୍ କୁମାର ନାୟକ, ଅକ୍ଷୟ କୁମାର ହୋତା, ଶାନ୍ତିଲତା ବରିକ୍, ବିନୟ କୁମାର ପଣ୍ଡା, ଯୁଧିଷ୍ଠିର ବାରିକ୍, ମଦନ ମୋହନ ନାୟକ, ମୁକ୍ତିକାନ୍ତ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ଶ୍ରୀଧର ଦାସ, ଆଦିତ୍ୟ କୁମାର ଗୋସ୍ୱାମୀ, ଜିତେନ୍ଦ୍ର ନାରାୟଣ ମହାପାତ୍ର, ଅଜିତ୍ କୁମାର ଦାସ, ଯତୀନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ମହାରଣା, ପ୍ରଦୀପ୍ତ କୁମାର ଦାସ, ଦିଲୀପ କୁମାର ନାୟକ, ବାଦଲ କିଶୋର ମହାପାତ୍ର, ଅରବିନ୍ଦ ବସନ୍ତରାୟ, ଅରୁଣ କୁମାର ମିତ୍ର, ଗୋଲକ ବିହାରୀ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମନ୍ସୁର ଅଲ୍ଲୀ, ବୀରନାରାୟଣ ଦାସ, ପ୍ରଜ୍ଞା ପଟ୍ଟନାୟକ, ଅଟଳ କୁମାର ବେହେରା, ପର୍ଶୁରାମ ସାହୁ, ଅକ୍ଷୟ କୁମାର ନାୟକ, ଗୋପାଳ ଚରଣ ସେଠୀ, ସୁରେଶ କୁମାର ସାହୁ, କମଳାକାନ୍ତ ସ୍ୱାଇଁ, ପ୍ରଶାନ୍ତ କୁମାର ଦେ, ତାରକଦାସ ଆଢ୍ୟ ଓ ଭାସ୍କର ଚନ୍ଦ୍ର ବେହରା ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ ।

# ଦେଶୀ ମଦ ଜବତ, ୦୨ ଗିରଫ



ସିମୁଳିଆ : ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ଷ୍ଟେସନ ବଜାର, ବଣା ଓ ରାମ୍ପୋ ଗ୍ରାମରେ ଚଢ଼ାଉ କରାଯାଇ ୬୦ ଲିଟର ଦେଶୀ ମଦ ଜବତ କରାଯିବା ସହିତ ବଣା ଗ୍ରାମର ଜିତେନ୍ଦ୍ର ସିଅଳ ଏବଂ ରାମ୍ପୋ ଗ୍ରାମର ସଞ୍ଜୟ ମୁର୍ମୁ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଲ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୨ ଗୋଟି ମାମଲା ରୁଜ୍ଜୁ କରାଯାଇଛି ।

# ନୂଆପଡ଼ାରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲାରେ ଖଣିଜ ସମ୍ପଦର ସୁଚାରୁ ପରିଚାଳନା, ରାଜସ୍ୱ ଆଦାୟ ବୃଦ୍ଧି ଏବଂ ବେଆଇନ ଖଣିଜ ଉତୋଳନ ଉପରେ ରୋକ୍ ଲଗାଇବା ନେଇ ଦ୍ୱିତୀୟ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ (ଡିଏଲ୍ଟିଏଫ୍) ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜ୍ିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଜିଲ୍ଲା ଖଣି ଅଧିକାରୀ ଦିଲୀପ କୁମାର ମହାନା ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଖଣିଜ ରାଜସ୍ୱ ଆଦାୟ, ବେଆଇନ ଖଣିଜ ଉତୋଳନ ଓ ପରିବହନ ବିରୋଧରେ ଚଢ଼ାଉ, ଯାନବାହନ ଜବତ ଓ ମାମଲା ରୁଜୁ, ଜରିମାନା ଆଦାୟ, ଇ-ଲଟେରୀ ମାଧ୍ୟମରେ ଖଣିଜ ସ୍ରୋତ ନିଲାମ, ନୂତନ ଡିଏସଆର ଅନୁଯାୟୀ ଖଣିଜ ସ୍ରୋତର ସ୍ଥିତି ଏବଂ କ୍ରସର ୟୁନିଟ୍ ର ପଞ୍ଜୀକରଣ ଓ ଯାଂଚ୍ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଖଣିଜ ରାଜସ୍ୱ ବାବଦରେ ୨ କୋଟି ୯୬ ଲକ୍ଷ ୭୩ ହଜାର ୫୫୨ ଟଙ୍କା ଏବଂ ୨୦୨୫-୨୬ରେ ୨ କୋଟି ୧ ଲକ୍ଷ ୬୫ ହଜାର ୯୮୮ ଟଙ୍କା ଆଦାୟ ହୋଇଛି । ୨୦୨୬-୨୭ ଆର୍ଥିକ ବର୍ଷରେ ୩୧ ଜୁଲାଇ ସୁଦ୍ଧା ୭୦ ଲକ୍ଷ ୨୬ ହଜାର ୬୧୯ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା । ୨୦୨୬-୨୭ରେ ୨୦ ଅଗଷ୍ଟ ସୁଦ୍ଧା ୯୦ଟି ଚଢ଼ାଉ କରାଯାଇ ୪୦ଟି ଯାନ ଜବତ ଏବଂ ୩୫ ଲକ୍ଷ ୪୬ ହଜାର ୩୧୬ ଟଙ୍କା ଜରିମାନା ଆଦାୟ ହୋଇଛି । ଇ-ଲଟେରୀ ମାଧ୍ୟମରେ ନିଲାମ ପାଇଁ ୮ଟି ବାଲି ଖାଦାନ ଓ ୧୬ଟି ପଥର ଖାଦାନ ସମେତ ମୋଟ ୨୪ଟି ଖଣିଜ ଖାଦାନ ପ୍ରସ୍ତୁତ ରହିଥିବା ବୈଠକରେ ସୂଚନା ଦିଆଯାଇଥିଲା । ନୂତନ ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସଆର) ଅନୁଯାୟୀ ଜିଲ୍ଲାରେ ୩୯ଟି ବାଲି ଖାଦାନ ମଧ୍ୟରୁ ୧୩ଟି କାର୍ଯ୍ୟକ୍ଷମ ଓ ୨୬ଟି ଅକାର୍ଯ୍ୟକ୍ଷମ ରହିଛି । ସେହିପରି, ୪୯ଟି ପଥର ଖାଦାନ ମଧ୍ୟରୁ ୭ଟି କାର୍ଯ୍ୟକ୍ଷମ ଓ ୪୨ଟି ଅକାର୍ଯ୍ୟକ୍ଷମ ରହିଛି । ବର୍ଷା ଋତୁ ଯୋଗୁଁ ବାଲି ଖାଦାନଗୁଡ଼ିକରୁ ଉତୋଳନ ବନ୍ଦ ରହିଥିବା ମଧ୍ୟ ବୈଠକରେ ସୂଚନା ଦିଆଯାଇଥିଲା । କ୍ରସର ୟୁନିଟ୍ ଗୁଡ଼ିକର ସ୍ଥିତି ସମୀକ୍ଷା କରି ଜିଲ୍ଲାପାଳ ସମସ୍ତ କ୍ରସର ୟୁନିଟ୍ ର ଯାଂଚ୍ ଓ ନିରୀକ୍ଷଣକୁ ଗୁରୁତ୍ୱ ଦେଇଥିଲେ । ନିୟମ ଉଲ୍ଲଂଘନ କରୁଥିବା କ୍ରସର ୟୁନିଟ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଆବଶ୍ୟକସ୍ଥଳେ ସେଗୁଡ଼ିକୁ ସିଲ୍ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବେଆଇନ ଖଣିଜ ଉତୋଳନ, ପରିବହନ ଓ ଚୋରାଚାଲାଣ ବିରୋଧରେ ଏନଫୋର୍ସମେଂଟ କାର୍ଯ୍ୟକୁ ଆହୁରି ଜୋରଦାର କରିବାକୁ ମଧ୍ୟ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ । ଏଥିସହ ଇ-ଟେଣ୍ଡର ଓ ଇ-ଲଟେରୀ ପ୍ରକ୍ରିୟାକୁ ନିୟମାନୁସାରେ ଓ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବନଖଣ୍ଡ ଅଧିକାରୀ ସମୀର କୁମାର ସାହୁ, ଭୂତତ୍ତ୍ୱବିତ୍ ସୌମ୍ୟ କୁମାର ମହାପାତ୍ର, ଡେପୁଟି ଏସ୍ପି (ଡିଆଇବି) ରମାକାନ୍ତ ଜେନା, ଏମ୍ଆଇ ଉପେନ୍ଦ୍ର ପୁସିକାଙ୍କ ସମେତ ବିଭାଗର ଅଧିକାରୀ ଓ ଟାସ୍କଫୋର୍ସ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଚାନ୍ଦୋପାଲା ବୃହତ ଉଠାଜଳସେଚନ ପ୍ରକଳ୍ପ ପାଇଁ ପାଣି ପଂଚାୟତ କ୍ଲଷ୍ଟର ଗଠିତ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ବୃହତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ଠାରେ ଚାନ୍ଦୋପାଲା ବୃହତ ଉଠାଜଳସେଚନ ପ୍ରକଳ୍ପର ସୁଚାରୁ ପରିଚାଳନା ନେଇ ପାଣି ପଂଚାୟତ କ୍ଲଷ୍ଟର ଗଠନ କରାଯାଇଛି । ଉପଜିଲ୍ଲାପାଳ ସୂର୍ମି ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିପୂର୍ଣ୍ଣ ଭାବେ ପାଣି ପଂଚାୟତ ପଦାଧିକାରୀ ଚୟନ ହୋଇଛି । ସର୍ବସମ୍ମତି କ୍ରମେ ଅମରେଶ ପଟ୍ଟନାୟକଙ୍କୁ ସଭାପତି, ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କୁ ସମ୍ପାଦକ ଏବଂ ପରମାନନ୍ଦ ଭୋଇଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ନୂତନ କମିଟିର ପଦାଧିକାରୀମାନଙ୍କୁ ସରକାରୀ ଅଧିକାରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ପାଣି ପଂଚାୟତ ନିର୍ବାଚନ ସମୟରେ ଖଡ଼ିଆଳ ଅତିରିକ୍ତ ତହସିଲଦାର ସୁଧାଂଶୁ ମାଝୀ, ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଏସ୍ଡିଓ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ପୋଲିସ ମଧ୍ୟ ଉପସ୍ଥିତ ରହି ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ । କମିଟିରେ ତିନି ଜଣ ମହିଳା ସଦସ୍ୟାଙ୍କୁ ମଧ୍ୟ ମନୋନୀତ କରାଯାଇଛି । ସେମାନେ ହେଲେ କମଳା ମାଝୀ, ଉମା ପଟେଲ ଓ ପଙ୍କଜିନୀ ଭୋଇ । ଅନ୍ୟ ସଦସ୍ୟ ଭାବେ ମୋହନ ଭୋଇ, ମେଘନାଦ ନିଆଲ ଓ ଦେବରାଜ ପଟେଲ ମନୋନୀତ ହୋଇଛନ୍ତି । ନିର୍ବାଚନରେ ଅଂଶଗ୍ରହଣ କରିଥିବା ସମସ୍ତ ୯ଟି ଜୋନ୍ ର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି ନିର୍ବାଚନ ପ୍ରକ୍ରିୟାକୁ ନୀତି ଓ ନିଷ୍ଠାର ସହ ସମାପନ କରିଥିଲେ । ନୂତନ କମିଟି ଚାନ୍ଦୋପାଲା ବୃହତ ଉଠାଜଳସେଚନ ପ୍ରକଳ୍ପର ପରିଚାଳନାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ ପାଇଛି ।

# କ୍ଷେତରାଜପୁର ମୁଖ୍ୟ ରାସ୍ତାରେ ଏସ୍ଏମସିର ଉଚ୍ଛେଦ ଅଭିଯାନ

ସମ୍ବଲପୁର : (ହି.ସ.) ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏନଫୋର୍ସମେଂଟ ଅଫିସର ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଏସ୍ଏମସି ନିର୍ମଳ ଟିମ୍ ଦ୍ୱାରା କ୍ଷେତରାଜପୁର ମୁଖ୍ୟ ରାସ୍ତାରେ ବ୍ୟାପକ ଉଚ୍ଛେଦ ଓ ସଫେଇ ଅଭିଯାନ କରାଯାଇଛି । ଏହି ଅଭିଯାନ ସମୟରେ ସାଧାରଣ ଯାତାୟାତ ଓ ଜନସାଧାରଣଙ୍କ ଚଳାଚଳରେ ବାଧା ସୃଷ୍ଟି କରୁଥିବା ବିଭିନ୍ନ କ୍ୟାବିନ୍, ଠେଲା, ହୋର୍ଡିଂ ଏବଂ ଅନଧିକୃତ ନିର୍ମାଣ ହଟାଯାଇ ରାସ୍ତାକୁ ଅବରୋଧମୁକ୍ତ କରାଯାଇଥିଲା । ଏହା ସହିତ ଏସ୍ଏମସି ସାନିଟେସନ୍ ଟିମ୍ ପକ୍ଷରୁ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍ ଗୁଡ଼ିକର ମଧ୍ୟ ସଫେଇ କରାଯାଇଥିଲା । ବିଭିନ୍ନ ସ୍ଥାନରେ ଝୁଲି ରହିଥିବା କେବୁଲ୍ ଗୁଡ଼ିକୁ କେବୁଲ୍ ଅପରେଟରମାନଙ୍କ ଦ୍ୱାରା ଉଚିତ ଉଚ୍ଚତାରେ ବ୍ୟବସ୍ଥିତ କରାଯାଇଥିଲା । ଏହି ଅଭିଯାନରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଅନଧିକୃତ ବିଦ୍ୟୁତ୍ ସଂଯୋଗ ଗୁଡ଼ିକ ବିଚ୍ଛିନ୍ନ କରାଯାଇଥିବା ବେଳେ, ଓ୍ୱାଟକୋ ଟିମ୍ ପକ୍ଷରୁ ଡ୍ରେନ୍ର ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା କିଛି କିଛି ପାନୀୟଜଳ ପାଇପ୍ ଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା । ଅଭିଯାନ ସମୟରେ ଅବୈଧ ଦେଶୀ ମଦର ପାଉଚ୍ କାରବାରର ସୁରାକ୍ ପାଇ ଅବକାରୀ ବିଭାଗ ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ତେବେ ଦୀର୍ଘ ବର୍ଷର ବ୍ୟବଧାନ ପରେ ସାଧାରଣ ଜନତାଙ୍କ ପାଇଁ ରାସ୍ତା, ଡ୍ରେନ୍ ଓ ସାର୍ବଜନୀନ ସ୍ଥାନକୁ ଅବରୋଧମୁକ୍ତ ଓ ସ୍ୱଚ୍ଛ ରଖିବା ଦିଗରେ ଏସ୍ଏମସି ପକ୍ଷରୁ ବର୍ତମାନର ଏଭଳି ମିଳିତ ଅଭିଯାନକୁ ଦେଖି ଆଗାମୀ ଦିନରେ କୌଣସି ବଡ଼ ଧରଣର ସରକାରୀ କାର୍ଯ୍ୟକ୍ରମ ହେବାର ଭ୍ରମ ମଧ୍ୟ ସୃଷ୍ଟି କରାଇଥିଲା ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଆଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ : (ହି.ସ.) - ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ 'ଶକ୍ତିଶ୍ରୀ' କାର୍ଯ୍ୟଶାଳାର ପୋକ୍ସ୍ ଆଇନ୍ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇନ୍ଜୀବୀ ତଥା ଶିକ୍ଷାବିତ୍ ଡଃ ରାଧାରାଣୀ ମହାପାତ୍ର ଯୋଗଦେଇ ଆଇନ୍ ସଚେତନତାର ଗୁରୁତ୍ୱ ଉପରେ ମତଦାନ କରିବା ସଂଗେ ସଂଗେ ଛାତ୍ରୀମାନେ ଆତ୍ମନିର୍ଭର ଓ ଆତ୍ମସୁରକ୍ଷା ନିଜର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ମୁଖ୍ୟ ବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଡ଼. କୃପାସିନ୍ଧୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଆଇନ୍ ସଚେତନତା ଏବଂ ସାମାଜିକ ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଶ୍ରୀ ଅକ୍ଷୟ କୁମାର ପାଣିଗ୍ରାହୀ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନେ ପୋକ୍ସୋ ଆଇନ୍ ଓ ଶୃଙ୍ଖଳା ସଂପର୍କରେ ମତ ରଖିଥିଲେ । 'ଶକ୍ତିଶ୍ରୀ'ର ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜୟ ଦାଶଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ ପ୍ରଦାନ

ଭଦ୍ରକ : (ହି.ସ.) - ଗତ ଗୁରୁବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୨ ତମ ଜନ୍ମ ଜୟନ୍ତୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଓଡିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ପକ୍ଷରୁ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ରାଜିବ ଗାନ୍ଧି ଶିକ୍ଷା ସମ୍ମାନ ଉତ୍ସବ ମହାଆଡମ୍ବରର ସହ ଆୟୋଜିତ ହୋଇଥିଲା । ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ବ୍ୟାସବିହାର, ବାଲେଶ୍ୱର ଅଧୀନରେ ଥିବା ଭଦ୍ରକ ପାଳସାହି ସ୍ଥିତ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ଦାଶଙ୍କୁ ସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନ -୨୦୨୬ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ପିସିସି ସଭାପତି ଭକ୍ତଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ ମୁଖ୍ୟବକ୍ତା ,କଂଗ୍ରେସ ବିଧାୟକ ଦଳର ରାଜନେତା ରାମଚନ୍ଦ୍ର କାଡାମ, , ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଓଡିଶା ଏମ୍ସ ର ପୂର୍ବତନ ନିର୍ଦ୍ଦେଶକ ତଥା ସୋଆ ର ପୂର୍ବତନ କୁଳପତି ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର, ଓ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସମ୍ବାଦ ପତ୍ର ପର୍ଯ୍ୟବେଖକ ଓ କଳିଙ୍ଗ କ୍ରୋନିକିଲ ର ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଅତିଥି ମାନଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ର ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର, ୟୁଥ ରେଡକ୍ରସ କାଉନସିଲର, ଏନ୍ ସିସି ଏଏନ୍ ଓ, ସ୍କାଉଟ, ଗାଇଡ, ରୋଭର, ରେଞ୍ଜର ଲିଡର ଓ ଗାଇଡ ପରି ୭୦ ଜଣଙ୍କୁ ଚଳିତ ବର୍ଷର ରାଜୀବ ଗାନ୍ଧୀ ଶିକ୍ଷାସମ୍ମାନ ରେ ସମ୍ମାନିତ କରାଯାଇଥିଲା ।




# ବିଶ୍ୱ ବାଣିଜ୍ୟ ସଂଗଠନରେ ଭାରତର ବାଣିଜ୍ୟ ନୀତି ସମୀକ୍ଷା ; ଭାରତର ପ୍ରଗତିକୁ ବିଶ୍ୱର ସ୍ୱୀକୃତି

ସ୍ୱଚ୍ଛତା ହେଉଛି ବିଶ୍ୱ ବାଣିଜ୍ୟ ସଂଗଠନର ଏକ ସଂସ୍ଥାଗତ କାର୍ଯ୍ୟ, ଯାହାର ଏକ ମୁଖ୍ୟ ପ୍ରକ୍ରିୟା ହେଉଛି ବାଣିଜ୍ୟ ନୀତି ସମୀକ୍ଷା । ଏହା ସମକକ୍ଷ ସଦସ୍ୟମାନଙ୍କ ଦ୍ୱାରା କରାଯାଉଥିବା ଏକ ଉତ୍କୃଷ୍ଟ ପର୍ଯ୍ୟାୟକ୍ରମିକ ସମୀକ୍ଷା ବ୍ୟବସ୍ଥା, ଯେଉଁଥିରେ ସଚିବାଳୟ କୌଣସି ସଦସ୍ୟ ଦେଶର ମ୍ୟାକ୍ରୋ-ଇକୋନୋମିକ୍ (ସମଷ୍ଟିଗତ ଅର୍ଥନୈତିକ) ପରିସ୍ଥିତି ସହିତ ତାହାର ବାଣିଜ୍ୟ ନୀତି ଓ ଅଭ୍ୟାସର ସୂକ୍ଷ୍ମ ଅନୁଧ୍ୟାନ କରିଥାନ୍ତି । ଏହି ପ୍ରକ୍ରିୟା ସମୟରେ ଅନ୍ୟ ସଦସ୍ୟ ଦେଶଗୁଡ଼ିକ ଚିନ୍ତନଶୀଳ, ନିର୍ଦ୍ଦିଷ୍ଟ ଏବଂ ପ୍ରାୟତଃ ସମାଲୋଚନାମୂଳକ ପ୍ରଶ୍ନ ପଚାରିଥାନ୍ତି । ଜୁଲାଇ ୨୦୨୬ ଶେଷ ଆଡ଼କୁ, ଭାରତ ଡବ୍ଲ୍ୟୁଟିଓରେ ତାହାର ଅଷ୍ଟମ ଟିପିଆର ଶେଷ କରିଛି । ଏହି ପ୍ରକ୍ରିୟା ପାଇଁ କେତେକ ମାସର ପ୍ରସ୍ତୁତି ଆବଶ୍ୟକ ହୋଇଥିଲା, ଯେଉଁଥିରେ ସଚିବାଳୟର କର୍ମଚାରୀମାନଙ୍କର ପ୍ରତ୍ୟକ୍ଷ ଗସ୍ତ, ବିଭିନ୍ନ ପ୍ରତିନିଧିମଣ୍ଡଳୀଙ୍କ ଦ୍ୱାରା ୧,୧୦୦ରୁ ଅଧିକ ପ୍ରଶ୍ନ ପଚାରିବା ଓ ମତାମତ ଆଦାନପ୍ରଦାନ କରିବା, ଏବଂ ଏହାର ଜବାବରେ ଭାରତ ଅନ୍ତଃ-ବିଭାଗୀୟ ଓ ବହୁ-ଅଂଶୀଦାର ନିୟୋଜନ ମାଧ୍ୟମରେ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଓ ସ୍ପଷ୍ଟୀକରଣ ଦେବା ସାମିଲ ଥିଲା । ସମସ୍ତ ସଦସ୍ୟଙ୍କ ସମ୍ମୁଖରେ ଭାରତ ପାଇଁ ନିଜର ଅର୍ଥନୈତିକ ଓ ବିକାଶମୂଳକ ଦୂରଦୃଷ୍ଟିକୁ ଉପସ୍ଥାପନ କରିବା ଏବଂ ଏହା କିପରି ବିଶ୍ୱର ସମ୍ପଦ ଓ ସମୃଦ୍ଧି ବୃଦ୍ଧିରେ ଯୋଗଦାନ ଦେଇପାରିବ, ତାହା ବୁଝାଇବା ପାଇଁ ଏହା ଏକ ପ୍ରମୁଖ ସୁଯୋଗ ଥିଲା । ଭାରତର ପୂର୍ବ ବାଣିଜ୍ୟ ନୀତି ସମୀକ୍ଷା ୨୦୨୧ ମସିହାରେ ଅଭୂତପୂର୍ବ କୋଭିଡ୍-୧୯ ମହାମାରୀର ପୃଷ୍ଠଭୂମିରେ ହୋଇଥିଲା । ସ୍ୱାସ୍ଥ୍ୟ ସଙ୍କଟ ନିୟନ୍ତ୍ରଣକୁ ଆସିଥିଲେ ମଧ୍ୟ, ସାମ୍ପ୍ରତିକ ସମୟରେ ଅର୍ଥନୈତିକ ଦୁର୍ବଳତା ଏବଂ ଶକ୍ତି ଉତ୍ସ ସମେତ ଆବଶ୍ୟକୀୟ ସାମଗ୍ରୀର ଚରମ ଅଭାବ ବୃଦ୍ଧି ପାଇଛି । ବିଶ୍ୱ ମହାମାରୀ ଜନିତ ସଙ୍କଟରୁ ପୁନରୁଦ୍ଧାର ହୋଇଥିବା ବେଳେ, ଯୋଗାଣ-ଶୃଙ୍ଖଳା ବାଧାପ୍ରାପ୍ତ ହେବା ଫଳରେ ନୂତନ ଆହ୍ୱାନ ସୃଷ୍ଟି ହୋଇଛି । ଏହି ପରିସ୍ଥିତିରେ, ଅଷ୍ଟମ ସମୀକ୍ଷା ଏକ ବାସ୍ତବିକ ଆଶାଜନକ ଚିତ୍ର ଉପସ୍ଥାପନ କରିଛି : ଭାରତ ପ୍ରମୁଖ ଅର୍ଥବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଅନ୍ୟତମ ବଳିଷ୍ଠ ଅଭିବୃଦ୍ଧି ହାସଲକାରୀ ଦେଶ ଭାବେ ଉଭା ହୋଇଛି, ନିଜର ବିଶ୍ୱ ବାଣିଜ୍ୟିକ ପରିସରକୁ ବୃଦ୍ଧି କରିଛି ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଭାଗୀଦାର ଭାବରେ ବିବେଚିତ ହେଉଛି । ଡବ୍ଲ୍ୟୁଟିଓର ସଦସ୍ୟମାନେ 'ବିକଶିତ ଭାରତ୨୦୪୭' ଦିଗରେ ଭାରତର ଉଦ୍ୟମକୁ ପ୍ରଶଂସା କରିଥିଲେ । ସେମାନେ ସ୍ୱୀକାର କରିଥିଲେ ଯେ ଭାରତର ସୁଦୃଢ଼ ଓ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି, ବୃଦ୍ଧିପ୍ରାପ୍ତ ବିଶ୍ୱ ଭାଗୀଦାରୀ ଏବଂ ଦ୍ରୁତ ଡିଜିଟାଲ୍ ରୂପାନ୍ତରଣ ମିଳିତ ଭାବେ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ଲକ୍ଷ୍ୟ ଦିଗରେ ଏହାର ସ୍ଥିର ପ୍ରଗତିକୁ ପ୍ରତିଫଳିତ କରୁଛି ।

ଚଳିତ ବର୍ଷର ସମୀକ୍ଷା ଏହାର ନିଷ୍କର୍ଷରୁ ହିଁ ସ୍ପଷ୍ଟ ଭାବରେ ପ୍ରମାଣିତ । ଏହି ସମୀକ୍ଷା ସମସ୍ତ କ୍ଷେତ୍ର ପ୍ରସଙ୍ଗରେ ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟମାନଙ୍କଠାରୁ ଅସାଧାରଣ ଭାବରେ ବ୍ୟାପକ ଏବଂ ନିରନ୍ତର ସମ୍ପୃକ୍ତି ଆହରଣ କରିଥିଲା ଯାହା ଭାରତର ବାଣିଜ୍ୟ, ନିୟାମକ ଏବଂ ମାକ୍ରୋ ଅର୍ଥନୈତିକ ନୀତି ପ୍ରତି ସେମାନଙ୍କର ଆଗ୍ରହ ସ୍ତରକୁ ପ୍ରତିଫଳିତ କରେ । ସଦସ୍ୟମାନେ ଭାରତର ଅର୍ଥନୈତିକ ସ୍ଥିରତା ଏବଂ ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥା ସହିତ ଗଠନମୂଳକ ସମ୍ପର୍କକୁ ବ୍ୟାପକ ଭାବରେ ପ୍ରଶଂସା କରିଥିଲେ ଏବଂ ଡିଜିଟାଲ ନବାଚାର, ବହିଃଶୁଳ୍କ ଏବଂ ବାଣିଜ୍ୟ ସୁବିଧା, ଷ୍ଟାର୍ଟ ଅପ୍ ତଥା ମୁକ୍ତ ବାଣିଜ୍ୟ ରାଜିନାମାରେ ସଫଳ ପ୍ରବେଶ ଉପରେ ଆଲୋକପାତ କରିଥିଲେ । ଅତଏବ ଅଂଶଗ୍ରହଣର ପରିଣାମ କେବଳ ଯାଂଚ ପ୍ରକ୍ରିୟାର ଏକ ମାପଦଣ୍ଡ ନୁହେଁ, ବରଂ ଏହା ଭାରତର ଅର୍ଥନୈତିକ ପରିବର୍ତ୍ତନ ଯାହା ବର୍ତ୍ତମାନ ଯେଉଁ ଆଗ୍ରହକୁ ପ୍ରୋତ୍ସାହନ ପ୍ରଦାନ କରୁଛି ତାହାର ଏକ ସୂଚକ । ସେହି ପରିବର୍ତ୍ତନ ପରିସଂଖ୍ୟାନରେ ସ୍ପଷ୍ଟ ରୂପେ ପ୍ରତିଫଳିତ ହୋଇଛି । ୨୦୨୧-୨୨ ଏବଂ ୨୦୨୫-୨୬ ମସିହା ମଧ୍ୟରେ, ଭାରତର ଅର୍ଥନୀତି ପ୍ରାୟ ବାର୍ଷିକ ୮ ପ୍ରତିଶତ ହିସାବରେ ଅଭିବୃଦ୍ଧି ଘଟିଛି । ୨୦୨୫-୨୬ ମସିହାରେ ମୋଟ ରପ୍ତାନୀ ୮୬୩ ବିଲିୟନ ଆମେରିକୀୟ ଡ଼ଲାର ଛୁଇଁଛି, ଯେଉଁଥିରେ ୪୪୧.୮ ବିଲିୟନ ଆମେରିକୀୟ ଡଲାରର ସାମଗ୍ରୀ ରପ୍ତାନୀ ଏବଂ ୪୨୧.୩ ବିଲିୟନ ଆମେରିକୀୟ ଡଲାରର ସେବା ରପ୍ତାନୀ ଅନ୍ତର୍ଭୁକ୍ତ । ଅନେକ ସଦସ୍ୟ ଭାରତରେ ଡିଜିଟାଲ ଆକାରରେ ପ୍ରଦାନ କରାଯାଇଥିବା ସେବା କ୍ଷେତ୍ରର ପ୍ରଭାବଶାଳୀ ଅଭିବୃଦ୍ଧିକୁ ଆଲୋକପାତ କରିଥିଲେ । ସପ୍ତମ ଟିପିଆର ପରଠାରୁ ସମୟ ଅବଧି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି । ଅନେକ କ୍ଷେତ୍ରରେ ସ୍ଥିରତା ସ୍ଥାପନ ନିମନ୍ତେ ଭାରତର ପ୍ରଗତି ଏକ ସ୍ପଷ୍ଟ ପଥକୁ ପ୍ରତିଫଳିତ କରେ, ଯଦ୍ୟପି ଭାରତର ବାଣିଜ୍ୟିକ ଅଂଶୀଦାରମାନଙ୍କୁ ଭାରତର ଅଭିବୃଦ୍ଧିର କାହାଣୀର ଅଂଶୀଦାର ହେବାର ଏକ ଅଭୂତପୂର୍ବ ସୁଯୋଗ ପ୍ରଦାନ କରେ । ସମୀକ୍ଷା ସମୟରେ, ଭାରତ ତା'ର ଗତିର ପୁନଃ ସମ୍ପାଦନ କରିଛି ଏବଂ ବିଶ୍ୱ ବଜାର ନିମନ୍ତେ ସାମଗ୍ରୀ ଏବଂ ସେବା ଉଭୟର ଏକ ଦାୟିତ୍ୱବାନ ଉତ୍ସ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିବାରେ ସକ୍ଷମ ହୋଇଛି । ଭାରତର ଡିଜିଟାଲ୍ ଅର୍ଥବ୍ୟବସ୍ଥାରେ ଏହି ପରିବର୍ତ୍ତନ ସବୁଠାରୁ ଅଧିକ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ । ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର (ଡିପିଆଇ) ଭାରତକୁ ବିଶାଳ ଜନସଂଖ୍ୟା ସ୍ତରରେ ଡିଜିଟାଲ୍ ବ୍ୟବସ୍ଥା ଗଢ଼ିବାରେ ସମର୍ଥ କରିଛି, ଯେଉଁଥିରେ କେବଳ ୟୁନିଫାଇଡ୍ ପେମେଂଟସ୍ ଇଂଟରଫେସ୍ (ୟୁପିଆଇ) ଭାରତର ୮୫ ପ୍ରତିଶତ ଡିଜିଟାଲ୍ କାରବାର ଏବଂ ୨୦୨୫ ମସିହାରେ ବିଶ୍ୱର ସମୋଟ ରିଅଲ-ଟାଇମ୍ କାରବାରର ପ୍ରାୟ ୪୯ ପ୍ରତିଶତ ପରିଚାଳିତ କରିଛି । ଡବ୍ଲ୍ୟୁଟିଓରେ ସଦସ୍ୟ ମାନେ ଡିପିଆଇ କ୍ଷେତ୍ରରେ ଭାରତର ସଫଳତାକୁ ବିଶେଷ ଭାବରେ ରେଖାଙ୍କିତ କରିଥିଲେ । ଏହାସହିତ ନିଜସ୍ୱ ଡିଜିଟାଲ୍ ରୂପାନ୍ତରଣ ପଥରେ ଥିବା ବିକାଶଶୀଳ ଏବଂ ସ୍ୱଳ୍ପ ବିକଶିତ ଦେଶଗୁଡ଼ିକ ପାଇଁ ଭାରତର ଡିଜିଟାଲ୍ ଓ ବିକାଶମୁଖୀ ସଂସ୍କାର ଶିକ୍ଷଣୀୟ ବୋଲି ସ୍ୱୀକୃତି ପାଇଥିଲା । ଭାରତର ଉଦୀୟମାନ ବାଣିଜ୍ୟ ଗାଥାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ : ଭାରତର ମୁକ୍ତ ବାଣିଜ୍ୟ ନୀତିକୁ ନିଜସ୍ୱ ଘରୋଇ ସାମର୍ଥ୍ୟ ଅଧିକ ମଜବୁତ କରୁଛି, ଯାହା ବ୍ୟବସାୟିକ କାରବାର ଖର୍ଚ୍ଚ କମାଇବା ସହ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସମେତ ଅନ୍ୟ ବ୍ୟବସାୟଗୁଡ଼ିକୁ ଆନୁଷ୍ଠାନିକ ଓ ଡିଜିଟାଲ୍ ଅର୍ଥବ୍ୟବସ୍ଥାରେ ସାମିଲ ହେବାକୁ ସକ୍ଷମ କରୁଛି । ଭାରତର ବାଣିଜ୍ୟ ନୀତି ଅଧିକ ବାହ୍ୟଦୃଷ୍ଟି ସମ୍ପନ୍ନ ହୋଇଛି, ବିକଶିତ ଏବଂ ବିକାଶଶୀଳ ଉଭୟ ଅର୍ଥନୀତିରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ବର୍ଦ୍ଧିତ ନେଟୱାର୍କ ବଳବତର ରହିଛି କିମ୍ବା ଆଲୋଚନା ଅଧୀନରେ ଅଛି । ଏହି ସମ୍ପ୍ରସାରଣ ଭାରତୀୟ ପଣ୍ୟ ଏବଂ ସେବା ପାଇଁ ଭାଗୀଦାରୀର ବିବିଧକରଣ କରିବା ଏବଂ ଅଧିକ ବଜାର ପ୍ରବେଶାଧିକାର ସୁରକ୍ଷିତ କରିବାର ପ୍ରଚେଷ୍ଟାକୁ ଦର୍ଶାଉଛି । ଏହା ସହିତ, ଟିପିଆର ଆଲୋଚନାଗୁଡ଼ିକ ଯେପରି ଦୋହରାଇଥିଲା, ଟିପିଆରରେ ଭାରତର ଭାଗୀଦାରୀ ସହିତ ଡବ୍ଲ୍ୟୁଟିଓର ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥା ପ୍ରତି ଏହାର ନିରନ୍ତର ଏବଂ ସ୍ପଷ୍ଟ ପ୍ରତିବଦ୍ଧତା ମଧ୍ୟ ଜାରି ରହିଛି । ତଥାପି, ଟିପିଆର ଏହା ମଧ୍ୟ ଦର୍ଶାଉଛି ଯେ ଅଧିକ ଖୋଲାପଣ ଭାରତର ବୈଧ ସାର୍ବଜନୀନ ନୀତି ସ୍ୱାର୍ଥକୁ ପରିତ୍ୟାଗ କରିବା ଅର୍ଥ ନୁହେଁ । ଭାରତ ଡବ୍ଲ୍ୟୁଟିଓର ସଦସ୍ୟମାନଙ୍କୁ ଆଶ୍ୱସ୍ତ କରିଛି ଯେ ବିଶ୍ୱ ବଜାର ସହିତ ସମନ୍ୱୟ ନିମନ୍ତେ ଏହାର ଆଭିମୁଖ୍ୟ, ଏହାର ନିଜସ୍ୱ ବିକାଶମୂଳକ ବାସ୍ତବତାକୁ ସମ୍ବୋଧିତ କରିବା ପାଇଁ ଆବଶ୍ୟକ ନୀତି ସହିତ ସନ୍ତୁଳିତ ରହିବାକୁ ସୂଚୀତ କରେ । ଏହା ବିଶେଷ ଭାବରେ କୃଷି କ୍ଷେତ୍ରରେ ଅଧିକ ସ୍ପଷ୍ଟ, ଯେଉଁ ଠାରେ ଭାରତ କୃଷକମାନଙ୍କ ଜୀବିକାର ସୁରକ୍ଷା ଏବଂ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ । ଗୁଣବତା ନିୟନ୍ତ୍ରଣ ନିର୍ଦ୍ଦେଶ ଏବଂ ବୈଷୟିକ ନିୟମାବଳୀ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଭାରତର ସ୍ୱଚ୍ଛତା, ଅଂଶୀଦାରମାନଙ୍କ ପରାମର୍ଶ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନର ନିୟମାବଳୀ ସହିତ ସ୍ଥିରତା ରକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି ଏବଂ ଏ ସମ୍ପର୍କରେ ସଦସ୍ୟମାନଙ୍କୁ ଆବଶ୍ୟକ ସ୍ପଷ୍ଟୀକରଣ ମଧ୍ୟ ପ୍ରଦାନ କରିଛି । ଏହା ହେଉଛି ଆତ୍ମନିର୍ଭର ଭାରତର ସବୁଠାରୁ ସୂକ୍ଷ୍ମ ଆଭିମୁଖ୍ୟ । ଆତ୍ମନିର୍ଭର ଶୀଳତା ବିଶ୍ୱ ଅର୍ଥନୀତିରୁ ଅନ୍ତର୍ନିହିତ ହେବା ଜରୁରି ନୁହେଁ । ଭାରତ ପାଇଁ ଏହାର ଅର୍ଥ ହେଲା ବର୍ଦ୍ଧିତ ଭାବରେ ଘରୋଇ କ୍ଷମତା ବୃଦ୍ଧି, ସ୍ଥିର ଯୋଗାଣ ଶୃଙ୍ଖଳ ସ୍ଥାପନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷମତାର ବିକାଶ ଯାହା ଫଳରେ ଦେଶ ଅଧିକ ଶକ୍ତିର ସ୍ଥିତିରୁ ବିଶ୍ୱ ବାଣିଜ୍ୟ କାରବାରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିପାରିବ ।


ରାଜେଶ ଅଗ୍ରୱାଲ

ବିଗତ ପାଂଚ ବର୍ଷର ରେକର୍ଡ ସୂଚାଏ ଯେ ଭାରତ ଏହି ସନ୍ତୁଳନକୁ ସଠିକ ଭାବାରେ ଅନୁସରଣ କରିଚାଲିଛି । ଅଧିକ ମୁକ୍ତ ବ୍ୟବସ୍ଥା ମାଧ୍ୟମରେ ବୈଧ ଘରୋଇ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବାର କ୍ଷମତା ବଜାୟ ରଖି ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରୁଛି । ଏହି ଦୃଷ୍ଟିକୋଣ ବିଶେଷ ଗୁରୁତ୍ୱ ବହନ କରେ, ବିଶେଷକରି ଏପରି ଏକ ସମୟରେ ଯେତେବେଳେ ଏକପାଖିଆ ପଦକ୍ଷେପ, ଯୋଗାଣ-ଶୃଙ୍ଖଳା ବାଧାପ୍ରାପ୍ତ ହେବା ଏବଂ ଭୂ-ରାଜନୈତିକ ଉତେଜନା ଗୁଡ଼ିକ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ଉପରୁ ବିଶ୍ୱାସ ହ୍ରାସ କରିଛି । ତେଣୁ ଡବ୍ଲ୍ୟୁଟିଓକୁ କେନ୍ଦ୍ରରେ ରଖି ଏକ ପୂର୍ବାନୁମାନଯୋଗ୍ୟ, ନିୟମ-ଆଧାରିତ ଏବଂ ବିକାଶ-ମୁଖୀ ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥା ପ୍ରତି ଭାରତର ପ୍ରତିବଦ୍ଧତା, ତାହାର ନିଜସ୍ୱ ବାଣିଜ୍ୟିକ ସ୍ୱାର୍ଥଠାରୁ ଅଧିକ ମହତ୍ୱ ବହନ କରେ । ଭାରତର ବାଣିଜ୍ୟ ନୀତି ସମୀକ୍ଷା (ଟିପିଆର)ର ଅଧ୍ୟକ୍ଷା ତାଙ୍କର ସମାପନୀ ବକ୍ତବ୍ୟରେ ଉଲ୍ଲେଖ କରିଥିବା ଅନୁଯାୟୀ, ଭାରତୀୟ ପ୍ରତିନିଧିମଣ୍ଡଳୀ ଟିପିଆର ପ୍ରକ୍ରିୟା ଏବଂ ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାକୁ ଦେଉଥିବା ଗୁରୁତ୍ୱକୁ ସ୍ପଷ୍ଟ ଭାବରେ ପ୍ରଦର୍ଶିତ କରିଛନ୍ତି । ଏହିପରି ଭାବରେ, ଅଷ୍ଟମ ଟିପିଆର ଏକ ବ୍ୟାପକ ସନ୍ଦେଶ ଦିଏ : ଭାରତ ଏପରି ଏକ ସଦସ୍ୟ ନୁହେଁ ଯିଏ ବିଶ୍ୱଠାରୁ ମୁହଁ ଫେରାଇ ନେଉଛି । ବରଂ ଏହା ଏପରି ଏକ ଅର୍ଥବ୍ୟବସ୍ଥା, ଯାହା ନିଜର ବିକାଶମୂଳକ ପ୍ରାଥମିକତା, ଘରୋଇ ସାମର୍ଥ୍ୟ ଏବଂ ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହିତ ପ୍ରଗତିକୁ ଆପଣେଇବାକୁ ଏବଂ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ସହ ଅଧିକ ଗଭୀର ଭାବରେ ଯୋଡ଼ିହେବାକୁ ଚେଷ୍ଟା କରୁଛି ।

***(ଲେଖକ ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନସ୍ଥ ବାଣିଜ୍ୟ ବିଭାଗ ସଚିବ ପଦରେ କାର୍ଯ୍ୟରତ)***

# 'କୃତ୍ରିମ ବୁଦ୍ଧିମତା ବ୍ୟବହାର କରିଉତ୍ପାଦକତା ଓ ଦୀର୍ଘସ୍ଥାୟିତ୍ୱ ମାଧ୍ୟମରେ ଶିଳ୍ପକ୍ଷେତ୍ର ରୂପାନ୍ତରଣ' ଶୀର୍ଷକ ଜାତୀୟ ସେମିନାର ଆୟୋଜିତ



ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ (ଓଏସପିସି), ଜାତୀୟ ଉତ୍ପାଦକତା ପରିଷଦ (ଏନପିସି), ଭୁବନେଶ୍ୱର ସହ ମିଳିତ ଭାବରେ 'କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ଉତ୍ପାଦକତା ଏବଂ ଦୀର୍ଘସ୍ଥାୟିତ୍ୱ ମାଧ୍ୟମରେ ଶିଳ୍ପର ରୂପାନ୍ତର' ଶୀର୍ଷକ ଏକ ଜାତୀୟ ସେମିନାର ଆୟୋଜନ କରିଛି । ନୂଆଦିଲ୍ଲୀ ସ୍ଥିତ ଜାତୀୟ ଉତ୍ପାଦକତା ପରିଷଦର ମହାନିର୍ଦ୍ଦେଶକ ନୀରଜା ଶେଖରମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ତାଙ୍କ ସହ ନୂଆଦିଲ୍ଲୀର ଜାତୀୟ ଉତ୍ପାଦକତା ପରିଷଦର ଉପନିର୍ଦ୍ଦେଶକ ଶିରିଶ ପାଲିୱାଲ ମଧ୍ୟ ଉପସ୍ଥିତ ଥିଲେ । ଉଦଘାଟନୀ ଅଧିବେଶନରେ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ (ଓକେସିଏଲ)ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥାଲ; ବେଙ୍ଗାଲୁରୁର ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ)ର ନିର୍ଦ୍ଦେଶକ (ଅର୍ଥ) ଡକ୍ଟର ବରେଣ୍ୟ ସେନାପତି; ଏବଂ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବିନାରାୟଣ ସତପଥୀଙ୍କ ସମେତ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତି ଏବଂ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ରାଧାଶ୍ୟାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ସେମିନାର ଆୟୋଜନ କରାଯାଇଥିଲା । ଓଏସପିସି ଉପାଧ୍ୟକ୍ଷ ତ୍ରିଜୀବ ଚନ୍ଦ୍ର ହୋଟା,ଏନପିସି ଭୁବନେଶ୍ୱର ଆଂଚଳିକ ନିର୍ଦ୍ଦେଶକ ଅଭିଜିତ ନାୟକ, ଓଏସପିସିର ସଚିବ ଦେବବ୍ରତ ପାନିଗ୍ରାହି ମଧ୍ୟ ଉପସ୍ଥିତ ଥିଲେ । ଏହି ସେମିନାରରେ ଶିଳ୍ପ ପରିବର୍ତ୍ତନ, ଉତ୍ପାଦକତା ବୃଦ୍ଧି ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବାରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ବର୍ଦ୍ଧିତ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବକ୍ତାମାନେ ଏଆଇଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉପସ୍ଥାପିତ ସୁଯୋଗ ବିଷୟରେ ଆଲୋଚନା କରିଥିଲେଏବଂ ଏହାର ବିଚାରଶୀଳ, ଦାୟିତ୍ୱପୂର୍ଣ୍ଣ ଏବଂ ଉଦ୍ଦେଶ୍ୟମୂଳକ ବ୍ୟବହାରର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷଜ୍ଞମାନେ ଦୀର୍ଘକାଳୀନ ବ୍ୟବସାୟ ଏବଂ ଶିଳ୍ପ ଅଭିବୃଦ୍ଧି ହାସଲ କରିବା ପାଇଁ ସଂଗଠନଗୁଡ଼ିକୁ ମାନବ କ୍ଷମତା, ଦୀର୍ଘସ୍ଥାୟୀତ୍ୱ ଏବଂ ଦାୟିତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ ସହିତ ପ୍ରଯୁକ୍ତିବିଦ୍ୟା ନବସୃଜନକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ଏଆଇ, ଉତ୍ପାଦକତା ବୃଦ୍ଧି, ଦୀର୍ଘସ୍ଥାୟିତ୍ୱ ଏବଂ ଭବିଷ୍ୟତର କାର୍ଯ୍ୟ ନେଇ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୃତିଗତ ସଫଳତା ପାଇଁ ବହୁ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା ।

# ବିବିସିସି ବ୍ୟାଙ୍କରେ ସ୍ୱଚ୍ଛତାକୁ ନେଇ ଅଭିଯୋଗ

ଧାମନଗର(ନିପ୍ର) : ଧାମନଗର ସ୍ଥିତ ବାଲେଶ୍ୱର-ଭଦ୍ରକ ସେଂଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କରେ ନିୟମ ପାଳନ ଓ ଆର୍ଥିକ କାରବାରରେ ସ୍ୱଚ୍ଛତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଗତ ଜୁଲାଇ ମାସରୁ ସହକାରି ପରିଚାଳକ ସ୍ୱପ୍ନାରାଣୀ ରାଉତ ଦାୟିତ୍ୱ ନେବା ପରେ ବ୍ୟାଙ୍କର ବିଭିନ୍ନ କାଗଜପତ୍ର, ହିସାବକିତାବ ଓ ନଥିପତ୍ରର ଯାଂଚ ପ୍ରକ୍ରିୟା କଡ଼ାକଡ଼ି ହୋଇଥିବା ଜଣାପଡ଼ିଛି । ଚାଷୀଙ୍କ ଋଣ ଓ ଅର୍ଥ ଉଠାଣ ସମୟରେ ଚାଷୀ ନିଜେ ସଶରୀରେ ଉପସ୍ଥିତ ରହି ପାସବୁକ୍ ସହ ଆବଶ୍ୟକ ପ୍ରକ୍ରିୟା ପୂରଣ କରିବାକୁ ଗୁରୁତ୍ୱ ଦିଆଯାଉଛି । ଏଥିସହ ସେବା ସମବାୟ ସମିତିର ଆକାଉଂଟରୁ ହେଉଥିବା ଖର୍ଚ୍ଚ, ଅର୍ଥ ଉଠାଣ, ସୁଧ ଓ ଅନ୍ୟାନ୍ୟ ଜମା ଅର୍ଥର ହିସାବ ଯାଂଚକୁ ମଧ୍ୟ କଡ଼ାକଡ଼ି କରାଯାଉଥିବା ସୂଚନା ମିଳିଛି । ନିୟମ ଅନୁଯାୟୀ କାର୍ଯ୍ୟ କରୁଥିବା ଆସିଷ୍ଟାଂଟ ମ୍ୟାନେଜର ସ୍ୱପ୍ନାରାଣୀ ରାଉତ କୌଣସି ଅନିୟମିତତାପୂର୍ଣ୍ଣ କାଗଜପତ୍ର କିମ୍ବା କାରବାରକୁ ନେଇ ନିୟମ ଅନୁସାରେ ଯାଂଚ କରୁଥିବା ଜଣାପଡ଼ିଛି । ତାଙ୍କ ଏହି କଡ଼ା ଆଭିମୁଖ୍ୟ ଯୋଗୁଁ ସମବାୟ କ୍ଷେତ୍ରରେ ଆର୍ଥିକ କାରବାର ଅଧିକ ସ୍ୱଚ୍ଛ ହେବ ବୋଲି ଚାଷୀ ମହଲରେ ଆଶା ପ୍ରକାଶ ପାଇଛି । ଅନ୍ୟପକ୍ଷରେ, ନିୟମ କଡ଼ାକଡ଼ି ହେବାରୁ କିଛି ସମିତି ର ସମ୍ପାଦକ ଙ୍କ ସ୍ୱାର୍ଥ ରେ ବାଧା ହେବାରୁ ସଂଘୀୟ ଢାଲ ନେଇ ଅସନ୍ତୋଷ ଥିବା ଚର୍ଚ୍ଚା ହେଉଛି । ଏହି ପରିସ୍ଥିତିରେ । ସମିତି ର କିଛି ପୁରୁଣା ଅଧିକାରୀଙ୍କୁ ପୁଣି ଧାମନଗର ଆଣିବା ପାଇଁ ଉକ୍ତ ମହଲରେ ତତ୍ପରତା ଚାଲିଥିବା ନେଇ ଚର୍ଚ୍ଚା ଆହୁରି ତୀବ୍ର ହୋଇଛି । ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଧାମନଗର ବ୍ଲକର ସଂଘୀୟ ବ୍ୟବସ୍ଥାକୁ ନେଇ କିଛି ସେବା ସମବାୟ ସମିତିର ସମ୍ପାଦକ ଗୁରୁବାର ବାଲେଶ୍ୱରରେ ସଭାପତିଙ୍କ ନିକଟରେ ଡେରା ପକାଇଥିଲେ । ଧାମନଗର ରୁ ବଦଳି ହୋଇ ଥିବା କିଛି ପୁରୁଣା କର୍ମ ଚାରି ଙ୍କୁ ଧାମନଗର କୁ ପୁନଃ ଫେରାଇ ଆଣିବା ପାଇଁ ଏହି ତତ୍ପରତା କି ନୁହେଁ, ତାହା ନେଇ ଏବେ ପ୍ରଶ୍ନ ଉଠିଛି । ଏହା ପଛରେ କାହାର ସ୍ୱାର୍ଥ ରହିଛି, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ସମବାୟ ବ୍ୟାଙ୍କ ଚାଷୀ ଓ ସାଧାରଣ ଲୋକଙ୍କ ବିଶ୍ୱାସର ସଂସ୍ଥା । ତେଣୁ ଏଠାରେ ବ୍ୟକ୍ତି ବା ଗୋଷ୍ଠୀର ପ୍ରଭାବ ନୁହେଁ, ନିୟମ ଓ ଚାଷୀଙ୍କ ତଥା ସମିତିର ପ୍ରାଥମିକ ସଭ୍ୟଙ୍କ ସ୍ୱାର୍ଥ ହିଁ ସର୍ବୋପରି ହେବା ଆବଶ୍ୟକ । ଅପରେ ପକ୍ଷେ ନୂଆ କରି ଉକ୍ତ ବ୍ୟାଙ୍କରେ ଯୋଗ ଦେଇଥିବା ସହକାରୀ ଶାଖା ପରିଚାଳକ ସ୍ୱପ୍ନା ରାଣୀ ରାଉତ ଆଶୁ ଆଶୁ ବ୍ୟାଙ୍କ୍ ରେ ହୁକୁମତି ଦେଖାଉଥିବା ମଧ୍ୟ ଦେଖିବାକୁ ମିଳିଛି । ବ୍ୟାଙ୍କ ରେ କାହା ସହ ଠିକ୍ ତାଳ ମେଳ ରହୁନାହିଁ । ଦିଗରେ ଶାଖା ପରିଚାଳକ ସୁଶାନ୍ତ ପୁହାଣଙ୍କ ସହ ଯୋଗା ଯୋଗ କରିବାରୁ ସେ କହି ଥିଲେ ବ୍ୟାଙ୍କ ରେ ଲୋକଙ୍କୁ ସେବା ଠିକ୍ ସେବା ଯୋଗାଇ ଦିଆ ଯାଉଛି ଯେଉ ଚାଷୀ ଓ ଗ୍ରାହକଙ୍କ ଅସୁବିଧା ହେବ ସିଧା ସଳଖ ମୋ ସହ ଯୋଗା ଯୋଗ କରିବାକୁ ଶ୍ରୀ ପୁହାଣ କହିଥିଲେ । ତେବେ ଉକ୍ତ ବ୍ୟାଙ୍କ୍ ରେ କିଛି କନ୍ଦଳ ରହୁଥିବାରୁ ଏହାର ତଦନ୍ତ ହେବାର ଆବଶ୍ୟକ ରହିଛି ।

# ଲିଙ୍ଗନିରୂପଣ ମେସିନରେ ପଡ଼ିଲା ତାଲା

ସିମୁଳିଆ(ନିପ୍ର) : ଜିଲ୍ଲା ପ୍ରଶାସନ ପକ୍ଷରୁ ସିମୁଳିଆରେ ଏକ ନର୍ସିଙ୍ଗ ହୋମ ଉପରେ ଚଢାଉ କରାଯାଇ ଲିଙ୍ଗ ନିରୂପଣ ମେସିନ ଗୃହକୁ ତାଲା ପକାଇ ଦିଆ ଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ରିୟା ଗ୍ରାମରେ ଅବସ୍ଥିତ ବାବାମଣୀ ନର୍ସିଙ୍ଗ ହୋମ ଉପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ କାଗଜ ପତ୍ର ଯାଂଚ କରିଥିଲେ । ମାତ୍ର ନର୍ସିଙ୍ଗ ହୋମ ପକ୍ଷରୁ ଆବଶ୍ୟକୀୟ କାଗଜ ପତ୍ର ଦେଖାଇ ପାରି ନ ଥିଲେ । ଏଥି ସହିତ ଲିଙ୍ଗ ନିରୂପଣ ଯନ୍ତ୍ରରେ ଦୁଇ ବର୍ଷ ଧରି ଡାକ୍ତର ନିଯୁକ୍ତି ନ ଥାଇ କିପରି ଲିଙ୍ଗନିରୂପଣ କାର୍ଯ୍ୟ ଚାଲୁଥିଲା । ଖାଲି ସେତିକି ନୁହେଁ ପ୍ରତ୍ୟେକ ବିଭାଗ ନିମନ୍ତେ ଆବଶ୍ୟକ ମୁତାବକ କର୍ମଚାରୀ ନାହାନ୍ତି । ତାହା ଏବେ ତଦନ୍ତ ସାପେକ୍ଷ । ତେବେ ପ୍ରଶାସନ ପକ୍ଷରୁ ଲିଙ୍ଗନିରୂପଣ ମେସିନ ଗୃହକୁ ସିଲ କରି ଦିଆଯାଇଛି । ଏହି ତଦନ୍ତ ସମୟରେ ଦୁଇ ଜଣିଆ ଟିମ ସହ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ସିଡିପିଓ ଖୁଲଣା ସୁନ୍ଦରୀ ଜେନା ଓ ସିମୁଳିଆ ପୋଲିସ ଉପସ୍ଥିତ ଥିଲେ । ଏ ସଂକ୍ରାନ୍ତରେ ତହସିଲଦାର ଶ୍ରୀ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ଜିଲ୍ଲାପାଳଙ୍କ ନୁର୍ଦ୍ଦେଶ କ୍ରମେ ଏହି ତଦନ୍ତ ହୋଇଛି । ତଦନ୍ତର ରିପୋର୍ଟ ଜିଲ୍ଲାପାଳଙ୍କ ନିକଟକୁ ପଠାଇ ଦିଆଯାଇଛି ।

# ସୋଲାର ବାବଦ ଦେୟ ଭରଣା କରିବେ ବିଧାୟକ

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ରେ ବିଦ୍ୟୁତ ଉପଭୋକ୍ତାଙ୍କୁ ବିଧାୟକ ପଦ୍ମଲୋଚନ ପଣ୍ଡା ବଡ ଉପହାର ଦେବାକୁ ଘୋଷଣା କରିଛନ୍ତି । ନିଜ ଖର୍ଚ୍ଚରେ ୧କିଲୋ ୱାଟ ସମ୍ପର୍ଣ୍ଣ ୪୭ହଜାର ବିଦ୍ୟୁତ ଉପଭୋକ୍ତାଙ୍କ ଦେୟକୁ ନିଜେ ଭରଣା କରିବାକୁ ନିଷ୍ପତି ନେଇଛନ୍ତି । ପ୍ରଥମ କରି ଏହି କାର୍ଯ୍ୟକ୍ରମ ୫ନମ୍ବର ଜୋନର ଶ୍ୟାମସୁନ୍ଦରପୁର ପଂଚାୟତରେ ଶନିବାର ଉଦ୍‌ଘାଟିତ ହୋଇ ଯାଇଛି । ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁଶାନ୍ତ ମହାକୁଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ



ବିଧାୟକ ବକ୍ତବ୍ୟ ରଖି ପୂର୍ବରୁ ହିତାଧିକାରୀ ମାନଙ୍କୁ ସୋଲାର ବସାଇବାକୁ ସବସିଡି ଅର୍ଥ ପରେ ଏବଂ ମିଟର ବସାଯିବା ଖର୍ଚ୍ଚକୁ ଛାଡି ୧ହଜାର୮୭୫ଟଙ୍କା ଦେବାକୁ ପଡୁଥିଲା । ଏହା ସାଧାରଣ ଗରୀବ ଲୋକଙ୍କ ପାଇଁ ମଧ୍ୟ ଏକ ପ୍ରକାର ବୋଝ ଥିଲା । ଏହି ବୋଝ ହାଲୁକା କରିବାକୁ ସେ ନିଜ ପକେଟରୁ ଏହି ଅର୍ଥ ପ୍ରଦାନ କରିବାକୁ ନିଷ୍ପତି ନେଇଛନ୍ତି । ପ୍ରଥମେ ଏହି କାର୍ଯ୍ୟକ୍ରମ ୫ନମ୍ବର ଜୋନରେ ଆରମ୍ଭ ହେଲା । ବିନା ଖର୍ଚ୍ଚରେ ଭେଣ୍ଡର ସମସ୍ତ ଆବଦେନକାରୀଙ୍କ ଗୃହକୁ ସଂଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ପରେ ଖଇରା, କୁପାରୀ ଓ ଅନ୍ତରା ଜୋନରେ ଶୁଭାରମ୍ଭ କରାଯିବ ବୋଲି ଉଲ୍ଲେଖ କରିଥିଲେ । ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ମାନସ ଦାଶ, ଅଚ୍ୟୁତପୁର ସରପଂଚ ଅପର୍ଣ୍ଣା ପାତ୍ର,ସମିତି ସଭ୍ୟା ସସ୍ମିତା ପଣ୍ଡା, ଡଗରପଡା ସମିତିସଭ୍ୟ ବିମ୍ବାଧର ଦଳେଇ, ଭାଜପା ନେତା ବାବାଜୀ ମହାନ୍ତି, ପୁର୍ବତନ ସମିତିସଭ୍ୟ ନିଳାମ୍ବର ପଣ୍ଡା ପ୍ରମୁଖ ବିଧାୟକଙ୍କ ୨୪ମାସ କାର୍ଯ୍ୟକାଳ ମଧ୍ୟରେ ଖଇରା ସିମୁଳିଆରେ ହୋଇଥିବା ବିକାଶର ଚିତ୍ର ପ୍ରଦାନ କରିଥିଲେ ।





# ମହାକାଶ ବିଜ୍ଞାନ ଓ ସ୍ଥାପତ୍ୟ କଳାରେ ବିଶ୍ୱଜିତ୍ଙ୍କ ସୁନାମ

ବ୍ରହ୍ମପୁର(ନି.ପ୍ର.) : ମହାକାଶ ବିଜ୍ଞାନ ଓ ସ୍ଥାପତ୍ୟ କଳାର ସମନ୍ୱୟରେ ଏବେ ସାରା ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ଓଡ଼ିଆ ପୁଅ ବିଶ୍ୱଜିତ୍ ଦାଶ ଓ ପୃଥ ?ବୀ ବାହାରେ ମାନବ ସଭ୍ୟତାର ବାସସ୍ଥାନ କିପରି ହେବ, ସେନେଇ ନିଜର ଅଭିନବ ଏବଂ ଭବିଷ୍ୟତବାଦୀ ଦୃଷ୍ଟିକୋଣ ପାଇଁ ସେ ଆଜି ଓଏକ ପରିଚିତ ନାମ । ବ୍ରହ୍ମପୁର ର ଏହି ମେଧାବୀ ଯୁବକ ମହାକାଶ ସ୍ଥାପତ୍ୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ।

ବିଶ୍ୱଜିତ୍ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ସ୍ଥାପତ୍ୟ ରେ ସ୍ନାତକ ହାସଲ କରିବା ସହ ସେଠାରେ ଏକା ଡେମିକ୍ ସ୍ୱର୍ଣ୍ଣପଦକ ବିଜେତା ହୋଇଛନ୍ତି । ତାଙ୍କର ଅସାଧାରଣ ପ୍ରତିଭା ପାଇଁ ସେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କି ଟେକ୍ଟ ସ୍' ଦ୍ୱାରା ସବୋତମ ଛାତ୍ର ପୁରସ୍କାର ରେ ମଧ ସମ୍ମାନିତ । ଜଣେ ମହାକାଶ ସ୍ଥପତି, ଗବେଷକ, ଡିଜାଇନର୍ ଏବଂ ବହୁବିଧ ଶିଳ୍ପୀ ଭାବରେ ସେ ମାନବ ମହାକାଶ ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ କାର୍ଯ୍ୟ କରୁଛନ୍ତି । ବିଶେଷ କରି ପୁନର୍ଜନ୍ମକାରୀ ବାସସ୍ଥାନ, ବନ୍ଦ-ଲୁପ୍ ସିଷ୍ଟମ ଏବଂ ମାନବ – କେନ୍ଦ୍ରିକ ବାହ୍ୟ ପରି ବେଶ ନିର୍ମାଣ ଉପରେ ତାଙ୍କର ଗବେଷଣା କେନ୍ଦ୍ରୀଭୂତ । ମହାକାଶ ମିଶନରେ ନେତୃତ୍ୱ : ବିଶ୍ୱଜିତ୍ ଆର୍କାସ 'ସ୍ପେସ୍ ଆର୍କିଟେକ୍ଚର ଡିଜାଇନ୍ ରିସର୍ଚ ଲ୍ୟାବ୍ସ'ର ସହ-ପ୍ରତିଷ୍ଠାତା, ଯାହା ଏକ ଇସ୍ରୋ ପଞ୍ଜିକୃତ ସ୍ପେସ୍ ଟ୍ୟୁଟ ? । ଏଥି ସହ ସେ 'ଟାଇଟାନ୍ସ ସ୍ପେସ୍ ଇଣ୍ଡଷ୍ଟ୍ରିଜ୍'ର ସ୍ପେସ୍ ଆର୍କିଟେକ୍ଚର ଟାସ୍କଫୋର୍ସରେ ଡେପୁଟି ଡାଇରେକ୍ଟର ଭାବରେ ଦାୟିତ୍ୱ ତୁଲାଇଛନ୍ତି । ବର୍ତ୍ତମାନ ସେ ଏକ ଐତିହାସିକ ମିଶନର ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଛନ୍ତି । ଜୁଲାଇ ୨୦୨୬ରେ ପୋଲାଣ୍ଡର ଲୁନିଆରେସ୍ 'ଆନାଲଗ୍ ରିସର୍ଚ୍ଚ ଷ୍ଟେସନ'ରେ ଅନୁଷ୍ଠିତ ହେବାକୁ ଥିବା ସମ୍ପୂର୍ଣ୍ଣ ଭାରତୀୟ ଆନାଲଗ୍ କୁ ମିଶନ 'ବ୍ୟୋମ ସେତୁ-୧'ର ସେ ନେତୃତ୍ୱ ନେବେ । ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି - ଏକ ସମ୍ପୂର୍ଣ୍ଣ ବି ଛି ନ୍ନ ପରି ବେଶରେ ମହାକାଶଚାରୀଙ୍କ ମାନସିକ ସ୍ଥିରତା, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ମାନବ ଅନୁକୂଳନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା । ଏହା ଆନାଲଗ୍ ଟୁଡେ, ଲୁନାର୍ ଟ୍ୟୁମରୋ ଦୃଷ୍ଟିକୋଣ ଉପରେ ଆଧାରିତ । ଓଡ଼ିଶାର ପ୍ରଥମ ଆନାଲଗ୍ ମହାକାଶଚାରୀ : ଓଡ଼ିଶାର ଜଣେ ମୂଳ ବାସିନ୍ଦା ଭାବରେ ସେ ବିଶ୍ୱସ୍ତରୀୟ ମଂଚରେ ରାଜ୍ୟକୁ ପ୍ରତିନିଧି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ମିଶନ ମାଧ୍ୟମରେ ସେ ଓଡ଼ିଶାର ପ୍ରଥମ 'ଆନାଲଗ୍ ମହାକାଶଚାରୀ' ହେବାର ସୌଭାଗ୍ୟ ଅର୍ଜନ କରିବେ । ସ୍ଥାପତ୍ୟ ପୃଷ୍ଠଭୂମି ସହିତ ଭାରତର ପ୍ରଥମ ବାଣିଜ୍ୟିକ ମହାକାଶଚାରୀ ହେବା ତାଙ୍କର ଚୂଡ଼ାନ୍ତ ଲକ୍ଷ୍ୟ । ନିଜର ଏହି ସଫଳତା ଓ ଭବିଷ୍ୟତ ଯୋଜନା ବିଷୟରେ ବିଶ୍ୱଜିତ୍ କୁହନ୍ତି – ମାନବତାର ଭବିଷ୍ୟତ ପୃଥ ?ବୀ ବାହାରେ ନବସୃଜନ, ସ୍ଥିରତା ଏବଂ ଅନୁସନ୍ଧାନରେ ନିହିତ । ଓଡ଼ିଶାର ଯୁବମନ କୁ ବିଶ୍ୱସ୍ତରୀୟ ସ୍ୱପ୍ନ ଦେଖିବା ଏବଂ ମହାକାଶ ବିଜ୍ଞାନର ଭବିଷ୍ୟତରେ ଯୋଗଦାନ ଦେବା ଉଚିତ । ତାଙ୍କର ଏହି ପ୍ରୟାସକୁ ଶିକ୍ଷାବିତ୍ ଏବଂ ସ୍ଥାନୀୟ ବାସିନ୍ଦାମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ଏହା ରାଜ୍ୟର ଯୁବପିଢ଼ିଙ୍କୁ ପାରମ୍ପରିକ କ୍ୟାରିୟର ବାହାରେ ଚିନ୍ତା କରିବାକୁ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ଉଦ୍ଭାବନ ପାଇଁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି ।



ବିଶ୍ୱଜିତ୍ ବ୍ରହ୍ମପୁର ହିଲପାଟନା ନିବାସୀ ତଥା ଓଏସଆର୍ ଟି ସି ର ଅବସରପ୍ରାପ୍ତ ଜିଲ୍ଲା ପରିଚାଳକ ହୃଷୀକେଶ ଦାଶ ଏବଂ ସଞ୍ଜୁକ୍ତା ଦାଶଙ୍କ ସୁପୁତ୍ର ଅଟନ୍ତି । ତାଙ୍କର ଏହି ଅସାଧାରଣ ସଫଳତା ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଏକ ନୂତନ ଆଲୋକବର୍ତ୍ତିକା ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର(ନି.ପ୍ର.) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି କ୍ଷ ଗ୍ଲୋବାଲ ଫାଇନାନ୍ସ ଟେକ୍ନୋଲୋଜି ନେଟ୍ୱର୍କ ଦ୍ୱାରା ପରିଚାଳିତ ପରୀକ୍ଷାରେ ବିଶ୍ୱବିଦ୍ୟାଳୟର ପାଂଚ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି କ୍ଷ ' ଭାରତ ନେତ୍ର ' ଯୋଜନା ଅଧୀନରେ ହୋଇଥିବା ଏହି ଚୟନ ପରୀକ୍ଷାରେ ରବି ବିଷୋୟୀ, ହରପ୍ରିୟା ସାସମଲ, ଅରିଜିତ ସାହୁ, ରୁଦ୍ରନାରାୟଣ ପାଣିଗ୍ରାହୀ ଓ ଶ୍ରାବଣୀ ସାହୁ ପ୍ରମୁଖ କୃତକାର୍ଯ୍ୟ ହୋଇ ' ସାର୍ଟିଫିକେଟ ଅଫ ଫିନଟେକ ଏବଂ ଇନସିଓରଟେକ ( ଉଭଓ ) ପାଠ୍ୟକ୍ରମରେ ଯୋଗ ଦେବା



ନିମନ୍ତେ ସେମାନେ ଦଶଜଣିଆ କୃତିତ୍ୱ ସମ୍ପନ୍ନ ଦଳରେ ଅନ୍ତର୍ଭୂକ୍ତ ହୋଇ ଜାପାନର ଟୋକିଓ ସହରକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି କ୍ଷ ଏଥି ନିମନ୍ତେ ଭାରତରୁ ପ୍ରତିନିଧିତ୍ୱ କରିବା ସହିତ ଡିଜିଟାଲ ଫାଇନାନ୍ସ ଟେକ୍ନୋଲୋଜିରେ ଅଧିକ ଜ୍ଞାନ କୌଶଳ ହାସଲ କରିବେ ଓ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାର ଦକ୍ଷତା ଅର୍ଜନ କରିବେ କ୍ଷ ଛାତ୍ରଛାତ୍ରୀଙ୍କ ଏହି ସଫଳତା ହେତୁ ବିଶ୍ୱବିଦ୍ୟାଳୟର ତଥା ସମଗ୍ର ଦେଶର ଗୌରବ ବୃଦ୍ଧି ହୋଇଛି କ୍ଷ କୁଳପତି ପ୍ରଫେସର ଅସୀମା ସାହୁ, ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏହି ସଫଳତା ନିମନ୍ତେ କୃତିତ୍ୱ ହାସଲ କରିଥିବା ପାଂଚ ଛାତ୍ରଛାତ୍ରୀ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଜି. ଏଫ. ଟି. ଏନ. ର ନୋଡାଲ ଅଫିସର ଡ. ଅନ୍ନପୂର୍ଣ୍ଣା ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ନୀଳଗିରି ବ୍ଲକ ଚେୟାରମ୍ୟାନଙ୍କୁ ଜିଲ୍ଲା ମହିଳା ସଭାପତି ଦାୟିତ୍ୱ

ନୀଳଗିରି,(ନି.ପ୍ର.): ନୀଳଗିରି ବ୍ଲକ ଚେୟାର ମ୍ୟାନ କୁ ବାଲେଶ୍ୱର ଜିଲ୍ଲାର ମହିଳା ସଭାପତି ଭାବେ ଦାଇତ୍ୱ ଦେଇଛନ୍ତି ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ । ଖବର ପ୍ରଚାରିତ ହେବା ପରେ ସମଗ୍ର ନୀଳଗିରି ଅଂଚଳ ସମେତ ବାଲେଶ୍ୱରରେ ଆନନ୍ଦର ଲହରୀ ଖେଳି ଯାଇଛି ତତସହିତ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟିଛି । ଏନେଇ ନବନିଯୁକ୍ତ ମହିଳା ସଭାପତି ଶୁଭଲକ୍ଷ୍ମୀ ମାଝିଙ୍କୁ ପଚାରିବାରୁ ମୋ ଭଳି ଜଣେ ଆଦିବାସୀ ନାରୀ ଉପରେ ଆସ୍ଥା ପ୍ରକଟ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାରେ ଯେଉଁ ଗୁରୁ ଦାଇତ୍ୱ ଦେଇଛନ୍ତି ତାହା ଶତ ପ୍ରତିଶତ ଚେଷ୍ଟା କରିବି । ଏହାର ଶ୍ରେୟ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି,ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୋରୋ ବିଧାୟକ ମାଧବ ଧଡ଼ା, ବାଲେଶ୍ୱର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜୀବନ ପ୍ରଦୀପ ଦାସ, ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ଜେନା ପ୍ରମୁଖଙ୍କୁ ଧନ୍ୟବାଦ ଦେଇଛନ୍ତି ।ସୂଚନା ଯୋଗ୍ୟ ଶ୍ରୀମତୀ ମାଝୀ ନୀଳଗିରି ବ୍ଲକ ଭଉଁରିଆବାଡ ପଂଚାୟତ ତେରଳଡ଼ିହି ଗ୍ରାମର ରିଜର୍ଭ ବ୍ୟାଙ୍କ ର ଅବସର ପ୍ରାପ୍ତ ମହା ପ୍ରବନ୍ଧକ ମଦନ ମୋହନ ମାଝୀ ଙ୍କ ସହ ଧର୍ମିଣୀ ଶ୍ରୀମତୀ ମାଝୀ ଅଟନ୍ତି ।



# ସ୍ୱାଗତ ସମାରୋହ ଓ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା(ନି.ପ୍ର.) ସ୍ଥାନୀୟ ହଂ. କଟାପାଲି ସ୍ଥିତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ବୃନ୍ଦାବନ ମେହେରଙ୍କ ଅଧ୍ୟକ୍ଷତାରେ ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ମାନଙ୍କର ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଶ୍ରୀଯୁକ୍ତ ବୃନ୍ଦାବନ ମେହେର, ଶିକ୍ଷା ବିଭାଗର ଅଧ୍ୟାପିକା ଶ୍ରୀମତୀ ମନ୍ଦାକିନୀ ଶତପଥୀ ଓ ଓଡ଼ିଆ ବିଭାଗର ଅଧ୍ୟାପିକା



ଶ୍ରୀମତୀ ପୁଷ୍ପଲତା ପ୍ରଧାନ ନବାଗତ ମାନଙ୍କୁ ଭଲ ପାଠ ପଢି ସୁସ୍ଥ ସମାଜ ଗଠନରେ ସହାୟକ ହୁଅ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ତାପରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ରେଡକ୍ରସର ସଂଯୋଜିକା ମନ୍ଦାକିନୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ କରି ମହାବିଦ୍ୟାଳୟରୁ କଟାପାଲି ଗ୍ରାମ ପର୍ଯ୍ୟନ୍ତ ଏକ ସଚେତନତା ରେଲି କରାଯାଇଥିଲା । ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ ପୂର୍ବକ ସହଯୋଗ କରିଥିଲେ ।

# ଚତୁର୍ବେଦଶତକ ପାରାୟଣ ଯଜ୍ଞ ଓ ବୃକ୍ଷରୋପଣ ଅଭିଯାନ

ଝାରସୁଗୁଡ଼ା(ନି.ପ୍ର.) ସମଗ୍ର ଦେଶରେ ବୈଦିକ ବିଚାରଧାରାର ପ୍ରଚାର-ପ୍ରସାର କାର୍ଯ୍ୟକୁ ସୁଚାରୁ ରୂପେ କାର୍ଯ୍ୟ କରିଆସୁଥିବା ପ୍ରାଦେଶିକ ପ୍ରତିନିଧି ସଭାଙ୍କ ଯୋଜନାନୁଯାୟୀ ଡିଏଭି ପରିସରରେ ବେଦ ସପ୍ତାହ ତଥା ଶ୍ରାବଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୟାନନ୍ଦଙ୍କର ପୁସ୍ତକ 'ଆର୍ଯ୍ୟାଭିବିନୟରେ ସଂକଳିତ ଉପଯୋଗୀ ବିଚାରଗୁଡ଼ିକୁ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ନିକଟରେ ପହଂଚାଇବା ପାଇଁ ପବିତ୍ର ଚତୁର୍ବେଦଶତକ ପାରାୟଣଯଜ୍ଞରେ ଚାରି ବେଦ ଋଗ୍ ?ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦରୁ ଚୟନ କରାଯାଇଥିବା ୪୦୦ଟି ମନ୍ତ୍ର ଉଚ୍ଚାରଣ କରାଯାଇ ୪୦୦ଟି ଆହୁତି ପ୍ରଦାନ



କରାଯାଇଥିଲା । ବୈଦିକ ମନ୍ତ୍ର ଓ ଯଜ୍ଞର ଆଧ୍ୟାତ୍ମିକ ପରିବେଶ ଛାତ୍ରଛାତ୍ରୀମାନଙ୍କ ମନରେ ବୈଦିକ ସଂସ୍କାର ଓ ମୂଲ୍ୟବୋଧର ଭାବନାକୁ ଦୃଢ଼ କରିଥିଲା । ବୈଦିକ ଚିନ୍ତାଧାରାରେ ନିହିତ ପରିବେଶ ସନ୍ତୁଳନ ଓ ପ୍ରକୃତି ସଂରକ୍ଷଣର ବାର୍ତ୍ତାକୁ ଆହୁରି ସାର୍ଥକ କରିବା ଉଦ୍ଦେଶ୍ୟରେ ଏହି ଅବସରରେ ବିଦ୍ୟାଳୟର ଇକୋ କ୍ଲବର ସଦସ୍ୟମାନଙ୍କ ପକ୍ଷରୁ ଏକ ବୃକ୍ଷରୋପଣ ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା । ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସଂରକ୍ଷଣ ଏବଂ ପ୍ରକୃତିର ଯତ୍ନ ନେବାର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲା । ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସକ୍ରିୟ ମାର୍ଗଦର୍ଶନ ଓ ହବନ ଟିମର ସହଭାଗିତାରେ ଏକ ଆଧ୍ୟାତ୍ମିକ ଓ ମୂଲ୍ୟବୋଧପୂର୍ଣ୍ଣ ଚତୁର୍ବେଦଶତକ ପାରାୟଣ ଯଜ୍ଞ ଆୟୋଜିତ ହୋଇଥିଲା । ଏଥିରେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୬୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

# ବେତନଟୀ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ

ବୈଶିଙ୍ଗା (ନି.ପ୍ର.) ଅଗ୍ରଣୀ ସେବା ସଂସ୍ଥା ବେତନଟୀ ରୋଟାରୀ କ୍ଲବର ୧୦ମ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଦାୟୀ ସଭାପତି ରୋଟାରୀଆନ ଗିରିଧାରୀ ସାହୁ ସଭାପତିତ୍ୱ କରି ଗତ ବର୍ଷର କ୍ଲବର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ଣ୍ଣର ୨୦୨୭-୨୮ ରୋଟାରୀଆନ ଇନ୍ଦ୍ରଜିତ ସାହୁ ଯୋଗଦାନ କରି କ୍ଲବର ଉତୋରତର ଉନ୍ନତି କାମନା କରିବା ସହିତ ବେତନଟୀ ରୋଟାରୀ କ୍ଲବର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଆସିଷ୍ଟାଂଟ ଗଭର୍ଣ୍ଣର ୨୦୨୬-୨୭ ଭାସ୍କର ରଞ୍ଜନ ସ୍ୱାଇଁ ନିଜ ଅଭିଭାଷଣରେ ବେତନଟୀ କ୍ଲବର ଏ ବର୍ଷର କାର୍ଯ୍ୟକ୍ରମର ସଂକ୍ଷିପ୍ତ ସୂଚନା ପ୍ରଦାନ କରି ନୂଆ ନୂଆ ଯୋଜନା ହାତକୁ ନେଇ ଆଗକୁ ଯିବାକୁ ଉତ୍ସାହିତ କରିଥିଲେ । ବିଦାୟୀ ସଂପାଦକ ରୋଟାରୀଆନ ରବିନ୍ଦ୍ର ନାଥ ମିଶ୍ର ନିଜ ଅଭିଭାଷଣରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସହ ସେବା ମନୋବୃତି ନେଇ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ତତ୍ପରେ ଏବର୍ଷର ନୂତନ ସଭାପତି ଭାବେ ରୋଟାରୀଆନ ଶ୍ୟାମପ୍ରସାଦ ମଡୁଆଲ ଓ ନୂତନ ସଂପାଦକ ରୂପେ ରୋଟାରୀଆନ ସଞ୍ଜୟ କୁମାର ଭୂୟାଁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଉଭୟେ କ୍ଲବର ଗଠନମୂଳକ ପଦକ୍ଷେପ ନିମନ୍ତେ ସମସ୍ତ ସଦସ୍ୟମାନଙ୍କୁ ନିବେଦନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମଂଚ ପରିଚାଳନା କରିଥିଲେ ଜନମୋହନ ବେହେରା । ଉତ୍ସବରେ ଉଦଳା, ବାରିପଦା, ବାଲେଶ୍ୱର, ଜଳେଶ୍ୱର, ରାଇବଣିଆ ରୋଟାରୀ କ୍ଲବର ସଦସ୍ୟମାନଙ୍କୁ ଉପଢୌକନ ଓ ପୁଷ୍ପଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବର ସଦସ୍ୟ ରୋଟାରୀଆନ ଶଶଧର ପଣ୍ଡା ଆସିଷ୍ଟାଂଟ ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଥିବାରୁ ଓ ବେତନଟୀ ରୋଟାରୀ କ୍ଲବରେ ପ୍ରଥମ ଥର ପାଇଁ ଯୋଗ ଦେଇଥିବା ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଏବର୍ଷର ନୂତନ ଭାବେ ଗଠିତ କ୍ଲବର କାର୍ଯ୍ୟକର୍ତା ।ଙ୍କ ନାମ ସଭାପତି ଘୋଷଣା କରିଥିଲେ । କ୍ଲବର ନୂତନ ସଦସ୍ୟ ଭାବେ ରୋଟାରୀଆନ ଗୁରୁଚରଣ ଭୂୟାଁ ଓ ରୋଟାରୀଆନ ସିଦ୍ଧାର୍ଥ ଅଗ୍ରୱାଲଙ୍କୁ ମୁଖ୍ୟ ଅତିଥି ପିନ ଆପ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବେତନଟୀ କ୍ଲବର ସଦସ୍ୟ ରୋଟାରୀଆନ ଚାଟାର୍ଡ ପ୍ରେସିଡେଂଟ ଶୈଳେନ୍ଦ୍ର କୁମାର ଖଣ୍ଡେଲୱାଲ, ସୁନୀଲ ଖଣ୍ଡେଲୱାଲ, ବସନ୍ତ କୁମାର ମହାନ୍ତ, ଶିରିଷ ଚନ୍ଦ୍ର ବାରିକ, ପ୍ରକାଶ କୁମାର ବେହେରା, ଡ଼ା ଚନ୍ଦ୍ରଶେଖର ମହାନ୍ତ, ଓ ବେତନଟୀ ସିଭିଲ ସୋସାଇଟିର ସଦସ୍ୟମାନେ । ଶେଷରେ ପ୍ରାକ୍ତନ ସଭାପତି ରୋଟାରୀଆନ ଭଗିରଥ ପଣ୍ଡିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୱାର୍ଲ୍ଡ କଂଟିନେଂଟାଲ ସିଲଭର୍ ଲେଭଲ୍ ଆଥଲେଟିକ୍ସ ମିଟ୍-୨୦୨୬

ବାରିପଦା(ନି.ପ୍ର.) ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ଶୁଭାଶିଷ ନାୟକଙ୍କୁ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ୱାର୍ଲ୍ଡ କଂଟିନେଂଟାଲ ସିଲଭର୍ ଲେଭଲ୍ ଆଥଲେଟିକ୍ସ ମିଟ୍-୨୦୨୬ ପାଇଁ ବୈଷୟିକ ଷ୍ଟାଫ୍ ଭାବେ ଚୟନ କରାଯାଇଛି । ଏହି ଅନ୍ତର୍ଜାତୀୟସ୍ତରୀୟ ଆଥଲେଟିକ୍ସ ମିଟ୍ ଆସନ୍ତା ୨୨ ଅଗଷ୍ଟ ୨୦୨୬ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ରେ ଅନୁଷ୍ଠିତ ହେବ ।ଏକ ପ୍ରତିଷ୍ଠିତ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ବୈଷୟିକ ଦାୟିତ୍ୱ ନିର୍ବାହ ପାଇଁ ଡ. ନାୟକଙ୍କ ଚୟନ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ବିଷୟ । ଏହି ଚୟନ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା, ଅଭିଜ୍ଞତା ଓ ବୈଷୟିକ ଜ୍ଞାନର ସ୍ୱୀକୃତି ବହନ କରୁଛି ।ସୂଚନାଯୋଗ୍ୟ ଯେ, ଡ. ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟରେ ୭୨ତମ ଓଡ଼ିଶା ରାଜ୍ୟ ଜୁନିଅର ଆଥଲେଟିକ୍ସ ଚାମ୍ପିୟନଶିପ୍-୨୦୨୬ ରାଇରଙ୍ଗପୁରସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାର ସଫଳ ଆୟୋଜନରେ ତାଙ୍କର ଦକ୍ଷତା, ଅଭିଜ୍ଞତା ଓ ନେତୃତ୍ୱର ପ୍ରତିଫଳନ ଦେଖିବାକୁ ମିଳିଥିଲା । ଏହି ଗୌରବମୟ ସଫଳତା ପାଇଁ ଡ. ନାୟକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିବା ସହ ବିଶ୍ୱ କଂଟିନେଂଟାଲ୍ ସିଲଭର ଲେଭଲ୍ ଆଥଲେଟିକ୍ସ ମିଟ୍ ?ରେ ତାଙ୍କର ବୈଷୟିକ ଦାୟିତ୍ୱର ସଫଳ ନିର୍ବାହ ପାଇଁ ଶୁଭେଚ୍ଛା ଜଣାଯାଇଛି ।

# ଭୁବନ ପୋଲିସ ପକ୍ଷରୁ ନିଶାମୁକ୍ତ ଅଭିଯାନ, ଛାତ୍ର ଛାତ୍ରୀ ନିଶାମୁକ୍ତ ପାଇଁ ଶପଥ ନେଲେ

ଭୁବନ (ହି.ସ.)- ଢେଙ୍କାନାଳ ଜିଲ୍ଲା ଭୁବନ ପୋଲିସ ପକ୍ଷରୁ ନିଶାମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଭୁବନ ବ୍ଲକ ଅନ୍ତର୍ଗତ ଭୁଷଲ ପିଏମ ଶ୍ରୀ ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ଅଭିଯାନରେ ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁ ଯୋଗଦେଇ ନିଶା ସେବନ ଦ୍ୱାରା ଶାରୀରିକ, ମାନସିକ କୁପ୍ରଭାବ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ପାନ, ଗୁଟଖା, ବିଡି, ସିଗାରେଟ୍ ସେବନ ଦ୍ୱାରା ଅନେକ ଲୋକ ମୁଖ ଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ମଦ୍ୟପାନ ଦ୍ୱାରା ଲିଭର ନଷ୍ଟ ହେଉଛି । ନିଶାଡି ମାନେ ଅବେଳରେ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି ବୋଲି କହିବା ସହ ନିଶା ଠାରୁ ଦୂରେଇ ରହିବା ଓ ପରିବାର ଏବଂ ପଡ଼ୋଶୀରେ ପରିବର୍ତ୍ତନର ଦୂତ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏସ ଆଇ ପ୍ରଦୀପ ଭୂୟାଁ ଛାତ୍ର ଛାତ୍ରୀ ମାନଙ୍କୁ ନିଶାମୁକ୍ତ ପାଇଁ ଶପଥ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ମୟୂରଭଞ୍ଜ ପ୍ରତିଭାଙ୍କ କୃତିତ୍ୱ: ଏନ୍.ପି.ସି.ଆଇ.ଏଲ୍.ରେ ଯୁବ ବୈଜ୍ଞାନିକ ଭାବେ ଚର୍ଚ୍ଚିତଙ୍କ ଯୋଗଦାନ

ବାରିପଦା (ନି.ପ୍ର.)ଖଡ଼ଗପୁର ଆଇ.ଆଇ.ଟି.ରେ ଅଧ୍ୟୟନରତ ଥିବା ବାରିପଦାର ଯୁବପ୍ରତିଭା ଚର୍ଚ୍ଚିତ କବି ଶତପଥୀ ଏକ କଠିନ ସମ୍ମାନଜନକ ସର୍ବଭାରତୀୟ ପ୍ରତିଦ୍ୱନ୍ଦିତାରେ ସାଫଲ୍ୟଲବ୍ଧ ହୋଇ ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ଅଧୀନସ୍ଥ 'ନ୍ୟୁକ୍ଲିଅର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ' (ଏନ୍.ପି.ସି.ଆଇ.ଏଲ୍.) ରେ ଯୁବ ବୈଜ୍ଞାନିକ (ଗ୍ରୁପ୍-ଏ) ଭାବେ ଯୋଗଦାନ କରିଥିବା ସୂଚନା ମିଳିଛି । ସେ ଏହି ଗୌରବ ହାସଲ କରିବାରେ ସମଗ୍ର ଦେଶର ମାତ୍ର ଅଢ଼ଚାଳିଶ ଜଣ ପ୍ରତିଭାଧର ଯୁବ ବୈଜ୍ଞାନିକଙ୍କ ମଧ୍ୟରୁ ଅନ୍ୟତମ ବୋଲି ଜଣାଯାଇଛି । ଶ୍ରୀ ଶତପଥୀ କେନ୍ଦ୍ରୀୟ ବିଦ୍ୟାଳୟରୁ କୃତିତ୍ୱର ସହ ଦଶମ ଓ ଦ୍ୱାଦଶ ଶ୍ରେଣୀ ଉତୀର୍ଣ୍ଣ ହେବା ପରେ ବୁର୍ଲା 'ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି' ରୁ ବି.ଟେକ୍. କରି 'ଗେଟ୍' ରେ ସଫଳତା ହାସଲ କରି ଆଇ.ଆଇ.ଟି. ଖଡ଼ଗପୁରପୁରରେ ଏମ୍.ଟେକ୍. ଶ୍ରେଣୀରେ ଅଧ୍ୟୟନରତ ଥିଲେ ।ଏଥିପୂର୍ବରୁ ସେ ବି.ଟେକ୍. ଶେଷ ବର୍ଷରେ ଥିବା ବେଳେ ହିଁ ସୁପ୍ରତିଷ୍ଠିତ କମ୍ପାନୀ ଡ଼େଲୟେଟ୍ ରେ ଭଲ ପଦରେ ଅଧିଷ୍ଠିତ ହୋଇ ଚାକିରି କରିବାର ସୁଯୋଗ ପାଇଥିଲେ । ବି.ଟେକ୍. ଶେଷ ପରେ ସେଥିରେ କିଛି କାଳ ଚାକିରି କରିଥିଲେ ହେଁ ବୃହତର ଲକ୍ଷ୍ୟ ନେଇ ସେଥିରୁ (ପ୍ରଥମେ ହାଇଦ୍ରାବାଦ ଓ ପରେ କଲିକତାରେ ଅବସ୍ଥାପିତ ହେଇ) ଇସ୍ତଫା ଦେଇଥିଲେ ।ପିତା ସୁଲେଖକ ସୁବକ୍ତା ତଥା ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଏବଂ ମାତା ଅଧ୍ୟାପିକା ଡକ୍ଟର ହିରଣ୍ମୟୀ ଶତପଥୀଙ୍କ ଜ୍ୟେଷ୍ଠ ପୁତ୍ର ଚର୍ଚ୍ଚିତ ସମ୍ପ୍ରତି ଗୁଜୁରାଟର ସୁରତ ନିକଟରେ ଏନ୍.ପି.ସି.ଆଇ.ଏଲ୍.ର ଜଣେ 'କାର୍ଯ୍ୟନିର୍ବାହୀ ଶିକ୍ଷା-ନବୀଶ' ଭାବେ କାର୍ଯ୍ୟାରମ୍ଭ କରିଛନ୍ତି ଏବଂ ସେଠାରେ ଏଗାର ମାସର ବୌଦ୍ଧିକ/ପ୍ରାଶାସନିକ ପ୍ରଶିକ୍ଷଣ ପରେ 'ବୈଜ୍ଞାନିକ ଅଧିକାରୀ' ଭାବେ ଦାୟିତ୍ୱ ତୁଲାଇବେ ବୋଲି ଖବର ମିଳିଛି । ଚର୍ଚ୍ଚିତଙ୍କ ଏହି ଉପଲବ୍ଧିରେ ଏ ଜିଲ୍ଲାର ଶିକ୍ଷାପ୍ରେମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି ଏବଂ ଏହା ଜିଲ୍ଲା ତଥା ରାଜ୍ୟର ବିଜ୍ଞାନ-ଆକାଂକ୍ଷୀ ତରୁଣଙ୍କ ପାଇଁ ଆଶା-ଉତ୍ସାହ-ସଂଚାରକାରୀ ହେବ ବୋଲି ମତ ପ୍ରକାଶ ପାଇଛି ।

# ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘର ଷଷ୍ଠ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶୈକ୍ଷିକ ଉତ୍କର୍ଷ ଓ ପରିବେଶ ସୁରକ୍ଷା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର,: ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘର ଷଷ୍ଠ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଶିକ୍ଷାର୍ଥୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଏକତ୍ରିତ ହୋଇଥିଲେ । ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ ?ଘାଟନ କରିଥିଲେ । ନିଜ ଅଭିଭାଷଣରେ ସେ ଏଭଳି ଆୟୋଜନ ପାଇଁ ପୁରାତନ ଛାତ୍ର ସଂଘ ଓ ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ଅଭିନନ୍ଦନ ଜଣାଇବା ସହ ଶୈକ୍ଷିକ ଉତ୍କର୍ଷକୁ ସର୍ବୋଚ୍ଚ ପ୍ରାଥମିକତା



ଦେବାକୁ ଆହ୍ୱାନ ଦେଇଥିଲେ । ଏଥିସହ ବିଶ୍ୱବିଦ୍ୟାଳୟକୁ ଅଧିକ ପରିବେଶ ଅନୁକୂଳ କରିବା ଦିଗରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ ।ପୁରାତନ ଛାତ୍ର ସଂଘର ସଭାପତି ଡ. ସତ୍ୟଜିତ ମହାନ୍ତି ସ୍ୱାଗତ ଭାଷଣରେ କହିଥିଲେ ଯେ, ଉତ୍କଳ ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ଏହା ଓଡ଼ିଆ ଅସ୍ମିତାର ଏକ ମହାନ ପ୍ରତୀକ । ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଆଲୁମିନି ଆସୋସିଏସନ ନିରନ୍ତର କାର୍ଯ୍ୟ କରିବ ବୋଲି ସେ ପ୍ରକାଶ କରିଥିଲେ ।ଏହି ଅବସରରେ ରାଜ୍ୟପାଳ ଆସୋସିଏସନର ଅଫିସିଆଲ୍ ୱେବସାଇଟ୍ **utkalalumni.org** ର ଶୁଭାରମ୍ଭ କରିବା ସହ ବାର୍ଷିକ ପତ୍ରିକା 'ଉତ୍କଳାୟନ' ଉନ୍ମୋଚନ କରିଥିଲେ । ପରେ ପରେ ସଙ୍ଗୀତ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚାରିଜଣ ବିଶିଷ୍ଟ ପୁରାତନ ଛାତ୍ରଛାତ୍ରୀ ଡ. ଗିରୀଶ ଚନ୍ଦ୍ର ମୁର୍ମୁ, ପଦ୍ମଶ୍ରୀ କୁମକୁମ ମହାନ୍ତି, ଡ. ପ୍ରଶାନ୍ତ ନନ୍ଦ ଓ ଡ. ଉମା ଚରଣ ମହାନ୍ତିଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ । କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ କହିଥିଲେ ଯେ, ୨୦୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଶତବାର୍ଷିକୀ ପାଳନ କରିବ । 'ଭିଜନ୍ ୨୦୪୩'ର ଲକ୍ଷ୍ୟ ହାସଲରେ ପୁରାତନ ଛାତ୍ର ସଂଘ ଏକ ଦୃଢ଼ ସେତୁ ଭାବେ କାର୍ଯ୍ୟ କରିପାରିବ । ଏହି ଦୂରଦୃଷ୍ଟିକୁ ବାସ୍ତବ ରୂପ ଦେବା ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ 'ସହ-ନିର୍ମାତା' ଭାବେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ କୁଳସଚିବ ଡ. ସ୍ୱାତୀ ମିଶ୍ର, ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଜ୍ଞେଶ୍ୱର ଦଣ୍ଡପାଟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ପୁରାତନ ଛାତ୍ର ସଂଘ ପକ୍ଷରୁ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।




# ୩୧ରୁ ରତ୍ନଭଣ୍ଡାର ଗଣତି

ପୁରୀ: ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ତଥା କମାଣ୍ଡରଙ୍କ ପରାମର୍ଶ ଅନୁଯାୟୀ, ଆସନ୍ତା ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ତାରିଖରେ ହେବ ରତ୍ନଭଣ୍ଡାର ଗଣତି । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ ଅନୁଷ୍ଠିତ ହେବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟରେ ସମସ୍ତ ସେବକ ଓ ଶ୍ରଦ୍ଧାଳୁଙ୍କ ସହଯୋଗ ଓ ସହାୟତା କାମନା କରାଯାଇଛି । ଗଣତି ସମୟରେ ରତ୍ନଭଣ୍ଡାରରେ ଥିବା ବିଭିନ୍ନ ମୂଲ୍ୟବାନ ସାମଗ୍ରୀର ହିସାବ ଓ ତଥ୍ୟ ଯାଂଚ କରାଯିବ । ପୂର୍ବରୁ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣକୁ ନେଇ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଇଛି । ଏବେ ନିର୍ଦ୍ଧାରିତ ତାରିଖରେ ଗଣତି କାର୍ଯ୍ୟ ହେବାକୁ ଥିବାରୁ ଏହାକୁ ନେଇ ଶ୍ରୀମନ୍ଦିର ସେବକ ଓ ଭକ୍ତମହଲରେ ଉତ୍ସୁକତା ବଢ଼ିଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀକୁ ଅନୁସରଣ କରି ଗଣତି କାର୍ଯ୍ୟ କରାଯିବ । ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ।

# ଓଡ଼ିଶା ଉପରେ ଦୁଇଟି ସକ୍ରିୟ ଘୂର୍ଣ୍ଣିବଳୟ, ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର: ୪ଦିନ ହେବ ରାଜ୍ୟରେ ବର୍ଷା ନ ଥିବାବେଳେ ଖରା ଓ ଗୁଳୁଗୁଳି ଜାରି ରହିଛି । ଏପରିସ୍ଥିତିରେ ଓଡ଼ିଶା ଉପରେ ଦୁଇଟି ସକ୍ରିୟ ରହିଛି ଘୂର୍ଣ୍ଣିବଳୟ । ୨୪ ଘଂଟାରେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ସମ୍ଭାବନା । ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅନ୍ୟପଟେ ନୟାଗଡରେ ସର୍ବାଧିକ ୩୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି । ଏଥିପାଇଁ ପାଗ ଅନୁକୂଳ ହେଉଥିବାବେଳେ ୨୧ ଜିଲ୍ଲାକୁ ଝଡ଼ବର୍ଷା ନେଇ ସତର୍କ କରିଛି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଶୁକ୍ରବାର ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହିବା ସହିତ ତାପମାତ୍ରା ଅଧିକ ରହିଥିଲା । ତେବେ ଶନିବାରଠାରୁ ଆସନ୍ତା ୬ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।






# ସିଲିଗୁଡ଼ିରେ ଅମିତ ଶାହ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ପଶ୍ଚିମବଙ୍ଗର ବିଭିନ୍ନ ଅଂଶୀଦାର ଏବଂ ପାହାଡ଼ି ଅଂଚଳର ପ୍ରତିନିଧିମାନଙ୍କ ସହ ବୈଠକ ଅନୁଷ୍ଠିତ




ନୂଆଦିଲ୍ଲୀ : ଆଜି ସିଲିଗୁଡିରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ପଶ୍ଚିମବଙ୍ଗର ବିଭିନ୍ନ ଅଂଶୀଦାର ଏବଂ ପାହାଡ଼ି ଅଂଚଳର ପ୍ରତିନିଧିମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ । ରାଜନୈତିକ ପ୍ରତିନିଧି, ସାଂସଦ ରାଜୁ ବିସ୍ତ, ସାଂସଦ ହର୍ଷବର୍ଦ୍ଧନ ସିଙ୍ଗଲା, ପାହାଡ଼ ମନ୍ତ୍ରୀ ବିଶାଲ ଲାମା, ଜିଜେଏମ ନେତା ବିମଲ ଗୁରୁଙ୍ଗ, ଜିଏନଏଲଏଫ ନେତା ମାନ ଘିସିଂ, ବିଧାୟକ ଭାରତ ଛେତ୍ରୀ, ବିଧାୟକ ସୋନମ ଲାମା, ବିଧାୟକ ନୋମାନ ରାୟ, ସିପିଆରଏମ ନେତା ଜେବି ରାୟ, ଗୋରାନିମୋ ନେତା ଦାୱା ପାଖରିନ, ସୁମେଟୀ ନେତା ବିକାଶ ରାୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ପଶ୍ଚିମବଙ୍ଗର ପାହାଡ଼ି ଜନସଂଖ୍ୟା ସହିତ ଜଡ଼ିତ ସମସ୍ତ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଭାରତର ସମ୍ବିଧାନ ଅଧୀନରେ ଏକ ସ୍ୱତନ୍ତ୍ର ପରିଚୟ, ସ୍ଥାୟୀ ରାଜନୈତିକ ସମାଧାନ ଏବଂ ସ୍ୱୀକୃତି ସମ୍ପର୍କିତ ସେମାନଙ୍କର ଦାବି ଗ୍ରହଣ କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀ ଭାରତୀୟ ସମ୍ବିଧାନର ଛାୟା ତଳେ ଶୀଘ୍ର ଏକ ସ୍ଥାୟୀ ରାଜନୈତିକ ସମାଧାନ ପ୍ରତିଶ୍ରୁତି ଦେଇଥିଲେ । ସେ ସମ୍ପ୍ରଦାୟର ଅନ୍ୟ ସମସ୍ତ ଦାବିକୁ ସହାନୁଭୂତିପୂର୍ବକ ଦେଖିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ଏବଂ କହିଥିଲେ ଯେ କେନ୍ଦ୍ରରୁ ପର୍ଯ୍ୟାପ୍ତ ପାଣ୍ଠି ସମସ୍ତ ବିଚାରାଧୀନ ପ୍ରସଙ୍ଗର ଯତ୍ନ ନେବା ନିଶ୍ଚିତ କରିବ । କାର୍ଯ୍ୟପଦ୍ଧତିକୁ ଚୂଡ଼ାନ୍ତ କରିବା ପାଇଁ, ପୂର୍ବତନ ଉପ-ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ବର୍ତ୍ତମାନର ମଧ୍ୟସ୍ଥି ଶ୍ରୀ ପଙ୍କଜ କୁମାର ସିଂହଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିବାକୁ ନିଷ୍ପତି ନିଆଯାଇଥିଲା, ଯାହା ଭାରତର ସମ୍ବିଧାନ ଅନୁଯାୟୀ ପଶ୍ଚିମବଙ୍ଗର ପାହାଡ଼ି ଅଂଚଳର ଲୋକଙ୍କ ପାଇଁ ଏକ ସ୍ଥାୟୀ ରାଜନୈତିକ ସମାଧାନ ପାଇଁ ପ୍ରସ୍ତୁତ ହେବାକୁ ଥିବା ଚୂଡ଼ାନ୍ତ ଚୁକ୍ତିନାମା ସମ୍ପର୍କରେ ବିବରଣୀକୁ ଚୂଡ଼ାନ୍ତ କରିବ । ବୈଠକଟି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସୂତ୍ରରେ ଶେଷ ହୋଇଥିଲା, ବିଭିନ୍ନ ସଂଗଠନର ପ୍ରତିନିଧିତ୍ୱ କରୁଥିବା ସମସ୍ତ ନେତା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ସେମାନଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ମହାନ ଆଭିମୁଖ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ ।

# ଗାନ୍ଧୀନଗରରେ ଜାତୀୟ ଫୋରେନସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ



ଭୁବନେଶ୍ୱର : ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଗୁଜରାଟର ଗାନ୍ଧୀନଗରସ୍ଥିତ ଜାତୀୟ ଫୋରେନସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଡିଜିଟାଲ ଫୋରେନସିକ, ଇନଭେଷ୍ଟିଗେଟିଭ୍ ସାଇକୋଲୋଜି ଏବଂ ଡିଏନଏ ଫୋରେନସିକ ସମ୍ବନ୍ଧୀୟ ଅତ୍ୟାଧୁନିକ ସୁବିଧା ସମ୍ପର୍କରେ ଅବଗତ ହୋଇଛନ୍ତି । ପରିଦର୍ଶନ ସମୟରେ ମନ୍ତ୍ରୀ ଏନଏଫଏସୟୁର କ୍ୟାମ୍ପସ ନିର୍ଦ୍ଦେଶକ ପ୍ରଫେସର (ଡା.) ଏସ୍.ଓ. ଜୁନାରେ ଏବଂ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଆଧୁନିକ ପ୍ରଯୁକ୍ତିର ଉପଯୋଗ ମାଧ୍ୟମରେ ଅପରାଧ ତଦନ୍ତକୁ ଅଧିକ ବୈଜ୍ଞାନିକ ଓ ପ୍ରଭାବଶାଳୀ କରିବା ନେଇ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା । ସୋସିଆଲ ମିଡିଆରେ ନିଜର ପରିଦର୍ଶନ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ଏନଏଫଏସୟୁରେ ଉପଲବ୍ଧ ଅତ୍ୟାଧୁନିକ ଫୋରେନସିକ ସୁବିଧା ଅପରାଧ ତଦନ୍ତର ପରିବର୍ତ୍ତିତ ଆବଶ୍ୟକତା ପୂରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଏବଂ କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଏନଏଫଏସୟୁ ଦେଶର ନ୍ୟାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଦୋଷସିଦ୍ଧି ହାର ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛି ବୋଲି ସେ କହିଛନ୍ତି । ଅପରାଧ ତଦନ୍ତରେ ଫୋରେନସିକ ବିଜ୍ଞାନର ପ୍ରଭାବଶାଳୀ ବ୍ୟବହାର ଦ୍ୱାରା ତଦନ୍ତର ଗୁଣବତା ବୃଦ୍ଧି ପାଇବା ସହ ନ୍ୟାୟିକ ପ୍ରକ୍ରିୟାର ବିଶ୍ୱସନୀୟତା ମଧ୍ୟ ଆହୁରି ମଜବୁତ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି । ଫୋରେନସିକ ବିଜ୍ଞାନ ପାଇଁ ସମର୍ପିତ ବିଶ୍ୱର ପ୍ରଥମ ଏବଂ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଏନଏଫଏସୟୁର ଭୂମିକାକୁ ସେ ପ୍ରଶଂସା କରିଥିଲେ । ବିଶେଷକରି ପ୍ରଯୁକ୍ତିଭିତିକ ଅପରାଧର ମୁକାବିଲା କ୍ଷେତ୍ରରେ ଏହି ପ୍ରତିଷ୍ଠାନର ବିଶେଷଜ୍ଞତା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ । ପରିଦର୍ଶନ ସମୟରେ ଆଧୁନିକ ଅପରାଧ ତଦନ୍ତରେ ଡିଜିଟାଲ ଫୋରେନସିକ, ଡିଏନଏ ବିଶ୍ଳେଷଣ ଏବଂ ବ୍ୟବହାରଭିତିକ ବୈଜ୍ଞାନିକ କୌଶଳର ବଢୁଥିବା ଗୁରୁତ୍ୱ ଏବଂ ଏହାର ପ୍ରଭାବଶାଳୀ ଉପଯୋଗ ନେଇ ମଧ୍ୟ ଆଲୋଚନା ହୋଇଥିଲା ।

# ଏଫଏଚଆରଏଆଇର ୫୬ ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ



ବାରାଣାସୀ / ଭୁବନେଶ୍ୱର : ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ବାରାଣାସୀଠାରେ ଆୟୋଜିତ ଏଫଏଚଆରଏଆଇର ୫୬ତମ ବାର୍ଷିକ ସମ୍ମିଳନୀର ଉଦଘାଟନୀ ଉତ୍ସବରେ ଯୋଗଦେଇଛନ୍ତି । 'ଅନନ୍ତ କାଶୀ: ଆଧ୍ୟାତ୍ମିକତା, ସଂସ୍କୃତି, ବ୍ୟଞ୍ଜନ ଏବଂ କଳା ମାଧ୍ୟମରେ ପର୍ଯ୍ୟଟନର ଭବିଷ୍ୟତ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି, ଉପମୁଖ୍ୟମନ୍ତ୍ରୀ ଓଡ଼ିଶା ଦୃଷ୍ଟିକୋଣରୁ ପର୍ଯ୍ୟଟନ, ହୋଟେଲ ଶିଳ୍ପ, ଗ୍ରାମୀଣ ଅର୍ଥନୀତି ଏବଂ ବିକାଶ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ । କାଶୀ ଏବଂ ଓଡ଼ିଶା ମଧ୍ୟରେ ଥିବା ଆଧ୍ୟାତ୍ମିକ ସମ୍ପର୍କ ବିଷୟରେ ଆଲୋଚନା କରି କହିଥିଲେ ଯେ, କାଶୀର ବାବା ବିଶ୍ୱନାଥ ଏବଂ ପୁରୀର ମହାପ୍ରଭୁ ଶ୍ରୀ ଜଗନ୍ନାଥ 'ହରି' ଓ 'ହର'ଙ୍କ ଏକତାକୁ ଦର୍ଶାନ୍ତି । ଏହା ପର୍ଯ୍ୟଟକଙ୍କୁ କେବଳ ଭ୍ରମଣ ଅନୁଭୂତି ନୁହେଁ, ବରଂ ଭାରତୀୟ ସଂସ୍କୃତିର ଏକ ଗଭୀର ଅନୁଭୂତି ପ୍ରଦାନ କରିଥାଏ । ଓଡ଼ିଶାରେ ସବୁ ପ୍ରକାର ପର୍ଯ୍ୟଟନ ସମ୍ଭାବନା ରହିଛି । ଆପଣଙ୍କର ପ୍ରତ୍ୟେକ ହୋଟେଲ ରହଣି ସ୍ଥାନୀୟ ଚାଷୀ, ହସ୍ତଶିଳ୍ପ, ପରିବହନ ଏବଂ ଶକ୍ତି କ୍ଷେତ୍ରକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ସାହାଯ୍ୟ କରିଥାଏ । ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ରୋଜଗାର ଦେବା ପାଇଁ ହୋଟେଲ ଶିଳ୍ପ ସ୍ଥାନୀୟ ଉତ୍ପାଦ କିଣିବା ସହ ପରିବେଶ ଅନୁକୂଳ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆହ୍ୱାନ ଦେଇଛନ୍ତି । ସରକାର, ହୋଟେଲ ଶିଳ୍ପ ଏବଂ ସ୍ଥାନୀୟ ଲୋକଙ୍କ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶାକୁ ଉତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟ ସହିତ ଯୋଡ଼ି ପର୍ଯ୍ୟଟନ ସର୍କିଟ ଗଢ଼ିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରସ୍ତାବ ମଧ୍ୟ ଦେଇଛନ୍ତି । ନିଜର ଅଭିଭାଷଣ ଶେଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, 'ଭ୍ରମଣରେ ଆସି ସାଥୀରେ ପର୍ଯ୍ୟଟନର, ନିଜର ସୁନ୍ଦର ସ୍ମୃତି ଓ ଅନୁଭୂତି ନିଅନ୍ତୁ' । ସ୍ଥାନୀୟ ଐତିହ୍ୟ ଓ ଲୋକଙ୍କ ବିକାଶକୁ ଧ୍ୟାନରେ ରଖି ପର୍ଯ୍ୟଟନର ଅଭିବୃଦ୍ଧି କରିବାକୁ ଅଂଶଗ୍ରହଣକାରୀଙ୍କୁ ଅନୁରୋଧ କରିଛନ୍ତି । ଉଦଘାଟନୀ ଅଧିବେଶନରେ ଦେଶର ପ୍ରମୁଖ ପର୍ଯ୍ୟଟନ ସଂସ୍ଥାର ପ୍ରତିନିଧି, ହୋଟେଲ ଓ ରେଷ୍ଟୁରାଂଟ ଆସୋସିଏସନ ସଦସ୍ୟ ଓ ଅଧିକାରୀବୃନ୍ଦ ଯୋଗଦେଇଥିଲେ ।

# ଜେଏନପିଟି ମୁମ୍ବାଇରୁ ପ୍ରଥମ ଡବଲ-ଷ୍ଟାକ୍ ଲଙ୍ଗ-ହଲ୍ କଂଟେନର ଟ୍ରେନ୍ ଚଳାଚଳ ଆରମ୍ଭ କଲା ଭାରତୀୟ ରେଳବାଇ




ନୂଆଦିଲ୍ଲୀ : ଭାରତୀୟ ରେଳବାଇ ୨୧.୦୮.୨୦୨୬ ରେ ଏକ ପ୍ରମୁଖ ମାଇଲଖୁଂଟ ସଫଳତା ହାସଲ କରିଛି । ଜେଏନପିଟି ମୁମ୍ବାଇରୁ ଭଦୋଦରା ଡିଭିଜନ୍ର ବର୍ଣ୍ଣମା ଅଭିମୁଖେ ମୋଟ ୩୬୦ ଟିଇୟୁ କଂଟେନର ନେଇ ପ୍ରଥମ ଡବଲ-ଷ୍ଟାକ୍ ଲଙ୍ଗ-ହଲ୍ କଂଟେନର ଟ୍ରେନ୍ର ସଫଳ ଶୁଭାରମ୍ଭ କରାଯାଇଛି । ଏହି ଟ୍ରେନ୍ ପ୍ରାୟ ୪୨୨ କିଲୋମିଟର ଦୂରତା ଅତିକ୍ରମ କରିଥିଲା । ଏହା ୨୧.୦୮.୨୦୨୬ ତାରିଖ ସନ୍ଧ୍ୟା ୭:୦୦ (୧୯:୦୦)ଘଟିକାରେ ଜେଏନପିଟିରୁ ପ୍ରସ୍ଥାନ କରିଥିଲା । ଲଙ୍ଗ୍-ହଲ୍ ଗଠନରେ ଦୁଇଟି ଡବଲ୍-ଷ୍ଟାକ୍ ରେକ୍ ଅନ୍ତର୍ଭୁକ୍ତ ଥିଲା: ଅଗ୍ରଣୀ ରେକ୍: ଜେଏନପିଟି ଭଦୋଦରା । ଲୋଡ୍: ୪୫ + ୧ । ଲୋକୋ: ୬୦୩୧୧ । ଟନେଜ୍: ୧୮୧୭ ଟନ୍ । ଟ୍ରେଲିଂ ରେକ୍: ଜେଏନପିଟି-ଭଦୋଦରା । ଲୋଡ୍: ୪୫ + ୧ । ଲୋକୋ: ୨୪,୬୯୦ । ଟନେଜ୍: ୨୧୦୫ ଟନ୍ । ମିଳିତ ଭାବେ, ଏହା ୩୬୦ ଟିଇୟୁ ବହନ କରିଥିଲା, ଯାହା ଏକକ ଦୀର୍ଘ-ଦୂରତା ଗତିବିଧିରେ ଉଲ୍ଲେଖନୀୟ ଭାବରେ ଅଧିକ ପରିମାଣର କଂଟେନର ମାଲ ପରିବହନ କରିବାର କ୍ଷମତା ପ୍ରଦର୍ଶନ କରିଥିଲା । ଲଙ୍ଗ-ହଲ୍ ଡବଲ୍-ଷ୍ଟାକ୍ କଂଟେନର ଟ୍ରେନର ଲାଭ ଟର୍ମିନାଲ ଭିଡ଼ ହ୍ରାସ: ଗୋଟିଏ ଟ୍ରେନରେ ଅଧିକ ସଂଖ୍ୟକ କଂଟେନର ଚଳାଚଳ କରିବା ଦ୍ୱାରା ବନ୍ଦର ଏବଂ ଟର୍ମିନାଲରେ କଂଟେନରଗୁଡ଼ିକର ରହିବାର ସମୟ ହ୍ରାସ ପାଇବ, ଯାହାଦ୍ୱାରା ଟର୍ମିନାଲ ଭିଡ଼ ହ୍ରାସ ପାଇବ ଏବଂ ଦ୍ରୁତ ସ୍ଥାନାନ୍ତର ସୁବିଧା ଉପଲବ୍ଧ ହେବ । ରୋଲିଂ ଷ୍ଟକର ଆବଶ୍ୟକତା ହ୍ରାସ: ଡବଲ୍-ଷ୍ଟାକ୍ ଅପରେସନ୍ ଗୋଟିଏ ଗତିବିଧିରେ ଅଧିକ କଂଟେନର ପରିବହନ କରିବାକୁ ସକ୍ଷମ କରେ, ସମାନ ମାଲ ପରିବହନ ପରିମାଣ ପରିଚାଳନା ପାଇଁ ଲୋକୋମୋଟିଭ୍ ଏବଂ କଂଟେନର ଫ୍ଲାଟ ୱାଗନର ଆବଶ୍ୟକତାକୁ ହ୍ରାସ କରେ । ମାର୍ଗ ସାମର୍ଥ୍ୟର ଉନ୍ନତ ଉପଯୋଗ: ଗୋଟିଏ ଟ୍ରେନରେ ଅଧିକ କଂଟେନର ବହନ କରିବା ଦ୍ୱାରା ସମାନ ପରିମାଣର ମାଲ ପରିବହନ ପାଇଁ ଆବଶ୍ୟକ ଟ୍ରେନ୍ ଚଳାଚଳ ହ୍ରାସ ପାଇଥାଏ, ଯାହାଦ୍ୱାରା ଉପଲବ୍ଧ ମାର୍ଗ କ୍ଷମତାର ଉନ୍ନତ ଉପଯୋଗ ସମ୍ଭବ ହୋଇଥାଏ । ଗମନାଗମନ ସମୟ ହ୍ରାସ: ଦୀର୍ଘ ଦୂରତା କଂଟେନର୍ ଟ୍ରେନ୍ ପରିଚାଳନା କଂଟେନରର୍ଗୁଡ଼ିକର ଦ୍ରୁତ ଗତିବିଧି ଏବଂ ସ୍ଥାନାନ୍ତରକୁ ସହଜ କରିଥାଏ, ଯାହା ମାଲ ପରିବହନର ସାମଗ୍ରିକ ପରିବହନ ସମୟ ହ୍ରାସ କରିବାରେ ସହାୟକ ହୋଇଥାଏ ।

# ଆସନ୍ତା ୨୫ରେ ବାଲେଶ୍ୱର ଗୌରବ ପକ୍ଷରୁ ସମ୍ବର୍ଦ୍ଧିତ ହେବେ ଇଣ୍ଡିଆନ୍ ଆଇଡଲ୍‌ର ବିଜେତା ଜ୍ୟୋତିର୍ମୟୀ ନାୟକ




ବାଲେଶ୍ୱର : ବାଲେଶ୍ୱରବାସୀଙ୍କ ପାଇଁ ଖୁସିର ଖବର । ଆମ ବାଲେଶ୍ୱରର ଝିଅ ଜ୍ୟୋତିର୍ମୟୀ ନାୟକ ଇଣ୍ଡିଆନ୍ ଆଇଡଲ୍ ରେ ବିଜେତା ହୋଇ ଜିଲ୍ଲାବାସୀଙ୍କ ପାଇଁ ଗୌରବ ଅର୍ଜ୍ଜନ କରିଛନ୍ତି । ଏଥିପାଇଁ ତାଙ୍କୁ ଆସନ୍ତା ୨୫ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ନବଗଠିତ ସଂଗଠନ ବାଲେଶ୍ୱର ଗୌରବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ । ସହରର ଓଟି ରୋଡ଼ ସ୍ଥିତ ସେଲିବ୍ରେଶନ କଲ୍ୟାଣ ମଣ୍ଡପରେ ସନ୍ଧ୍ୟା ୬ ଘଟିକା ସମୟରେ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ସାଂସଦ, ସମସ୍ତ ବିଧାୟକ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଗଠନର ସଭାପତି ଡକ୍ଟର ଲକ୍ଷ୍ମୀନାରାୟଣ ମହାନ୍ତି ଓ ଚେୟାରମେନ ହରେକୃଷ୍ଣ ଦାଶ ସୂଚନା ଦେଇଛନ୍ତି । ଏହି ଅବସରରେ ଆୟୋଜିତ ପ୍ରସ୍ତୁତି ବୈଠକ ରେ ସଂଗଠନର ପେଟ୍ରୋନ ରଘୁନାଥ ପ୍ରଧାନ, ଡକ୍ଟର ଉପେନ୍ଦ୍ର ନାଥ ପାତ୍ର, କିଶୋର ଦାସ, ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଞ୍ଜୀବ ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପଟେଲ୍, ସମ୍ପାଦକ ଦୀପ୍ତି ଦାସ, ବନ୍ଦନା ରାୟ, ସିଦ୍ଧାର୍ଥ ମହାପାତ୍ର, ଦିବ୍ୟ ରଞ୍ଜନ ମହାପାତ୍ର ଓ କୋଷାଧ୍ୟକ୍ଷ ରାଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରେସ୍ ରିଲିଜ୍ :ଆଇଆଇଏମ୍ ସମ୍ବଲପୁର ଦ୍ୱିତୀୟ ବ୍ୟାଚ୍ ବି.ଏସ୍. କାର୍ଯ୍ୟକ୍ରମକୁ ସ୍ୱାଗତ କରୁଛି

ଭୁବନେଶ୍ୱର : ଆଇଆଇଏମ୍ ସମ୍ବଲପୁର ଦ୍ୱିତୀୟ ବ୍ୟାଚ୍ ବି.ଏସ୍. କାର୍ଯ୍ୟକ୍ରମକୁ ସ୍ୱାଗତ କରୁଛି । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ ସମ୍ବଲପୁର ଏହାର ଚାରି ବର୍ଷିଆ ବ୍ୟାଚେଲର ଅଫ୍ ସାଇନ୍ସ କାର୍ଯ୍ୟକ୍ରମର ଡାଟା ସାଇନ୍ସ ଏବଂ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ ମ୍ୟାନେଜମେଂଟ ଏବଂ ସାର୍ବଜନୀନ ନୀତି, ୨୦୨୬-୨୦୩୦ ପାଇଁ ଦ୍ୱିତୀୟ ବ୍ୟାଚ୍ ଆରମ୍ଭ କରିଛି, ଯାହା କୋଣାର୍କ ଅଡିଟୋରିୟମ୍, ଓଓଗ ସମ୍ବଲପୁରରେ ଆୟୋଜିତ ଏକ ଉଦଘାଟନୀ ସମାରୋହ ସହିତ ଆରମ୍ଭ ହୋଇଛି । ଉପସନ୍ଧି ଅଧିବେଶନରେ ମାନ୍ୟବର ବିଚାରପତି ଡକ୍ଟର ବିଦ୍ୟୁତ୍ ରଞ୍ଜନ ସାରଙ୍ଗୀ, ସଦସ୍ୟ, ଜାତୀୟ ମାନବାଧିକାର କମିଶନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଜଷ୍ଟିସ ସାରଙ୍ଗୀ ଭାରତର ଭବିଷ୍ୟତ ଗଠନରେ ନୈତିକ ନେତୃତ୍ୱ, ସାମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଏବଂ ସାର୍ବଜନୀନ ସେବା ପ୍ରତି ଦୃଢ଼ ପ୍ରତିବଦ୍ଧତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅଧିବେଶନରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସୱାଲ ଅଧ୍ୟକ୍ଷତା କରିଥିଲେ, ଯିଏ ନୂତନ ଦଳକୁ ସ୍ୱାଗତ କରିଥିଲେ ଏବଂ ସାମାଜିକ ଦାୟିତ୍ୱବାନ, ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସ୍ନାତକମାନଙ୍କୁ ପୋଷଣ କରିବା ପାଇଁ ପ୍ରତିଷ୍ଠାନର ଦୃଷ୍ଟିକୋଣକୁ ରୂପରେଖା ଦେଇଥିଲେ । ପ୍ରଫେସର ଜୟସୱାଲ ତାଙ୍କ ଭାଷଣରେ ସବୁଜ ବିପ୍ଳବ, ଧଳା ବିପ୍ଳବ, ମହାକାଶ ବିପ୍ଳବ, ଏଆଇ ବିପ୍ଳବର ଉଦାହରଣ ସହିତ ଆଇଆଇଏମ୍ ସମ୍ବଲପୁରରେ ବ୍ୟବହୃତ କେସ୍ ପଦ୍ଧତି, ଶିକ୍ଷଣ ପଦ୍ଧତି ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ହିମାଂଶୁ ଲାଲ, ଆଇପିଏସ୍, ଆଇଜି ପୋଲିସ, ଉତର ରେଞ୍ଜ ଏବଂ ଶ୍ରୀ ମହେଶ ଅଗ୍ରୱାଲ, ଆଇଟି ଏବଂ ଡାଟା ମୁଖ୍ୟ, ଏସବିଆଇ ଜେନେରାଲ ଇନସୁରାନ୍ସ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

# ଲୁସାନ ଡାଏମଣ୍ଡ ଲିଗ୍‌ରେ ନୀରଜ ଚୋପ୍ରା ଦ୍ୱିତୀୟ ସ୍ଥାନରେ




ନୂଆଦିଲ୍ଲୀ : ଲୁସାନ ଡାଏମଣ୍ଡ ଲିଗ୍‌ରେ ଭାରତୀୟ ଜାଭଲିନର କିଂବଦନ୍ତି ପୁରୁଷ ନୀରଜ ଚୋପ୍ରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ୮୮.୦୫ ମିଟର ଦୂରତାକୁ ଜାଭଲିନ ଫିଙ୍ଗି ମାତ୍ର ୯ ସେଂଟିମିଟର ପାଇଁ ଅବଶ୍ୟ ସେ ସ୍ୱର୍ଣ୍ଣରୁ ବଂଚିତ ହୋଇଛନ୍ତି । ଶ୍ରୀଲଙ୍କାର ରମେଶ ଥାରଙ୍ଗା ପାଥିରାଗେ ୮୮.୧୪ ମିଟର ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିଛନ୍ତି । ୨୦୨୬ରେ ନୀରଜଙ୍କର ଏହା ହେଉଛି ସର୍ବଶ୍ରେଷ୍ଠ ପ୍ରଦର୍ଶନ । ଏହା ପୂର୍ବରୁ ଖେଳିଥିବା ଚଳିତ ବର୍ଷର ଅନ୍ୟ ଦୁଇଟି ପ୍ରତିଯୋଗିତାରେ ନୀରଜ ୮୬ ମିଟର ଅତିକ୍ରମ କରିପାରିନଥିଲେ । ତେଣୁ ୮୮ ମିଟର ଦୂରତା ହାସଲ କରିବା ତାଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି । ଶନିବାର ଲୁସାନରେ ନୀରଜ ନିଜ ପ୍ରଥମ ପ୍ରୟାସରେ ୮୩.୫୪ ମିଟର ଫିଙ୍ଗିଥିଲେ । ଅନ୍ୟପକ୍ଷରେ ପାଥିରାଗେ ପ୍ରଥମ ପ୍ରୟାସରେ ୮୫.୯୯ ମିଟର ଫିଙ୍ଗି ଆରମ୍ଭରୁ ଆଗୁଆ ହୋଇଥିଲେ । ଦ୍ୱିତୀୟ ପ୍ରୟାସରେ ରମେଶ ୮୭.୦୬ ମିଟର ଫିଙ୍ଗିଥିଲେ । ଏହାପରେ ନୀରଜ ନିଜ ଦ୍ୱିତୀୟ ପ୍ରୟାସରେ ୮୮.୦୫ ମିଟର ଦୂରତାକୁ ଜାଭଲିନ ଫିଙ୍ଗି ନିଜ ଗତ ଋତୁର ଶ୍ରେଷ୍ଠ ପ୍ରଦର୍ଶନଠାରୁ ୨.୨୩ ମିଟର ଉନ୍ନତି କରିଥିଲେ । ଏହା ସହ ସେ ଶୀର୍ଷ ସ୍ଥାନ ଦୌଡ଼ରେ ସାମିଲ ହୋଇଥିଲେ । କିନ୍ତୁ ତୃତୀୟ ପ୍ରୟାସରେ ପାଥିରାଗେ ୮୮.୧୪ ମିଟର ଫିଙ୍ଗି ପୁଣି ଶୀର୍ଷକୁ ଫେରିଥିଲେ । ଅବଶିଷ୍ଟ ପ୍ରୟାସଗୁଡ଼ିକରେ ଉଭୟ ଖେଳାଳି ନିଜ ଦୂରତାରେ ଉନ୍ନତି କରିପାରିନଥିଲେ । ଫଳରେ ନୀରଜଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ଏହି ପ୍ରତିଯୋଗିତାରେ ଗ୍ରେନେଡାର ଆଣ୍ଡରସନ୍ ପିଟର୍ସ ୮୬.୬୯ ମିଟର ଫିଙ୍ଗି ତୃତୀୟ ହୋଇଛନ୍ତି । ନୀରଜଙ୍କ ଶେଷ ବିଜୟ ଗତବର୍ଷ ଜୁଲାଇରେ ବେଙ୍ଗାଲୁରୁରେ ଆୟୋଜିତ 'ନୀରଜ ଚୋପ୍ରା କ୍ଲାସିକ୍'ରେ ଆସିଥିଲା ।

# ୨୦୨୬-୨୭ ଦୁଲୀପ ଟ୍ରଫି ସିଜିନରେ ଖେଳିବେ ବୈଭବ ସୂର୍ଯ୍ୟବଂଶୀ



ନୂଆଦିଲ୍ଲୀ: ଆଇପିଏଲ ପରେ ଅନ୍ତର୍ଜାତୀୟ କ୍ରିକେଟରେ ବଡ଼ ପାଳି ଖେଳିବା ସହ ବଡ଼ ବଡ଼ ସଟ୍ ମାରି କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଟିମ୍ ଇଣ୍ଡିଆର ଯୁବ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ । ସେ ଟି-୨୦ କ୍ରିକେଟରେ ଭାରତ ପାଇଁ ଡେବ୍ୟୁ କରିସାରିଥିବାବେଳେ ଆଗାମୀ ଦିନରେ କେବେ ଖେଳିବେ ଏହା ଉପରେ କ୍ରୀଡ଼ାପ୍ରେମୀଙ୍କ ନଜର ରହିଥିବାବେଳେ ପୁଣି ଦେଖିବାକୁ ମିଳିବ ବୈଭବଙ୍କ ଝଲକ । ବିସିସିଆଇ ଘରୋଇ କ୍ରିକେଟରେ ଦେଖାଇବେ ଦମ୍ । ଅଗଷ୍ଟ ୨୩ରୁ ଆରମ୍ଭ ହେବାକୁ ଯାଉଛି ୨୦୨୬-୨୭ ଦୁଲୀପ ଟ୍ରଫି ସିଜିନ । ଘରୋଇ କ୍ରିକେଟର ଏହି ବଡ଼ ଟୁର୍ଣ୍ଣାମେଂଟରେ ଯୁବ କ୍ରିକେଟରଙ୍କ ସହ ଅଭିଜ୍ଞ ଖେଳାଳି ମଧ୍ୟ ନଜର ଆସିବେ । ଏଣୁ ବେଶ ରୋମାଂଚକ ହେବାକୁ ଯାଉଛି । ଏଥର ଦୁଲୀପ ଟ୍ରଫିରେ ସବୁଠାରୁ ବଡ଼ ଆକର୍ଷଣ ପାଲଟିଛନ୍ତି ଯୁବ ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ପାଇଁ ଜଣାଶୁଣା ବୈଭବ ଏବେ ଲାଲ୍ ବଲ୍ କ୍ରିକେଟରେ ନିଜର ଯାଦୁ ଦେଖାଇବାକୁ ପ୍ରସ୍ତୁତ । ସେ ବିପକ୍ଷ ବୋଲରଙ୍କୁ କିପରି ସାମ୍ନା କରୁଛନ୍ତି ତାହା ଦେଖିବାକୁ କ୍ରିକେଟ୍ ପ୍ରେମୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି । ତାଙ୍କର ଏହି ପ୍ରଦର୍ଶନ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବେଶ୍ ସହାୟକ ହେବ । ଅନ୍ୟପଟେ, ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଥିବା ଅଭିଜ୍ଞ ଖେଳାଳିମାନଙ୍କ ପାଇଁ ଏହି ଟୁର୍ଣ୍ଣାମେଂଟ ଏକ ବଡ଼ ସୁଯୋଗ ଆଣିଦେଇଛି । ବିଶେଷ କରି ତାରକା ଦ୍ରୁତ ବୋଲର ମହମ୍ମଦ ସାମି, ବିସ୍ଫୋରକ ବ୍ୟାଟର ସର୍ଫରାଜ ଖାନ୍ ଏବଂ ଓପନର ପୃଥ୍ୱୀ ଶ'ଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ନିଜର ଫିଟନେସ୍ ପ୍ରମାଣିତ କରିବା ସହ ଟିମ୍ ଇଣ୍ଡିଆର ଟେଷ୍ଟ ଦଳକୁ ଫେରିବା ପାଇଁ ସାମିଙ୍କ ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ ରହିଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**